www.nirbhaysuchana.com
nirbhaysuchanaepaper.com
www.twitter.com/NirbhaySuchana
www.facebook.com/Nirbhaysuchana

NIRBHAY SUCHANA

# ନିର୍ଭୟ ସୂଚନା

RNI No. ODIODI/2015/65606
Postal RegNo.-CK(N)/22/2021-2023

Vol.No.-12, Issue- 38 Friday 09 October, 2026, JAJPUR , Page-8, Rs. 5/- | ବର୍ଷ-୧୨, ସଂଖ୍ୟା-୩୮ ଶୁକ୍ରବାର, ୦୯ ଅକ୍ଟୋବର, ୨୦୨୬, ଯାଜପୁର, ପୃଷ୍ଠା-୮, ମୂଲ୍ୟ-୫ଟଙ୍କା



ଓଁ ଗୌରୀପରଂ ମଦନମନ୍ଦିରା ସୌମ୍ୟାଷ୍ଟମ୍
ଲାଙ୍ଗୁଳାଶୂଳାପରୀମଣ୍ଡିତା ହସ୍ତଯୁଗାଂ
ବ୍ରହ୍ମେନ୍ଦ୍ରରୁଦ୍ର ଗଣବନ୍ଦିତା ପାଦପଦ୍ମଂ
ନିତ୍ୟମ୍ ଭଜାମୀ ବିରଜାମ୍ ବିଗାତନୁରଗମ୍

## ସରକାରଙ୍କ ବଡ଼ ନିଷ୍ପତ୍ତି କ୍ୟାନ୍ସର ଚିକିତ୍ସା ହେବ ଶସ୍ତା



ନୂଆଦିଲ୍ଲୀ ୮/୧୦ :କ୍ୟାନସର ଔଷଧର ରିଟେଲର ଦର ଓ ସର୍ବାଧିକ ଖୁଚୁରା ମୂଲ୍ୟ (ଏମ୍ଆରପି) ମଧ୍ୟରେ ରହିଥିବା ବଡ଼ ବ୍ୟବଧାନକୁ ସୁପ୍ରିମକୋର୍ଟ ଧରିବା ପରେ ଦର ହ୍ରାସ କରିବାକୁ ସରକାର ପ୍ରକ୍ରିୟା ଆରମ୍ଭ କରିଛନ୍ତି। ଅଣ-ସିଡ୍ୟୁଲ୍ କ୍ୟାନସର ଔଷଧର ଟ୍ରେଡ୍ ମାର୍ଜିନକୁ ସର୍ବାଧିକ ୩୦ ପ୍ରତିଶତରେ ସୀମିତ ରଖାଯାଇଛି। ଏହାର ପ୍ରଭାବରେ କିଛି ଔଷଧର ଦର ହ୍ରାସ ପାଇବ ବୋଲି ଆଶା କରାଯାଉଛି। ସରକାର ଗ୍ରହଣ କରିଥିବା ପଦକ୍ଷେପରେ ଉଭୟ ବ୍ରାଣ୍ଡେଡ୍ ଓ ଜେନେରିକ୍ ଔଷଧ, ଘରୋଇ ଓ ଆମଦାନି ହେଉଥିବା ଔଷଧ, ପ୍ୟାଟେଣ୍ଟ ଓ ପ୍ୟାଟେଣ୍ଟ ନଥିବା ଔଷଧକୁ ସାମିଲ କରାଯାଇଛି।

ଏକ ଆକଳନ ଅନୁସାରେ ସରକାରୀ ପଦକ୍ଷେପ ପରେ କିଛି କ୍ୟାନସର ଔଷଧ ଦର ୭୦ ପ୍ରତିଶତ ପର୍ଯ୍ୟନ୍ତ ହ୍ରାସ ପାଇବା ସମ୍ଭାବନା ରହିଛି। ଏହା ଲାଗୁ ହେଲେ ରୋଗୀଙ୍କ ବାର୍ଷିକ ୨୫୦୦ କୋଟି ଟଙ୍କା ସଞ୍ଚୟ ହେବ। ରୋଗୀଙ୍କ ହାତରୁ ହେଉଥିବା ଖର୍ଚ୍ଚ ହ୍ରାସ ପାଇବ। କେତେକ କ୍ୟାନସର ରୋଗର ଔଷଧର ରିଟେଲରଙ୍କୁ ବିକ୍ରି ଦାମ୍? ୨୭୦୦ ଟଙ୍କା ଥିଲା ଓ ରୋଗୀଙ୍କ ପାଇଁ ତାହାର ଏମ୍ଆରପି ୨୭ ହଜାର ଟଙ୍କା ରହିଥିଲା। ଦରରେ ସେହି ବଡ଼ ତାରତମ୍ୟକୁ ନେଇ ନିକଟରେ ସୁପ୍ରିମକୋର୍ଟ ଉଦବେଗ ପ୍ରକାଶ କରିବା ସହ କେନ୍ଦ୍ର ସରକାରଙ୍କୁ ପ୍ରଶ୍ନ କରିଥିଲେ। ଜୀବନ ରକ୍ଷାକାରୀ ଔଷଧ ଦରରେ ଏଭଳି ତାରତମ୍ୟ କାହିଁକି ବୋଲି ସୁପ୍ରିମକୋର୍ଟ ପ୍ରଶ୍ନ କରିଥିଲେ। ଯେତେବେଳେ ସରକାରୀ ଯୋଜନାରେ ମହଙ୍ଗା ଔଷଧ ବ୍ୟବହାର କରାଯାଏ, ତାହାର ପରୋକ୍ଷ ଚାପ ଚିକିତ୍ସଦାତାଙ୍କ ଉପରେ ପଡ଼ିଥାଏ ବୋଲି କୋର୍ଟ କହିଥିଲେ।

# ବରିଷ୍ଠ ଅଭିନେତା ନାନା ପାଟେକରଙ୍କ ପରଲୋକ



ନୂଆଦିଲ୍ଲୀ ୦୮/୧୦: ବଲିଉଡ୍‌ରେ ଶୋକର ଛାୟା । ଆଉ ନାହାନ୍ତି ବରିଷ୍ଠ ଅଭିନେତା ନାନା ପାଟେକର । ୭୫ ବର୍ଷ ବୟସରେ ଦୁନିଆକୁ ବିଦାୟ ଦେଇଛନ୍ତି ନାନା। ଡୋନା ପାଉଲାର ଏକ ଘରୋଇ ହସ୍ପିଟାଲରେ ତାଙ୍କର ଦେହାନ୍ତ ହୋଇଛନ୍ତି। ସେ ଗୋଆର ଡୋନା ପାଉଲାରେ ଥିବା ତାଙ୍କ ଘରେ ଅଚେତ ଅବସ୍ଥାରେ ମିଳିଥିଲେ ଏବଂ ତାଙ୍କୁ ତୁରନ୍ତ ହସ୍ପିଟାଲକୁ ନିଆଯାଇଥିଲା ଯେଉଁଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। କୁହାଯାଉଛି ଯେ ନାନା ପାଟେକରଙ୍କ ହୃଦଘାତ ହୋଇଥିଲା, ଯାହା ପରେ ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ହସ୍ପିଟାଲକୁ ନିଆଯିବା ପରେ, ଡାକ୍ତରମାନେ ପ୍ରାୟ ୪୫ ମିନିଟ୍ ପର୍ଯ୍ୟନ୍ତ ତାଙ୍କୁ ପୁନର୍ଜୀବିତ କରିବାକୁ ଚେଷ୍ଟା କରିଥିଲେ, କିନ୍ତୁ କୌଣସି ପ୍ରତିକ୍ରିୟା ମିଳିନଥିଲା।

ହିନ୍ଦୀ ସିନେମାର ଶ୍ରେଷ୍ଠ ଅଭିନେତାମାନଙ୍କ ମଧ୍ୟରେ ନାନା ପାଟେକରଙ୍କୁ ଗଣାଯାଏ । ସେ ୧୯୭୮ ରେ ଅଭିନୟ ଆରମ୍ଭ କରିଥିଲେ ଏବଂ ତାଙ୍କର ପ୍ରଥମ ଚଳଚ୍ଚିତ୍ର ଥିଲା 'ଗମନ୍' । କିନ୍ତୁ, ୧୯୮୬ ରେ ମୁକ୍ତିଲାଭ କରିଥିବା 'ଅଙ୍କୁଷ' ତାଙ୍କୁ ମାନ୍ୟତା ଦେଇଥିଲା । ସେ ତାଙ୍କ କ୍ୟାରିୟରରେ ହିନ୍ଦୀ ଫିଲ୍ମ ବ୍ୟତୀତ ମରାଠୀ ସିନେମାରେ ମଧ୍ୟ କାମ କରିଥିଲେ । 'ପରିନ୍ଦା', 'ତ୍ରିରଙ୍ଗା', 'କ୍ରାନ୍ତିଭିର୍' ଏବଂ 'ଖାମୋଶି' ଭଳି ଫିଲ୍ମ ମାଧ୍ୟମରେ ସେ ଦର୍ଶକଙ୍କ ହୃଦୟରେ ସ୍ଥାନ ପାଇଥିଲେ ଏବଂ ତାଙ୍କର ଅଭିନୟ ଶକ୍ତି ପ୍ରମାଣ କରିଥିଲେ। ତାଙ୍କ କ୍ୟାରିୟରରେ ସେ କେବଳ ଗମ୍ଭୀର ନୁହଁନ୍ତି ହାସ୍ୟ ଏବଂ ନକାରାତ୍ମକ ଚରିତ୍ରରେ ମଧ୍ୟ ଅଭିନୟ କରିଥିଲେ । 'ପରିନ୍ଦା'ରେ ଜଣେ ଗ୍ୟାଙ୍ଗଷ୍ଟରର ଚରିତ୍ର ତାଙ୍କୁ ଇଣ୍ଡଷ୍ଟ୍ରିରେ ପ୍ରତିଷ୍ଠିତ କରିଥିଲା ଏବଂ ତା'ପରେ ସେ' ପ୍ରହର ',' ତ୍ରିରଙ୍ଗା 'ଏବଂ' କ୍ରାନ୍ତିଭର୍ 'ଭଳି ଫିଲ୍ମରେ ଆଗ୍ନେୟ ଅବତାର ପ୍ରଦର୍ଶନ କରିଥିଲେ । ନାନା ପାଟେକରଙ୍କ ଫିଲ୍ମ ବିଷୟରେ କହିବାକୁ ଗଲେ, ସେ ୨୦୨୫ ମସିହାରେ 'ହାଉସଫୁଲ ୫' ରେ ଅକ୍ଷୟ କୁମାର, ରିତେଶ ଦେଶମୁଖ, ଅଭିଷେକ ବଚ୍ଚନ, ଜ୍ୟାକଲିନ ଫର୍ଣ୍ଣାଣ୍ଡିଜ, ଚିତ୍ରାଙ୍ଗଦା ସିଂହ ଏବଂ ନର୍ଗିସ ଫଖରୀଙ୍କ ପରି କଳାକରଙ୍କ ସହ ନଜର ଆସିଥିଲେ। ଏହା ପରେ, ନାନା ପାଟେକର ଶାହିଦ କପୁରଙ୍କ ଅଭିନୀତ 'ଓ ରୋମିଓ' ଏବଂ ଅନିଲ କପୁରଙ୍କ 'ସୁବେଦାର' ରେ ବିଶେଷ ଅଭିନୟ କରିଥିଲେ।

# ସିଇସିଙ୍କ ଇସ୍ତଫା ଦାବିରେ ଦିଲ୍ଲୀରେ ଇଣ୍ଡିଆ ବ୍ଲକ୍‌ର ବଡ଼ ବିକ୍ଷୋଭ

## ୪୨ ପୂର୍ବତନ ବିଚାରପତିଙ୍କ ଖୋଲା ଚିଠି; 'ଭୋଟ ଚୋରି' କହିବା ସାମ୍ବିଧାନିକ ସଂସ୍ଥା ପ୍ରତି ଅପମାନ



ନୂଆଦିଲ୍ଲୀ ୮/୧୦ : ନିର୍ବାଚନ କମିଶନଙ୍କ ବିରୋଧରେ ଦିଲ୍ଲୀରେ ଥମୁନି ବିରୋଧୀଙ୍କ ରଣହୁଙ୍କାର। ଇଣ୍ଡିଆ ବ୍ଲକର ନେତା ଓ ସାଂସଦ ଆଜି ପୁଣି ଗର୍ଜନ କରିଛନ୍ତି ଦେଶର ରାଜଧାନୀରେ। କନଟ୍ ପ୍ଲେସରୁ ବସରେ ଜନ୍ତରମନ୍ତର ଅଭିମୁଖେ ବାହାରିଥିଲେ ବିରୋଧୀ ସାଂସଦ। ହେଲେ ରାସ୍ତାରେ ପୋଲିସ ଅଟକାଇବାରୁ ପ୍ରତିବାଦ ତୀବ୍ର ହୋଇଥିଲା। ରାହୁଲ ଗାନ୍ଧୀ, ପ୍ରିୟଙ୍କା ଗାନ୍ଧୀଙ୍କ ସମେତ ଅନେକ ବିରୋଧୀ ନେତା ବିକ୍ଷୋଭରେ ସାମିଲ ହୋଇଛନ୍ତି। ରାଜଘାଟ ଅଞ୍ଚଳରେ ଜନସମାବେଶ ଉପରେ ଲାଗିଛି ପ୍ରତିବନ୍ଧକ। ଆଜି କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡଗେଙ୍କ ଲଞ୍ଚ ମିଟିଂ ପରେ ବିରୋଧୀ ସାଂସଦ ରାଜଘାଟ ଅଭିମୁଖେ ବାହାରିଥିଲେ। ରାହୁଲ ଗାନ୍ଧୀ, ପ୍ରିୟଙ୍କା ଗାନ୍ଧୀ ବି ସାମିଲ ହୋଇଥିଲେ। ପୂର୍ବରୁ ଦୁଇ ଦିନ ଧରି ପୋଲିସ ବିରୋଧୀଙ୍କୁ ଅଟକାଇଥିବା ବେଳେ ଆଜି ଦିଲ୍ଲୀ ପୋଲିସ ରାଜଘାଟରେ ପ୍ରତିବାଦ ପାଇଁ ଅନୁମତି ଦେଇଛି। ଗତକାଲିର ବିକ୍ଷୋଭକୁ ନେଇ ରାହୁଲ ଓ ପ୍ରିୟଙ୍କାଙ୍କ ବିରୋଧରେ ୩ଟି ମାମଲା ରୁଜୁ ହୋଇଛି। ପୋଲିସ ଅଧିକାରୀଙ୍କୁ ଆକ୍ରମଣ ଓ ସରକାରୀ କାର୍ଯ୍ୟରେ ବାଧା ଦେବା ଅଭିଯୋଗ ରହିଛି। ତେବେ ଇଣ୍ଡିଆ ବ୍ଲକ୍ କହିଛି, ଜ୍ଞାନେଶ କୁମାରଙ୍କ ଇସ୍ତଫା ନହେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବବ।

ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାରଙ୍କ ବିରୁଦ୍ଧରେ ଦେଶବ୍ୟାପୀ ଭୋଟ ଚୋରି ଅଭିଯୋଗ ଲଗାଇ ନାରାବାଜି କରୁଛନ୍ତି । ତେବେ ଏପରି ଅଭିଯୋଗକୁ ନାପସନ୍ଦ କରିଛନ୍ତି ଦେଶର କିଛି ଅବସରପ୍ରାପ୍ତ ବିଚାରପତି । ନିର୍ବାଚନ କମିଶନ ଏକ ସାମ୍ବିଧାନିକ ସଂସ୍ଥା ହୋଇଥିବାରୁ ଏହାର ପଦ ଓ ଗରିମା ବଜାୟ ରଖି ଏହା ବିରୁଦ୍ଧରେ ଦିଆଯାଉଥିବା ଆପତ୍ତିଜନକ ମନ୍ତବ୍ୟରୁ କ୍ଷାନ୍ତ ରହିବାକୁ ୪୨ ଜଣ ଅବସରପ୍ରାପ୍ତ ବିଚାରପତି ଏହି ମର୍ମରେ ଏକ ଖୋଲା ଚିଠି ଲେଖିଛନ୍ତି । ଏହି ଚିଠିରେ ଉପରୋକ୍ତ ଅବସରପ୍ରାପ୍ତ ବିଚାରପତିମାନେ ଉଲ୍ଲେଖ କରିଛନ୍ତି ଯେ, ରାଜନୈତିକ ଦଳଗୁଡ଼ିକ ପକ୍ଷରୁ ଯେଉଁଭଳି ସାମ୍ବାଧିନିକ ପଦଗୁଡିକ ବିରୁଦ୍ଧରେ ଅଭିଯୋଗ ଅଣାଯାଉଛି, ତାହା ଦେଶର ଗଣତାନ୍ତ୍ର ପ୍ରତି ବିପଦ । ବର୍ତ୍ତମାନ ଦେଶର ମୁଖ୍ୟ ନିର୍ବାଚନ କମିଶନଙ୍କ ଅଫିସ ଆକ୍ରମଣର କେନ୍ଦ୍ରବିନ୍ଦୁ ପାଲଟିଛି । କୌଣସି ତଥ୍ୟ ପ୍ରମଣ ନ ଥାଇ ଏକ ସାମ୍ବିଧାନିକ ସଂସ୍ଥା ବିରୁଦ୍ଧରେ 'ଭୋଟ୍ ଚୋରି', ଚୋର, ଖେଳଣା ଇତ୍ୟାଦି ଅଭିଯୋଗ ଆଣିବା ଅନୁଚିତ । କୌଣସି ସଂସ୍ଥା ବିରୁଦ୍ଧରେ ସମାଲୋଚନା ଗଣତାନ୍ତ୍ରିକ ଅଧିକାର, କିନ୍ତୁ ଅପନିନ୍ଦା ଦେବା ଅଧିକାର ପରିସରଭୁକ୍ତ ନୁହେଁ ବୋଲି ଏହି ଚିଠିରେ ଦର୍ଶାଯାଇଛି । ଭୋଟର ତାଲିକା ସଂଶୋଧନ ବା ଏସଆଇଆର ନିର୍ବାଚନ କମିଶନଙ୍କୁ ପ୍ରଦତ୍ତ ଏକ ସାମ୍ବିଧାନିକ ଦାୟିତ୍ୱ, ସେ ତାହା ନିର୍ବାହ କରୁଛନ୍ତି । ଭରତୀୟ ଲୋକପ୍ରତିନିଧି ଆଇନ-୧୯୫୦ର ଧାରା ୨୧(୩)ରେ ଭୋଟର ତାଲିକା ଯେକୌଣସି ମୁହୂର୍ତ୍ତରେ ସଂଶୋଧନ କରିବାକୁ ନିର୍ବାଚନ କମିଶନଙ୍କୁ କ୍ଷମତା ଦିଆଯାଇଛି । ଦେଶରେ ଅନୁଷ୍ଠିତ ପ୍ରଥମ ସାଧାରଣ ନିର୍ବାଚନ ଠାରୁ ନିର୍ବାଚନ କମିଶନ ବାରମ୍ବାର ଏହି ସଂଶୋଧନ କରିଆସୁଛନ୍ତି । ଏହାକୁ ନିର୍ବାଚନ କମିଶନଙ୍କ ଯଡ଼ଯନ୍ତ୍ର ବୋଲି କହିବା ଅନୁଚିତ ବୋଲି ପୂର୍ବତନ ବିଚାରପତିମାନେ ଏହି ଚିଠିରେ ଉଲ୍ଲେଖ କରିଛନ୍ତି ।

## ଇଣ୍ଡି ମେଣ୍ଟ ପକ୍ଷରୁ ୧୨ ଘଣ୍ଟିଆ ଓଡ଼ିଶା ବନ୍ଦ ପାଳନ

# ଟ୍ରେନ୍, ବସ୍ ଓ ଅଟୋ ଚଳାଚଳ ଠପ୍

ଭୁବନେଶ୍ୱର ୦୮/୧୦: କଂଗ୍ରେସ ନେତୃତ୍ୱାଧୀନ 'ଇଣ୍ଡିଆ ବ୍ଲକ୍' ୧୨ ଘଣ୍ଟିଆ ଓଡ଼ିଶା ବନ୍ଦ ପାଳନ । ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାରଙ୍କ ଇସ୍ତଫା, ଏମ୍ଏମ୍ଡିଆର ବିଲ୍ ପ୍ରତ୍ୟାହାର ଓ ପାଠ୍ୟପୁସ୍ତକ ତ୍ରୁଟି ପ୍ରସଙ୍ଗରେ ରାଜ୍ୟ ଗଣଶିକ୍ଷା ମନ୍ତ୍ରୀଙ୍କ ଇସ୍ତଫା ଦାବିରେ ରାଜ୍ୟ କଂଗ୍ରେସ ଓ ବାମ ଦଳ ପକ୍ଷରୁ ଏହି ବନ୍ଦ ଡାକରା ଦିଆଯାଇଛି । ବନ୍ଦ ପାଳନରେ ସିପିଆଇ, ସିପିଆଇ (ଏମ୍), ସିପିଆଇ (ଏମ୍ଏଲ୍), ଏନ୍ସିପି, ଫରୱାର୍ଡ ବ୍ଲକ, ସମାଜବାଦୀ ପାର୍ଟି, ଆରଜେଡି, ଜେଏମ୍ଏମ୍ ସାମିଲ ହୋଇଛି । ଏ ନେଇ ଆଜି ଭୁବନେଶ୍ୱରରେ ଏକ ପଦଯାତ୍ରା ଓ ବାଇକ୍ ରାଲି କରାଯାଇଛି। ବନ୍ଦ ପାଳନ ବେଳେ ଗାଡ଼ିମୋଟର ଓ ଟ୍ରେନ୍ ଚଳାଚଳ ବାଧାପ୍ରାପ୍ତ ହୋଇଛି।

ଆଜି ସକାଳୁ ସକାଳୁ ଓଡ଼ିଶା ବନ୍ଦ ପ୍ରଭାବ ରାଜଧାନୀ ଭୁବନେଶ୍ୱରେ ଦେଖିବାକୁ ମିଳିଛି। ସକାଳ ୬ଟାରୁ ଆନ୍ଦୋଳନକାରୀମାନେ ବିଭିନ୍ନ ସ୍ଥାନରେ ପିକେଟିଂ କରିବା ସହ ରାସ୍ତାରୋକ କରିଥିଲେ। ଭୁବନେଶ୍ୱର ମାଷ୍ଟର କ୍ୟାଣ୍ଟିନ୍ ଛକରେ କଂଗ୍ରେସ ଓ ଇଣ୍ଡିଆ ବ୍ଲକ୍ କର୍ମକର୍ତ୍ତା ହରତାଳ କରୁଛନ୍ତି । ରେଳ ଷ୍ଟେସନକୁ ପ୍ରବେଶ ଉଦ୍ୟମ ବେଳେ ପୁଲିସ ସହ ଇଣ୍ଡିଆ ବ୍ଲକର କର୍ମୀଙ୍କ ମଧ୍ୟରେ ଠେଲା ପେଲା ପରିସ୍ଥିତି ସୃଷ୍ଟି ହୋଇଛି ।

ସେହିପରି କଟକ ରେଳ ଷ୍ଟେସନରେ ଟ୍ରେନ ରୋକିବାକୁ ଚେଷ୍ଟା କରିଛନ୍ତି କଂଗ୍ରେସ କର୍ମୀ। ଫଳରେ ଆର୍ପିଏଫ୍ ଓ କଂଗ୍ରେସ କର୍ମୀଙ୍କ ମଧ୍ୟରେ ଧସ୍ତାଧସ୍ତି ସ୍ଥିତି ଦେଖିବାକୁ ମିଳିଛି। ସେହିପରି ବନ୍ଦର ପ୍ରଭାବ ବାଲେଶ୍ୱର ସୋରରେ ଦେଖିବାକୁ ମିଳିଛି । ଉତ୍ତରେଶ୍ୱର ୧୬ ନମ୍ବର ଜାତୀୟ ରାଜପଥକୁ ଅବରୋଧ କରିଛନ୍ତି କଂଗ୍ରେସ କର୍ମୀ । ଫଳରେ ଜାତୀୟ ରାଜପଥରେ ଯାନବାହନ ଚଳାଚଳ ପ୍ରଭାବିତ ହୋଇଛି । ଭଦ୍ରକରେ ରାସ୍ତାରେ ଟାୟାର ଜାଳି ଆନ୍ଦୋଳନ ଜାରି ରହିଛି।

ପୁରୀ ରେଳ ଷ୍ଟେସନ ନିକଟରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ରେଳଷ୍ଟେସନ ଭିତରକୁ ପ୍ରବେଶ ପାଇଁ ଉଦ୍ୟମ ବେଳେ ରେଲୱେ ପୁଲିସ ସହିତ ବିକ୍ଷୋଭ କାରୀ ମୁହାଁମୁହିଁ ହୋଇଥିଲେ।




ସେହିପରି ବସ୍ ଷ୍ଟାଣ୍ଡ, ଅଠରନଳା, ତଥା ପୁରୀ କଚେରି ଏବଂ ସମସ୍ତ ସ୍କୁଲ ଓ କଲେଜ, ବ୍ୟାଙ୍କ, ଆଦି ବନ୍ଦ ରଖିବା ପାଇଁ ନିବେଦନ କରିଥିଲେ ଇଣ୍ଡି ମେଣ୍ଟ ବିକ୍ଷୋଭକାରୀ।

ଇଣ୍ଡିଆ ମେଣ୍ଟର ୧୨ ଘଣ୍ଟିଆ ଓଡ଼ିଶା ବନ୍ଦ ଡାକରାର ପ୍ରଭାବରେ କୋରାପୁଟରେ ଦେଖିବାକୁ ମିଳିଛି । ଅଖିଚକ ସମ୍ପୂର୍ଣ୍ଣ ବନ୍ଦ। ଜରୁରୀକାଳୀନ ସେବାକୁ ବାଦ୍ ଦେଇ ସମସ୍ତ ଦୋକାନ ବଜାର ଓ ଗାଡ଼ି ମୋଟର ବନ୍ଦ କରାଯାଇଛି। ଓଡ଼ିଶା ପୁଲିସ ଓଡ଼ିଶା ବନ୍ଦ ବେଳେ ସାରା ରାଜ୍ୟର ସୁରକ୍ଷା ବ୍ୟବସ୍ଥା ଉପରେ କଡ଼ା ନଜର ରଖିଛି । ପୁଲିସ ମହାନିର୍ଦ୍ଦେଶକ ବିନୟ ତୋଷ ମିଶ୍ର ସ୍ଥିତିର ସମୀକ୍ଷା କରିଥିବା ବେଳେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଜନସାଧାରଣଙ୍କ ସୁରକ୍ଷା, ଯାତାୟାତ ବ୍ୟବସ୍ଥା ଓ ସରକାରୀ ତଥା ଜନସାଧାରଣଙ୍କ ସମ୍ପତ୍ତିର ସୁରକ୍ଷା ନେଇ ବ୍ୟାପକ ପୁଲିସ ମୁତୟନ ଅଛନ୍ତି ।

# ଅବଢା ଯୋଜନାରେ ଆଉ ୧୦୦.୮୩ କୋଟି ମଞ୍ଜୁର

ପୁରୀ ୮/୧୦ (ନି.ସୂ):ଶ୍ରୀକ୍ଷେତ୍ର ପୁରୀର ବିକାଶକୁ ଆହୁରି ତ୍ୱରାନ୍ୱିତ କରିବା ଲକ୍ଷ୍ୟରେ ଅବଢା ଯୋଜନା ଅଧୀନ ପ୍ରକଳ୍ପଗୁଡ଼ିକ ପାଇଁ ରାଜ୍ୟ ସରକାର ଆଉ ୧୦୦.୮୩ କୋଟି ଟଙ୍କା ମଞ୍ଜୁର କରିଛନ୍ତି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ଅର୍ଥ ମଞ୍ଜୁର କରିବା ପରେ ପ୍ରକଳ୍ପଗୁଡ଼ିକର ମୋଟ ଅନୁମୋଦିତ ବ୍ୟୟ ୫୫୭.୧୯ କୋଟିରୁ ବୃଦ୍ଧି ପାଇ ୬୫୮.୦୩ କୋଟି ଟଙ୍କାରେ ପହଞ୍ଚିଛି। ଅବଢା (Augmentation Basic Amenities and Development of Heritage and Architecture) ଯୋଜନାରେ ପୁରୀରେ ଜଗନ୍ନାଥବଲ୍ଲଭ ପିଲ୍‌ଗ୍ରିମ୍ ସେଣ୍ଟର (JBPC), ମାର୍କେଟ କମ୍ପ୍ଲେକ୍ସ, ଶ୍ରୀସେତୁ ଏବଂ ମୁସା ନଦୀର ସମ୍ପ୍ରସାରଣ ସମେତ ବିଭିନ୍ନ ବିକାଶମୂଳକ ପ୍ରକଳ୍ପ ଚାଲିଛି। ପ୍ରାରମ୍ଭିକ ଭାବେ ଏସବୁ ପାଇଁ ୫୫୭.୧୯ କୋଟି ଟଙ୍କାର ବଜେଟ ଅନୁମୋଦିତ ହୋଇଥିଲା। ତେବେ ପ୍ରକଳ୍ପର ପରିସର ବୃଦ୍ଧି ସହ ଅତିରିକ୍ତ ନିର୍ମାଣ କାର୍ଯ୍ୟକୁ ସାମିଲ କରାଯାଇଥିବାରୁ ଅଧିକ ଅର୍ଥର ଆବଶ୍ୟକତା ଦେଖାଦେଇଥିଲା। ବିଶେଷକରି ଜଗନ୍ନାଥବଲ୍ଲଭ ପିଲ୍‌ଗ୍ରିମ୍ ସେଣ୍ଟରର ପଞ୍ଚମ ମହଲାରେ ୨ ହଜାର ଆସନ ବିଶିଷ୍ଟ ଏକ ମଲ୍ଟି ପର୍ପୋଜ୍ ହଲ୍ ନିର୍ମାଣ ପାଇଁ ଯୋଜନା ହୋଇଛି। ଏହା ସହିତ ପ୍ରକଳ୍ପ ସମ୍ପର୍କିତ ଅନ୍ୟାନ୍ୟ ଆବଶ୍ୟକ କାମ ପାଇଁ ମଧ୍ୟ ଅତିରିକ୍ତ ବ୍ୟୟ ଆବଶ୍ୟକ ହୋଇଛି। ଏହି ଆବଶ୍ୟକତାକୁ ବିଚାର କରି ମୁଖ୍ୟମନ୍ତ୍ରୀ ପ୍ରକଳ୍ପର ମୋଟ ବ୍ୟୟ ବଢ଼ାଇବାକୁ ଅନୁମୋଦନ ଦେଇଛନ୍ତି। ଫଳରେ ପ୍ରକଳ୍ପ ପାଇଁ ଆଉ ୧୦୦.୮୩ କୋଟି ଟଙ୍କା ବିନିଯୋଗ ହେବ।ମୁଖ୍ୟମନ୍ତ୍ରୀ ମାଝୀ କହିଛନ୍ତି, ମହାପ୍ରଭୁଙ୍କ ଧାମର ବିକାଶ ପାଇଁ ଯେତେ ଅର୍ଥ ଆବଶ୍ୟକ, ତାହା ଯୋଗାଇ ଦିଆଯିବ। ଏଥିପାଇଁ ଅର୍ଥର ଅଭାବ ହେବ ନାହିଁ। ଏହି ମଞ୍ଜୁରି ପରେ ପୁରୀରେ ଚାଲିଥିବା ବିଭିନ୍ନ ଭିତ୍ତିଭୂମି ଓ ଐତିହ୍ୟ ସଂରକ୍ଷଣ ସମ୍ପର୍କିତ କାର୍ଯ୍ୟ ଆହୁରି ଗତିଶୀଳ ହେବ ବୋଲି ଆଶା କରାଯାଉଛି।

# ଚର୍ଚ୍ଚାରେ 'ସୁତୁଲୀ ବାଣ' ଷଡ଼ଯନ୍ତ୍ର !

### ସତ୍ୟବ୍ରତ ପାତ୍ର

ଯାଜପୁର/କୋରେଇ,୮/୧୦(ନି. ସୂ.): ଯାଜପୁର ଜିଲ୍ଲାର ବ୍ୟାସନଗର ସ୍ୱୟଂଶାସିତ ମହାବିଦ୍ୟାଳୟ ଏବଂ ୟୁଏନଏସ୍ (UNS) ମହାବିଦ୍ୟାଳୟ, ମୁଗୁପାଳରେ ଛାତ୍ର ସଂସଦ ନିର୍ବାଚନ ବାତିଲ ହେବା ଘଟଣା ଏବେ କେବଳ ଏକ ଶୈକ୍ଷଣିକ କ୍ୟାମ୍ପସର ପ୍ରସଙ୍ଗ ହୋଇ ରହିନାହିଁ, ବରଂ ଏହା ରାଜ୍ୟ ରାଜନୀତିର ଏକ ବଡ଼ ସମାଲୋଚନାମୂଳକ ଚର୍ଚ୍ଚାର ବିଷୟ ପାଲଟିଛି। ସୋସିଆଲ ମିଡିଆରେ ଭାଇରାଲ ହେଉଥିବା ଭିଡିଓ ଏବେ ପ୍ରଶାସନିକ ଦାବି ଏବଂ ଶାସକ ଦଳର ଷଡ଼ଯନ୍ତ୍ରର ଅସଲ ମୁଖା ଖୋଲିଦେଇଛି। ବିସିଜେଡି (BCJD) ଏବଂ ଏବିଭିପି (ABVP) ର ଶକ୍ତି ପ୍ରଦର୍ଶନର ଏହି ଭିଡିଓ ଏବେ ସ୍ପଷ୍ଟ କରିଦେଇଛି ଯେ, ନିର୍ବାଚନ ବନ୍ଦ ପଛରେ କୌଣସି 'ଅପରିହାର୍ଯ୍ୟ ପରିସ୍ଥିତି' ନଥିଲା, ବରଂ ନିଶ୍ଚିତ ପରାଜୟର ଭୟ ହିଁ ଏକମାତ୍ର କାରଣ ଥିଲା।

ଭିଡିଓରେ ସ୍ପଷ୍ଟ ଦେଖିବାକୁ ମିଳୁଛି ବିଜୁ ଛାତ୍ର ଜନତା ଦଳ (BCJD) ପକ୍ଷରୁ ଶତାଧିକ (ପ୍ରାୟ ୧୦୦) ଛାତ୍ରଛାତ୍ରୀ ସମ୍ପୂର୍ଣ୍ଣ ଜୋସ୍ ଏବଂ ସଙ୍ଗଠିତ ଶୈଳୀରେ କ୍ୟାମ୍ପସରେ ନିଜର ଦବଦବା ଜାହିର କରୁଛନ୍ତି । ଅନ୍ୟପକ୍ଷରେ, ରାଜ୍ୟରେ କ୍ଷମତାରେ ଥିବା ବିଜେପି ସମର୍ଥିତ ଛାତ୍ର ସଙ୍ଗଠନ ଏବିଭିପି (ABVP) ର ଶିବିର ପ୍ରାୟ ଖାଁ ଖାଁ ଲାଗୁଛି, ଯେଉଁଠି ମାତ୍ର ୭ ରୁ ୮ ଜଣ ଛାତ୍ର ଧାରଣା ଦେଉଥିବାର ଦେଖିବାକୁ ମିଳୁଛି। ଦୁଇ ସଙ୍ଗଠନ ମଧ୍ୟରେ ଥିବା ଏହି ଆକାଶ ପାତାଳ ଫରକ ହିଁ ସମସ୍ତ ଗୁମର ଖୋଲିଦେଇଛି। ସେପଟେ ବିଜେପି ବିଧାୟକ ଆକାଶ ଦାସ ନାୟକ ଜଣେ ସେଲିବ୍ରିଟୀ ହୋଇଥିଲେ ବି ଯୁବ ଗୋଷ୍ଠୀ କୁ ବାନ୍ଧି ରଖିବାରେ ସେ ସେତେଟା ସଫଳ ହୋଇପାରି ନାହାନ୍ତି । ଯାହା ତାଙ୍କର ଲୋକପ୍ରିୟତା ଉପରେ ଏବେ ବଡ଼ ପ୍ରଶ୍ନ ଚିହ୍ନ ତିଆରି କରିବ । ତେଣୁ ଯେତେବେଳେ ପ୍ରତିପକ୍ଷର ବିଶାଳ ଜନସମର୍ଥନ ଆଗରେ ମୁକାବିଲା କରିବା ଅସମ୍ଭବ ହୋଇପଡ଼ିଲା, ସେତେବେଳେ କ୍ୟାମ୍ପସରେ ଏକ ନକଲି ଅଶାନ୍ତି ସୃଷ୍ଟି କରିବାର ସହଜ ରାସ୍ତା ଆପଣାଯାଇଥିଲା ବୋଲି ସମାଲୋଚକମାନେ ମତ ରଖୁଛନ୍ତି। ଏହି ପରିପ୍ରେକ୍ଷୀରେ, କଲେଜ ପରିସରରେ ଫୁଟିଥିବା ତଥାକଥିତ 'ବୋମା' ପ୍ରକୃତରେ ଏକ ମାମୁଲି 'ସୁତୁଲୀ ବାଣ' ଥିଲା ବୋଲି ସାଧାରଣରେ ଚର୍ଚ୍ଚା ଜୋର୍ ଧରିଛି। ମାତ୍ର ୭/୮ ଜଣ ପିଲାଙ୍କୁ ନେଇ ସଙ୍ଗଠନ ଚଳାଉଥିବା ଗୋଷ୍ଠୀ ପାଇଁ ବ୍ୟାପକ ହିଂସା ସୃଷ୍ଟି କରିବା ସମ୍ଭବ ନଥିଲା। ତେଣୁ ବ୍ୟାସନଗର ସ୍ୱୟଂଶାସିତ ମହାବିଦ୍ୟାଳୟରେ ନିର୍ବାଚନକୁ ଭଣ୍ଡୁର କରିବା ଏବଂ କଲେଜ କର୍ତ୍ତୃପକ୍ଷଙ୍କୁ ବାହାନା ଯୋଗାଇଦେବା ଉଦ୍ଦେଶ୍ୟରେ ଏହି ସୁତୁଲୀ ବାଣ ଫୁଟାଇ ଏକ କୃତ୍ରିମ ଭୟାବହ 'ଅପରିହାର୍ଯ୍ୟ ପରିସ୍ଥିତି'ର ନାଟକ ରଚନା କରାଯାଇଥିବା ସ୍ପଷ୍ଟ ବାରି ହୋଇପଡୁଛି। ଫଳରେ ଅକ୍ଟୋବର ୮ ତାରିଖରେ ବ୍ୟାସନଗର ସ୍ୱୟଂଶାସିତ ମହାବିଦ୍ୟାଳୟ ନିର୍ବାଚନ ସ୍ଥଗିତ ରଖିବା ସହ କଲେଜ ବନ୍ଦ ଓ ହଷ୍ଟେଲ ଖାଲି କରିବାର ତରବରିଆ ନିର୍ଦ୍ଦେଶନାମା ଜାରି କଲେ। ସେପଟେ ପୂର୍ବରୁ ପ୍ରଶାସନିକ ବାହାନା ଓ ଶାସକ ଦଳର ଚାପ ଯୋଗୁଁ ଅକ୍ଟୋବର ୭ ତାରିଖରେ ୟୁଏନଏସ୍ (UNS) ମହାବିଦ୍ୟାଳୟ , ମୁଗୁପାଳ କର୍ତ୍ତୃପକ୍ଷ ଏକ ନୋଟିସ୍ ଜାରି କରି 'ଅପରିହାର୍ଯ୍ୟ ପରିସ୍ଥିତି ଏବଂ ବାତାବରଣ' (unavoidable situation & circumstances) କାରଣ ଦର୍ଶାଇ +୩ ଛାତ୍ର ସଂସଦ ନିର୍ବାଚନ ବାତିଲ କରିଥିଲେ ।






ଉଭୟ ବିଜ୍ଞପ୍ତିରେ କୌଣସି ବଡ଼ ଧରଣର ଗଣ୍ଡଗୋଳ ବା ଠୋସ୍ କାରଣ ଉଲ୍ଲେଖ ନାହିଁ। ପ୍ରଶାସନର ଏହି ପଦକ୍ଷେପ ପ୍ରମାଣିତ କରୁଛି ଯେ, ଶାସକ ଦଳର ଛାତ୍ର ସଙ୍ଗଠନକୁ ଏକ ଶୋଚନୀୟ ତଥା ଲଜ୍ଜାଜନକ ପରାଜୟରୁ ରକ୍ଷା କରିବା ପାଇଁ ଉପର ମହଲରୁ ସିଧାସଳଖ ଚାପ ପକାଯାଇ କ୍ଷମତାର ଅପବ୍ୟବହାର କରାଯାଇଛି। 'ମୂଲ୍ଲ ମାରିଲେ ଯିବ ସରି' ନୀତି ଆପଣାଇ ପ୍ରାର୍ଥୀପତ୍ର ଦାଖଲର ଠିକ୍ ପୂର୍ବରୁ ଗଣତାନ୍ତ୍ରିକ ପ୍ରକ୍ରିୟାକୁ ହତ୍ୟା କରାଗଲା। ସେହିପରି ବ୍ୟାସନଗର କଲେଜର ପୂର୍ବତନ ଛାତ୍ର ସଂସଦ ସଭାପତି ତଥା ଆଲୁମିନି ସଭାପତି ବିଦ୍ୟାଧର ମହାନ୍ତି ମଧ୍ୟ ସମାନ ଅଭିଯୋଗ ଆଣିଛନ୍ତି ଯେ, କଲେଜରେ ଥିବା ଦୁର୍ନୀତି ଏବଂ ଖାଲି ପଡ଼ିଥିବା ଅଧ୍ୟାପକ ପଦବୀ ପ୍ରସଙ୍ଗକୁ ଲୁଚାଇବା ପାଇଁ ଅଣଛାତ୍ରଙ୍କୁ ଧରି କ୍ୟାମ୍ପସରେ ଅଶାନ୍ତି ସୃଷ୍ଟି କରିବାର ନାଟକ ରଚନା କରାଯାଇଥିଲା । ଅନ୍ୟପଟେ ଏହି ଘଟଣାକୁ ଯଦି ରାଜନୈତିକ ଦୃଷ୍ଟିକୋଣରୁ ବିଶ୍ଳେଷଣ କରାଯାଏ, ତେବେ ଶାସକ ଦଳର ଏହି ପ୍ରତିରକ୍ଷାମୂଳକ ପଦକ୍ଷେପ (Defensive Move) ସମ୍ପୂର୍ଣ୍ଣ ଭାବେ ବ୍ୟାକଫାୟାର୍ (Backfire) କରିଛି। ବରିଷ୍ଠ ବିଜେଡି ନେତା ପ୍ରଣବ ପ୍ରକାଶ ଦାସଙ୍କ ଭାଇ ଭବ ପ୍ରସାଦ ଦାସ (ଲଲ୍) ୨୦୨୪ ସାଧାରଣ ନିର୍ବାଚନ ପରଠାରୁ ଯେଉଁଭଳି ଭାବେ ତୃଣମୂଳ ସ୍ତରରେ ସଙ୍ଗଠନ ସଜାଡ଼ିଛନ୍ତି, ତାହାର ନିଛକ ପ୍ରମାଣ ଏହି କଲେଜଗୁଡ଼ିକରେ ବିସିଜେଡିର ବିଶାଳ ଛାତ୍ର ସମର୍ଥନ। ପୂର୍ବରୁ ଛାତ୍ର ରାଜନୀତିରେ ସକ୍ରିୟ ଥିବା ବିଜୁ ଯୁବ ରାଜ୍ୟ ଉପସଭାପତି ସିଦ୍ଧାର୍ଥ ସାମଲ ଓ ବ୍ୟାସନଗର ଛାତ୍ର ସଭାପତି ସିଦ୍ଧାର୍ଥ ନାୟକଙ୍କ ଦକ୍ଷତାକୁ ଭିତ୍ତି କରି ଲଲ ମଜବୁତ୍ ରଣନୀତି କରିବାରେ ସଫଳ ହୋଇଛନ୍ତି । ବିଜେପି ଏକଥା ଭଲ ଭାବେ ବୁଝିସାରିଥିଲା ଯେ, ଯଦି ନିର୍ବାଚନ ହୁଏ ତେବେ ବିଜେଡି ସମର୍ଥିତ ଛାତ୍ର ନେତାମାନେ ସମସ୍ତ ପଦବୀ ଏକତରଫା ଭାବେ ପୋଛି ନେଇଯିବେ।

କଲେଜ ନିର୍ବାଚନର ଫଳାଫଳ ସିଧାସଳଖ ଆଗାମୀ ପିଢ଼ି ଅର୍ଥାତ୍ ଜେନ୍-ଜି (Gen Z) ଏବଂ ଜେନ୍ ଆଲଫା (Gen Alpha) ଭୋଟରଙ୍କ ମାନସିକତା ଉପରେ ଗଭୀର ପ୍ରଭାବ ପକାଇଥାଏ। ନୂଆ ସରକାର ଆସିବାର କିଛି ମାସ ମଧ୍ୟରେ ଯଦି କ୍ୟାମ୍ପସରେ ଶାସକ ଦଳ ଖାତା ଖୋଲିପାରିବ ନାହିଁ, ତେବେ ସାରା ରାଜ୍ୟକୁ ଏକ ବଡ଼ ନକାରାତ୍ମକ ବାର୍ତ୍ତା ଯିବ। ଏହି ଭୟରୁ ହିଁ ନିର୍ବାଚନ ବନ୍ଦ କରିଦିଆଗଲା। ନିର୍ବାଚନ ବାତିଲ କରି ଶାସକ ଦଳ ହୁଏତ ସାମୟିକ ଭାବେ ନିଜର ଇଜ୍ଜତ ବଞ୍ଚାଇ ଦେଇଛି, କିନ୍ତୁ ଦୀର୍ଘମିଆଦି ଭିତ୍ତିରେ ଏହା ଭବ ପ୍ରସାଦ ଦାସ (ଲଲ୍) ଙ୍କ ସଙ୍ଗଠନକୁ ଏକ ବଡ଼ ରାଜନୈତିକ ମାଇଲେଜ୍ ଦେଇଛି। ବିନା ନିର୍ବାଚନରେ ସ୍ଥାନୀୟ ଅଞ୍ଚଳରେ ବିସିଜେଡିର ସୁଦୃଢ଼ ସ୍ଥିତି ଓ ଏବିଭିପିର ଦୁର୍ବଳତା ଏବେ ଜନସାଧାରଣଙ୍କ ସାମ୍ନାରେ ଦିବାଲୋକ ପରି ସ୍ପଷ୍ଟ। ସୁତୁଲୀ ବାଣର ଆଳ ଦେଖାଇ ଗଣତନ୍ତ୍ରର ସ୍ୱର ଚାପିଦେବାର ଏହି ଚେଷ୍ଟା ଆଗାମୀ ପଞ୍ଚାୟତ ଓ ବିଧାନସଭା ନିର୍ବାଚନ ପାଇଁ ଶାସକ ଦଳ ପାଇଁ ଏକ ବଡ଼ ଚାଲେଞ୍ଜ୍ ସୃଷ୍ଟି କରିବା ସହ ଲଲଙ୍କ ରାଜନୈତିକ ରାସ୍ତାକୁ ଆହୁରି ମଜବୁତ କରିଛି। ଫଳରେ ଏହି ଘଟଣା ଲଲଙ୍କ ମୂଳଦୁଆ ଙ୍କୁ ମଜବୁତ୍ କଲା ବୋଲି ଚର୍ଚ୍ଚା ହେଉଛି ।

## ଆନ୍ନେ କାରସନ୍‌ଙ୍କୁ ସାହିତ୍ୟରେ ନୋବଲ୍



ନୂଆଦିଲ୍ଲୀ ୮/୧୦ : ୨୦୨୬ ମସିହା ପାଇଁ ସାହିତ୍ୟରେ ନୋବେଲ ପୁରସ୍କାର ପାଇଥିବା କାନାଡାର ଲେଖିକା ଆନ୍ କାରସନ୍‌ଙ୍କ ସହ ଭାରତର ଏକ ନିଆରା ସମ୍ପର୍କ ରହିଛି। ତାଙ୍କ ବଡ଼ ଭାଇ ମାଇକେଲ୍ କାରସନ୍ ଦୀର୍ଘ ବର୍ଷ ଧରି ଭାରତ ଓ ୟୁରୋପର ବିଭିନ୍ନ ସ୍ଥାନରେ ଘୂରି ବୁଲିଥିଲେ। ତାଙ୍କ ଜୀବନ ଓ ମୃତ୍ୟୁକୁ ନେଇ ଆନ୍? ୨୦୧୦ରେ 'ନକ୍ସ' ନାମକ ସ୍ମୃତିଗ୍ରନ୍ଥ ଲେଖିଥିଲେ। ମାଇକେଲ୍ ଏକ ଡ୍ରଗ୍ ବିକ୍ରି ମାମଲାରେ ଫସିବା ପରେ ୧୯୭୯ରେ କାନାଡା ଛାଡ଼ିଥିଲେ। ଏହାପରେ ସେ ପ୍ରାୟ ୨୨ ବର୍ଷ ଧରି ନକଲି ପାସ୍‌ପୋର୍ଟ ବ୍ୟବହାର କରି ଭାରତ ଓ ୟୁରୋପରେ ରହିଥିଲେ। ସେ ଘରକୁ ମାତ୍ର ପ୍ରାୟ ୬ ଥର ଫୋନ୍ କରିଥିଲେ। ମାଇକେଲ୍‌ଙ୍କ ଜୀବନର ଏହି ଅଧ୍ୟାୟ 'ନକ୍ସ'ର ମୁଖ୍ୟ ବିଷୟ ପାଲଟିଥିଲା। ୨୦୦୦ରେ କୋପେନହାଗେନ୍‌ରେ ମୃତ୍ୟୁ ପୂର୍ବରୁ ମାଇକେଲ୍ ଆନ୍‌ଙ୍କ କାର୍ଯ୍ୟାଳୟକୁ ଫୋନ୍ କରି ତାଙ୍କୁ ଦେଖା କରିବାକୁ କହିଥିଲେ। ଆନ୍ ତାଙ୍କୁ ଭେଟିବା ପାଇଁ ଯିବାର ଏକ ସପ୍ତାହ ପୂର୍ବରୁ ତାଙ୍କ ମୃତ୍ୟୁ ଖବର ପାଇଥିଲେ। 'ନକ୍ସ'ରେ ମାଇକେଲ୍‌ଙ୍କ ସହ ଜଡ଼ିତ ଫଟୋ, କବିତା, ଚିତ୍ର ଓ ଚିଠି ସମେତ ବିଭିନ୍ନ ସ୍ମୃତି ସାମଗ୍ରୀ ସ୍ଥାନ ପାଇଛି। ଏଥିରେ ଡେନମାର୍କର ଡାକ ଟିକଟ ସହ କାଶ୍ମୀରରୁ ଲେଖାଯାଇଥିବା ଏକ ଚିଠି ଓ କାଶ୍ମୀରର ଏକ ହୋଟେଲ୍‌ର ଲେଖା କାଗଜ ମଧ୍ୟ ରହିଛି।






# ରାଜ୍ୟର ବିଭିନ୍ନ ସ୍ଥାନରେ ଇଣ୍ଡି ମେଣ୍ଟର ବନ୍ଦ ସଫଳ

## ‘ଅଭୂତପୂର୍ବ ଜନସମର୍ଥନ ଦେଉଛି ପରିବର୍ତ୍ତନର ସୂଚନା’

**ବାରିପଦା, ୮।୧୦(ନି.ସୂ) :** କଂଗ୍ରେସ ଦଳ ନେତୃତ୍ୱରେ ଇଣ୍ଡିମେଣ୍ଟ ଆହ୍ୱାନରେ ଦିଆ ଯାଇଥିବା ବନ୍ଦ ଡାକରା ମୟୂରଭଞ୍ଜ ଜିଲ୍ଲାରେ ସଫଳ ହୋଇଥିବା ଦେଖିବାକୁ ମିଳିଛି । ଶାସନରେ ପେସିହୋଇ ଅତିଷ୍ଠ ହୋଇ ପଡିଥିବା ସାଧାରଣ ଲୋକମାନେ ମଧ ବନ୍ଦକୁ ଅକୁଣ୍ଠ ସମର୍ଥନ ଦେଉଥିବା ଭଳି ଘଟଣା ସାମ୍ନାକୁ ଆସିଛି। ଯାହା ଆଗକୁ ଏକ ବଡ଼ ପରିବର୍ତ୍ତନର ବାର୍ତ୍ତାବହ ସାଜିବାକୁ ଯାଉଥିବା ଅନୁମାନ କରାଯାଉଛି ।ତେବେ ଆଜି କଂଗ୍ରେସ ଦଳ ନେତୃତ୍ୱରେ ପାଳିତ ହେଉଥିବା ବନ୍ଦ ଡାକରାରେ ଏମଏମଡିଆର ଆଇନ ରଦ୍ଦ, ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ଇସ୍ତଫା, ମୁଖ୍ୟ ନିର୍ବାଚନ କମିଶନ ଜ୍ଞାନେଶ କୁମାରଙ୍କ ଇସ୍ତଫା, ବନ୍ୟା ବିପନ୍ନଙ୍କୁ ତୁରନ୍ତ ସହାୟତା ଦାବିରେ ଆଜି ଗୁରୁବାର ଦିନ ସକାଳ ୬ଘଟିକାରୁ ସନ୍ଧ୍ୟା ୬ ଘଟିକା ପର୍ଯ୍ୟନ୍ତ ବାର ଘଣ୍ଟିଆ ଓଡିଶା ବନ୍ଦ ଡାକରା ଇଣ୍ଡିଆ ବ୍ଲକ ତରଫରୁ ଦିଆଯାଇଥିବା ବେଳେ ବନ୍ଦର ପ୍ରଭାବ ମୟୂରଭଞ୍ଜ ଜିଲ୍ଲାର ସଦର ମହକୁମା ବାରିପଦା ରୁ ଆରମ୍ଭ କରି ଜିଲ୍ଲାର ୨୬ଟି ବ୍ଲକ ଅଞ୍ଚଳରେ ଦେଖିବାକୁ ମିଳିଛି। ଅନ୍ୟପଟେ ଦଳୀୟ ନେତାଙ୍କ ମଧ୍ୟରେ ପୂର୍ବରୁ ଦେଖାଯାଉଥିବା ମନମାଳିନ୍ୟ,ମନାନ୍ତର,ମତାନ୍ତର ଭୁଲି ଜନସ୍ୱାର୍ଥକୁ ଅଗ୍ରାଧିକାର ଦେଇ ଏକଜୁଟ ହୋଇଥିବା ଦେଖିବାକୁ ମିଳିଛି।

ସେହିପରି ବନ୍ଦର ପ୍ରଭାବରେ ରାସ୍ତାରେ ଗାଡ଼ି ମଟର ଚଳାଚଳ ବ୍ୟାହତ ହୋଇଥିବା ଦେଖିବାକୁ ମିଳିଛି। ତେବେ




ବନ୍ଦ ଡାକରା ପାଇଁ ପୂର୍ବରୁ ସାଧାରଣରେ ପ୍ରଚାର କରି ଲୋକଙ୍କୁ ସଚେତନ କରାଯାଇ ଥିବାରୁ ବନ୍ଦ ପାଇଁ ସମସ୍ୟା ସୃଷ୍ଟି କରିବା ବଦଳରେ ଜନସାଧାରଣ ସମର୍ଥନ ଦେଉଥିବା ଭଳି ଘଟଣା ବାସ୍ତବରେ ପରିବର୍ତ୍ତନର ଆହ୍ୱାନକୁ ସ୍ୱୀକାର କରୁଥିବା ଅନୁଭବ ହେଉଛି । ମାତ୍ର ଏହି ବନ୍ଦର ବ୍ୟାପକ ପ୍ରଭାବ ମୋରଡା ବ୍ଲକ ଅଞ୍ଚଳରେ ମଧ ଦେଖିବାକୁ ମିଳିଛି। ବରିଷ୍ଠ କଂଗ୍ରେସ ନେତା ପ୍ରଭାସକର ମହାପାତ୍ରଙ୍କ ନେତୃତ୍ୱରେ ଆଜି ଶତାଧିକ କଂଗ୍ରେସ କର୍ମୀ ଚିତ୍ରଡା ଏନଏସି ଅନ୍ତର୍ଗତ ଶୀର୍ଷାପାଳ ଛକରେ ଏକତ୍ରିତ ହୋଇ ପରେ ଚିତ୍ରଡା, ମୋରଡା, ଝିଙ୍କିରିଆ, ବାରମାଇଲ ଏବଂ ବ୍ଲକର ଅନ୍ୟ ଅଞ୍ଚଳରେ ଥିବା ସମସ୍ତ ସରକାରୀ, ବେସରକାରୀ କାର୍ଯ୍ୟାଳୟ ସମେତ ସ୍କୁଲ, କଲେଜ, ଦୋକାନ ବଜାର ଶାନ୍ତିପୂର୍ଣ୍ଣ ଭାବେ ବନ୍ଦ କରିଥିଲେ। ଉକ୍ତ ବନ୍ଦରେ ବ୍ଲକର ବରିଷ୍ଠ କଂଗ୍ରେସ ନେତା ମୋହନ ଦାସ, ରାଜଶ ପଢ଼ିହାରୀ,ସେକ. ମୁସ୍ତଫା,ମୋରଡା ନିର୍ବାଚନମଣ୍ଡଳୀ ଯୁବ କଂଗ୍ରେସ ସଭାପତି ତାପସରଞ୍ଜନ ରାଉତ,ଶୁଭ କୁମାର ମହାନ୍ତ, ଅସିତ କୁମାର ବେହେରା ପ୍ରମୁଖ ସାମିଲ ଥିଲା ବେଳେ ନୂତନ ଭାବେ ଜିଲ୍ଲା କମିଟିରେ ସାମିଲ ହୋଇଥିବା ଯୁବନେତା ସ୍ମାରକ ମାଝିଙ୍କର ନେତୃତ୍ୱ ବେଶ ପ୍ରଭାବଶାଳୀ ରହିଥିବା ଲକ୍ଷ୍ୟ କରାଯାଇଥିଲା।

## ଗୋଲାପ ଫୁଲ ଦେଇ ଗାଡି ଅଟକାଇଲେ ବନ୍ଦ ସମର୍ଥକ

**ଖୋରଧା, ୮।୧୦(ନି.ସୂ) :** ଇଣ୍ଡିଆ ମେଣ୍ଟ ପକ୍ଷରୁ ଆହୂତ ୧୨ ଘଣ୍ଟିଆ ଓଡିଶା ବନ୍ଦର ପ୍ରଭାବ ଖୋରଧାରେ ବ୍ୟାପକ ଭାବେ ପରିଲକ୍ଷିତ ହୋଇଛି। ଜିଲା ସଭାପତି ରାଜୀବ ପଟ୍ଟନାୟକଙ୍କ ନେତୃତ୍ୱରେ ବନ୍ଦ ସମର୍ଥକମାନେ ସହରର ବିଭିନ୍ନ ଛକରେ ପିକେଟିଂ କରିବା ସହ ରାସ୍ତାରୋକ କରିଥିଲେ। ଫଳରେ ଗାଡ଼ି ଚଳାଚଳ ଓ ଦୋକାନବଜାର ଉପରେ ବନ୍ଦର ପ୍ରଭାବ ପଡ଼ିଥିଲା। ନୂଆ ବସ୍‌ଷ୍ଟାଣ୍ଡ, ପୁରୁଣା ବସ୍‌ଷ୍ଟାଣ୍ଡ, ମୁକୁନ୍ଦପ୍ରସାଦ ଛକ, ତୋଟାପଡ଼ା ଛକ ଓ ପିତାପଲି ଛକ ସମେତ ବିଭିନ୍ନ ସ୍ଥାନରେ ବନ୍ଦ ସମର୍ଥକମାନେ ଟାୟାର ଜାଳି ରାସ୍ତାରୋକ କରିଥିଲେ। ରାସ୍ତାରେ ଯାତାୟାତ କରୁଥିବା ଗାଡ଼ିଗୁଡ଼ିକୁ ଗୋଲାପ ଫୁଲ ଦେଇ ବନ୍ଦରେ ସାମିଲ ହେବାକୁ ଅନୁରୋଧ କରିବା ସହ ଅଟକାଯାଇଥିଲା।

ତେବେ ଆମ୍ବୁଲାନ୍ସ, ମେଡିକାଲ ଜରୁରୀ ସେବାରେ ନିୟୋଜିତ ଗାଡ଼ି, ଅଗ୍ନିଶମ ବାହିନୀ ଗାଡ଼ି ଓ ପୁଲିସ ପ୍ରଶାସନର ଗାଡ଼ିକୁ ବନ୍ଦରୁ ବାଦ ଦିଆଯାଇଥିଲା। ଜରୁରୀକାଳୀନ ସେବା ଯେପରି ବାଧାପ୍ରାପ୍ତ ନହୁଏ, ସେଥିପ୍ରତି ବନ୍ଦ ସମର୍ଥକମାନେ ଧ୍ୟାନ ଦେଇଥିଲେ। ବନ୍ଦ ପ୍ରଭାବରେ ଖୋରଧା ସହରର ଅନେକ ଦୋକାନବଜାର, ବ୍ୟବସାୟିକ ପ୍ରତିଷ୍ଠାନ ଓ ସରକାରୀ-ବେସରକାରୀ ଅନୁଷ୍ଠାନ ବନ୍ଦ ରହିଥିଲା। ରାସ୍ତାରେ ଯାନବାହନ ଚଳାଚଳ କମିଯିବାରୁ ସାଧାରଣ ଜନଜୀବନ ପ୍ରଭାବିତ ହୋଇଥିଲା। ବନ୍ଦକୁ ଜନସାଧାରଣଙ୍କ ସହଯୋଗ ମିଳିଥିବା ଇଣ୍ଡିଆ ମେଣ୍ଟ ପକ୍ଷରୁ କୁହାଯାଇଛି। ବନ୍ଦ ସଫଳ କରିବାରେ ଖୋରଧା ବିଧାୟକ ପ୍ରାର୍ଥୀନୀ ସୋନାଲି ସାହୁ, ଜିଲା କୋଷାଧକ୍ଷ ତପନ ଚକ୍ରବର୍ତ୍ତୀ, ସ୍ୱାଗତିକା ପଟ୍ଟନାୟକ, ଶିଶିର ପରିଡ଼ା, ଖୋରଧା ନଗର ସଭାପତି ରଣଜିତ ମହାପାତ୍ର, ଜିଲା ଉପସଭାପତି ପ୍ରଦୋଷ ହରିଚନ୍ଦନ, ଜିଲା ସାଧାରଣ ସମ୍ପାଦକ ସାଜିଦ୍ ଖାନ୍, ସୌମ୍ୟ ପଟ୍ଟନାୟକ, ଜିଲା ଯୁବ କଂଗ୍ରେସ କାର୍ଯ୍ୟକାରୀ ସଭାପତି ସୌମ୍ୟ ବରାଳ, ଜିଲା ମହିଳା




ସଭାପତି ଅପସନା ବେଗମ ଓ ଖୋରଧା ବ୍ଲକ ସଭାପତି ତାପସ ମିଶ୍ରଙ୍କ ସମେତ ବହୁ ଦଳୀୟ ନେତା ଓ କର୍ମୀ ସାମିଲ ହୋଇଥିଲେ।ବନ୍ଦ ସମୟରେ ଖୋରଧା ପୁଲିସ ପ୍ରଶାସନ ପକ୍ଷରୁ ଆବଶ୍ୟକ ସୁରକ୍ଷା ବ୍ୟବସ୍ଥା ସହଯୋଗ ଯୋଗାଇ ଦିଆଯାଇଥିଲା। ପୁଲିସର ସହଯୋଗ ଓ ବନ୍ଦ ସମର୍ଥକଙ୍କ ସମନ୍ୱୟ ଯୋଗୁଁ ଖୋରଧାରେ ପ୍ରତିବାଦ କାର୍ଯ୍ୟକ୍ରମ ଶାନ୍ତିପୂର୍ଣ୍ଣ ଭାବେ ସଫଳ ହୋଇଥିବା ଇଣ୍ଡିଆ ମେଣ୍ଟ ପକ୍ଷରୁ କୁହାଯାଇଛି ।ଦୀର୍ଘ ୧୨ ଘଣ୍ଟିଆ ବନ୍ଦ ଯୋଗୁଁ ଖୋରଧାରେ ଯାତାୟାତ ବ୍ୟବସ୍ଥା ପ୍ରଭାବିତ ହେବା ସହ ବ୍ୟବସାୟିକ କାରବାରରେ ମଧ ବାଧା ସୃଷ୍ଟି ହୋଇଥିଲା।

## ଦୋକାନ ବଜାର ବନ୍ଦ, ବିଜେପି ସରକାର ଉପରେ ଗର୍ଜିଲେ ନେତା

**ସାଲେପୁର, ୮।୧୦(ନି.ସୂ) :** ରାଜ୍ୟସରକାର ଓ କେନ୍ଦ୍ର ସରକାରଙ୍କ ଏମଏମଡିଆର,ଏସଆଇଆର,ଓ ନିର୍ବାଚନ କମିଶନ ଅଧକ୍ଷ ଜ୍ଞାନେଶ କୁମାରଙ୍କ ଇସ୍ତଫା ଦାବି ଭଳି ୪ଦଫା ନେଇ ଓଡ଼ିଶା ପ୍ରଦେଶ କଂଗ୍ରେସ ଦଳ ତରଫରୁ ଓଡ଼ିଶା ବନ୍ଦ କରାଯାଇଛି। କଟକ ଜିଲ୍ଲା ସାଲେପୁର ବ୍ଲକ୍ ସାଲେପୁର ଅଞ୍ଚଳରେ କଂଗ୍ରେସ ଦଳର ନେତା ଆକୁବ ଖାଁ ଙ୍କ ନେତୃତ୍ୱରେ ଶହଶହ କଂଗ୍ରେସ କର୍ମୀ ରାଜପଥ ଅବରୋଧ କରିବା ସହ ଡବଲ ଇଞ୍ଜିନ ସରକାର ବିରୁଦ୍ଧରେ




ନାରାବାଜି କରିଥିଲେ। ଡବଲ ଇଞ୍ଜିନ ସରକାର କିପରି ଖଣି ଖାଦାନ ବିକି ଟଙ୍କା ଖାଇବା ଓ ସାଧାରଣ ଜନତାଙ୍କର ଭୋଟ ଦେବା ଅଧିକାରକୁ ଛଡେଇ ନେଉଛି ତାହା ଉପରେ ସାଧାରଣ ଜନତାଙ୍କୁ ବୁଝାଇବା ସହ ବିରୋଧ ପ୍ରଦର୍ଶନ କରିଥିଲେ। ଏହି ଓଡ଼ିଶା ବନ୍ଦ ଡାକରାରେ ସାଲେପୁର ଅଞ୍ଚଳର ପ୍ରାୟ ସମସ୍ତ ଦୋକାନ ବଜାର ବନ୍ଦ ରହିଥିଲା। ଏହି ବନ୍ଦ ଡାକରା କିପରି ଶାନ୍ତି ପୂର୍ଣ୍ଣ ଭାବେ ହେବ ଓ କୌଣସି ଗଣ୍ଡଗୋଳ ହେବନାହିଁ ସେଥିପାଇଁ ସାଲେପୁର ପୋଲିସ ତରଫରୁ ପ୍ରସ୍ତୁତି ଜୋରଦାର ହୋଇଥିଲା।ଏହି ଓଡ଼ିଶା ବନ୍ଦ ଡାକରାରେ ସାଲେପୁର ବ୍ଲକ୍ କଂଗ୍ରେସ ବିଧାୟକ ପ୍ରାର୍ଥୀ ଇଂ ଆକୁବ ଖାଁ,ବ୍ଲକ୍ ସଭାପତି ସରୋଜ କର,ରାଜା ଭୂୟାଁ,ମାନସ ନାୟକ,ଅଶ୍ୱିନି ଦାଶ, ହରେକୃଷ୍ଣ ବେହେରା,ସେକପିର ବକ୍ସ, ଅନ୍ତର୍ଯ୍ୟାମୀ ବେହେରା, ଚନ୍ଦ୍ରକାନ୍ତ କର ସିଫିକୁଲ ଖାଁ ଓ ଶହଶହ କଂଗ୍ରେସ କର୍ମୀ ଯୋଗଦେଇଥିଲେ।

## ରାସ୍ତା ଅବରୋଧ, ଯାତାୟାତ ପ୍ରଭାବିତ

**କନ୍ଧମାଳ, ୮।୧୦(ନି.ସୂ) :** ଇଣ୍ଡିଆ ମେଣ୍ଟର ଆହ୍ୱାନରେ ବିଭିନ୍ନ ଦାବି ନେଇ ଗୁରୁବାର ଦିନ କନ୍ଧମାଳ ଜିଲ୍ଲାରେ ବନ୍ଦ ପାଳନ କରାଯାଇଛି। ବନ୍ଦର ପ୍ରଭାବ କେବଳ ଜିଲ୍ଲା ମୁଖ୍ୟାଳୟ ଫୁଲବାଣୀରେ ସୀମିତ ନରହି ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ମଧ ପରିଲକ୍ଷିତ ହୋଇଥିଲା। ସକାଳୁ ବିଭିନ୍ନ ସ୍ଥାନରେ ଇଣ୍ଡିଆ ମେଣ୍ଟର କର୍ମୀ ଓ ସମର୍ଥକମାନେ ପିକେଟିଂ କରିବା ସହ ଦୋକାନବଜାର ଓ ଯାନବାହନ ଚଳାଚଳ ବନ୍ଦ କରିବାକୁ ଆହ୍ୱାନ ଦେଇଥିଲେ।

ଫୁଲବାଣୀ ସହରର ମାଡ଼ିକୁନ୍ଦା ଛକ, ଗାନ୍ଧୀ ଛକ ଓ ଏଫ୍‌ସିଆଇ ଛକରେ କଂଗ୍ରେସ ଓ ଇଣ୍ଡିଆ ମେଣ୍ଟର କର୍ମୀମାନେ ଟାୟାର ଜାଳି ପ୍ରତିବାଦ କରିବା ସହ ମୁଖ୍ୟ ରାସ୍ତା ଅବରୋଧ କରିଥିଲେ। ଫଳରେ ଫୁଲବାଣୀ ସହରରେ ଯାନବାହନ ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ବସ୍ ଚଳାଚଳ ବନ୍ଦ ରହିବା ଯୋଗୁଁ ଦୂରଦୂରାନ୍ତକୁ ଯାତାୟାତ କରୁଥିବା ଯାତ୍ରୀମାନେ ଅସୁବିଧାରେ ପଡ଼ିଥିଲେ।

ଜିଲ୍ଲାର ଅନ୍ୟାନ୍ୟ ପ୍ରମୁଖ ଅଞ୍ଚଳରେ ମଧ ବନ୍ଦର ପ୍ରଭାବ ଦେଖାଯାଇଥିଲା। ବିଭିନ୍ନ ବ୍ଲକ୍ ଓ ଗ୍ରାମାଞ୍ଚଳରେ ଦୋକାନବଜାର ଓ ବ୍ୟବସାୟିକ ପ୍ରତିଷ୍ଠାନ ବନ୍ଦ ରହିଥିବା ବେଳେ ସ୍ଥାନୀୟ ରାସ୍ତାରେ ଗାଡ଼ି ଚଳାଚଳ ମଧ ପ୍ରଭାବିତ ହୋଇଥିଲା। ଜିଲ୍ଲାର ବିଭିନ୍ନ ରୁଟ୍‌ରେ ବସ୍ ଓ ଅନ୍ୟାନ୍ୟ ଯାତ୍ରୀବାହୀ ଯାନ ଚଳାଚଳ କମିଯିବାରୁ ସାଧାରଣ ଯାତ୍ରୀମାନେ ହଇରାଣ ହୋଇଥିଲେ। ବନ୍ଦ ଯୋଗୁଁ ସକାଳୁ





ଅନେକ ସ୍ଥାନରେ ରାସ୍ତାଘାଟ ଅପେକ୍ଷାକୃତ ଶୂନଶାନ ଦେଖାଯାଇଥିଲା। ଅନେକ ସ୍ଥାନରେ ସ୍କୁଲ, କଲେଜ ଓ ଅନ୍ୟାନ୍ୟ ଶିକ୍ଷାନୁଷ୍ଠାନରେ ମଧ ବନ୍ଦର ପ୍ରଭାବ ପଡ଼ିଥିଲା। ସରକାରୀ ଓ ବେସରକାରୀ କାର୍ଯ୍ୟାଳୟରେ କର୍ମଚାରୀ ଓ ସାଧାରଣ ଲୋକଙ୍କ ଯାତାୟାତ ପ୍ରଭାବିତ ହୋଇଥିଲା। ଫଳରେ ଜିଲ୍ଲାର ସାଧାରଣ ଜନଜୀବନ ଉପରେ ବନ୍ଦର ବ୍ୟାପକ ପ୍ରଭାବ ପଡ଼ିଥିଲା। ଏହି ବନ୍ଦ ପାଳନରେ କଂଗ୍ରେସ, ସମାଜବାଦୀ ପାର୍ଟି, ସିପିଏମ୍ ସମେତ ଇଣ୍ଡିଆ ମେଣ୍ଟର ବିଭିନ୍ନ ଦଳର ନେତା ଓ କର୍ମୀମାନେ ସାମିଲ ହୋଇଥିଲେ। ଜିଲ୍ଲା କଂଗ୍ରେସ ସଭାପତି ଚନ୍ଦ୍ରଶେଖର ପରିଡ଼ା, ଶ୍ରମିକ ନେତା ତଥା ଆଇଏନ୍‌ଟିୟୁସି ସଭାପତି ଘନ ଶବର, ପୂର୍ବତନ ସାଂସଦ ରାଧାକାନ୍ତ ଦିଗାଲଙ୍କ ସମେତ ବହୁ ନେତା ଓ କର୍ମୀ ବନ୍ଦ ପାଳନରେ ଯୋଗଦେଇଥିଲେ। ଇଣ୍ଡିଆ ମେଣ୍ଟ ପକ୍ଷରୁ ଜ୍ଞାନେଶ କୁମାରଙ୍କ ବରଖାସ୍ତ, ଏମ୍ଏମ୍‌ଡିଆର ଆଇନ ରଦ୍ଦ, ନିତ୍ୟାନନ୍ଦ ଗଣ୍ଡଙ୍କ ଇସ୍ତଫା ଏବଂ ବନ୍ୟା ବିପନ୍ନଙ୍କୁ ତୁରନ୍ତ ସହାୟତା ପ୍ରଦାନ ଭଳି ଦାବି ଉଠାଯାଇଛି। ଦାବିଗୁଡ଼ିକ ପୂରଣ ପାଇଁ ସରକାରଙ୍କ ଉପରେ ଚାପ ସୃଷ୍ଟି କରିବା ଉଦ୍ଦେଶ୍ୟରେ ଏହି ବନ୍ଦ ଡାକରା ଦିଆଯାଇଥିବା ମେଣ୍ଟ ପକ୍ଷରୁ କୁହାଯାଇଛି।

ବନ୍ଦକୁ ଦୃଷ୍ଟିରେ ରଖି ଫୁଲବାଣୀ ସମେତ ଜିଲ୍ଲାର ବିଭିନ୍ନ ପ୍ରମୁଖ ଛକ ଓ ସମ୍ବେଦନଶୀଳ ସ୍ଥାନରେ ପୋଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା। ସମଗ୍ର ଜିଲ୍ଲାରେ ବନ୍ଦର ପ୍ରଭାବରେ ଯାତାୟାତ, ବ୍ୟବସାୟିକ କାରବାର ଓ ସାଧାରଣ ଜନଜୀବନ ପ୍ରଭାବିତ ହୋଇଥିବା ବେଳେ ବିଭିନ୍ନ ସ୍ଥାନରେ ଆନ୍ଦୋଳନକାରୀମାନେ ବନ୍ଦକୁ ସଫଳ କରିବା ପାଇଁ ପିକେଟିଂ ଜାରି ରଖିଥିଲେ।

## ଶାନ୍ତିପୂର୍ଣ୍ଣ ଭାବରେ ବନ୍ଦ ପାଳନ

**ଖମାର, ୮।୧୦(ନି.ସୂ) :** ବିଭିନ୍ନ ଦାବିନେଇ କଂଗ୍ରେସର ବନ୍ଦ ପାଳନ ଶାନ୍ତିପୂର୍ଣ୍ଣ ଭାବରେ ପାଳିତ ହୋଇଛି । ଏହି ବନ୍ଦ ଡାକରାରେ କଂଗ୍ରେସ କୁ ସିପିଆଇଏମର ପୂର୍ଣ୍ଣ



ସମର୍ଥନ କରିଥିଲା । ଏହିବନ୍ଦ ଡାକରାରେ ସିପିଆଇଏମର ନେତ୍ରୀ ମିନା ପ୍ରଧାନ ଓ କଂଗ୍ରେସ ଓ ତାର ସହଯୋଗୀ ଶାନ୍ତିପୂର୍ଣ୍ଣ ଭାବରେ ବିଭିନ୍ନ ବ୍ୟାଙ୍କ ଓ ସରକାରୀ କାର୍ଯ୍ୟାଳୟ ଗୁଡିକୁ ବନ୍ଦ କରିଥିଲେ। ତେବେ ବିଦ୍ୟାଳୟ, ଡାକ୍ତରଖାନା, ଔଷଧ ଦୋକାନ ଗୁଡିକ ସ୍ୱାଭାବିକ ଭାବରେ ଖୋଲାଥିଲା। ଏହି ବନ୍ଦ ଯୋଗୁଁ ଜାତୀୟ ରାଜପଥ ଉପରେ ଶହ ଶହ ଟ୍ରକ ଓ ଯାନବାହାନ ଅଟକି ରହିଥିଲା। ତେବେ ଖମାରର ଏହି ବନ୍ଦ ପାଳନରେ କଂଗ୍ରେସର ଭୂମିକାକୁ ନେଇ ସିପିଆଇଏମ ନେତ୍ରୀଙ୍କର ଅସନ୍ତୋଷ ଦେଖିବାକୁ ମିଳିଥିଲା ।

## ଯାନବାହାନ ଚଳାଚଳ ଠପ୍, ଦୋକାନବଜାର ଓ ବିଭିନ୍ନ କାର୍ଯ୍ୟାଳୟ ପ୍ରଭାବିତ

**ଭବାନୀପାଟଣା, ୮।୧୦(ନି.ସୂ) :** ସ୍ୱତନ୍ତ୍ର ପରିଚୟ ସଂଶୋଧନ/ସମୀକ୍ଷା (ଏସଆଇଆର)ପ୍ରକ୍ରିୟାକୁ ବିରୋଧ କରିବା ସହ ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାରଙ୍କ ଇସ୍ତଫା ଦାବିରେ ଆଜି କଳାହାଣ୍ଡି ଜିଲ୍ଲାରେ କଂଗ୍ରେସ ପକ୍ଷରୁ ୧୨ ଘଣ୍ଟିଆ ବନ୍ଦ ପାଳନ କରାଯାଇଛି। ବନ୍ଦର ପ୍ରଭାବରେ ଜିଲ୍ଲାର ବିଭିନ୍ନ ସ୍ଥାନରେ ଦୋକାନବଜାର, ଯାନବାହନ ଚଳାଚଳ ଓ ବିଭିନ୍ନ ସରକାରୀ-ବେସରକାରୀ କାର୍ଯ୍ୟାଳୟ ପ୍ରଭାବିତ ହୋଇଥିଲା।

ବନ୍ୟା ବିପନ୍ନଙ୍କୁ ତୁରନ୍ତ ସହାୟତା ପ୍ରଦାନ, ଏମ୍.ଏମ୍.ଡି.ଆର ଆଇନ ରଦ୍ଦ, ନିତ୍ୟାନନ୍ଦ ଗଣ୍ଡଙ୍କ ଇସ୍ତଫା ଏବଂ ଜ୍ଞାନେଶ କୁମାରଙ୍କ ଇସ୍ତଫା ଭଳି ବିଭିନ୍ନ ଦାବି ନେଇ ଆନ୍ଦୋଳନକାରୀମାନେ ବନ୍ଦ ପାଳନ କରିଥିଲେ। କଳାହାଣ୍ଡି ଜିଲ୍ଲା କଂଗ୍ରେସ ସଭାପତି ଜଳନ୍ଧର ନାଏକ, ରାଜ୍ୟ ସାଧାରଣ ସମ୍ପାଦକ ରାଜୀବ ଗାନ୍ଧୀ ପଞ୍ଚାୟତିରାଜ ସଂଗଠନର ସରୋଜ କୁମାର ବାଗ, ପିସିସି ଉପ-ସଭାପତି ଭାରତ ବେମାଲ, ରାଜ୍ୟ ଶୃଙ୍ଖଳା କମିଟି ସଦସ୍ୟ ଇନ୍ଦ୍ରଜିତ୍ ମହାକୁଡ଼, ଜିଲ୍ଲା କଂଗ୍ରେସ କମିଟି ଉପ-ସଭାପତି ଧନୁ ଗହୀର, ନଗର ସଭାପତି ସୁକାନ୍ତ ବିଶି, ସମ୍ପାଦକ ଲିଙ୍ଗରାଜ ନାଏକ, ଜିଲ୍ଲା କଂଗ୍ରେସ କମିଟି ସାଧାରଣ ସମ୍ପାଦକ ନିମାଞ୍ଚଳ ନାଏକ, କଂଗ୍ରେସ ନେତ୍ରୀ ସୁକାନ୍ତି ସରାଫ, ଅଞ୍ଜଳି ଗଉଡ଼, ବ୍ରଜ ସାହୁ,




କେତନ ମାଝୀ, ସୁଶାନ୍ତ ବିଶ୍ୱାଳ, ସୁଜିତ୍ ନାଗ, ସିଦ୍ଧାର୍ଥ ନାଗ, ଜଗଦୀଶ ଗଉଡ଼ ସମେତ ବହୁ କଂଗ୍ରେସ ନେତା ଓ କର୍ମୀ ଏଥିରେ ସାମିଲ ହୋଇଥିଲେ।

ଭବାନୀପାଟଣା ସହରର କଲେଜ ଛକ, ଘୋଡ଼ାଘାଟ ଛକ, ହସ୍ପିଟାଲ ଛକ, ନକଟିଗୁଡ଼ା ଛକ, ମୁଖ୍ୟ ବଜାର ଓ ବସ୍‌ଷ୍ଟାଣ୍ଡ ଭଳି ପ୍ରମୁଖ ସ୍ଥାନରେ ଆନ୍ଦୋଳନକାରୀମାନେ ପିକେଟିଂ କରିଥିଲେ। ସ୍ଥାନୀୟ ବ୍ୟବସାୟୀ, ଦୋକାନୀ ଓ ସାଧାରଣ ଲୋକଙ୍କୁ ଶାନ୍ତିପୂର୍ଣ୍ଣ ଭାବେ ଦୋକାନବଜାର ବନ୍ଦ ରଖିବାକୁ ଆହ୍ୱାନ କରାଯାଇଥିଲା। ଏହାର ପ୍ରଭାବରେ ବହୁ ବ୍ୟବସାୟିକ ପ୍ରତିଷ୍ଠାନ ବନ୍ଦ ରହିଥିଲା। ବନ୍ଦ ଯୋଗୁଁ ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ଯାତାୟାତ ବ୍ୟବସ୍ଥା ପ୍ରଭାବିତ ହୋଇଥିଲା। ଘରୋଇ ଓ ସରକାରୀ ବସ୍, ଟ୍ରକ୍ ଏବଂ ଅନ୍ୟାନ୍ୟ ଯାନବାହନ ଚଳାଚଳ ବାଧାପ୍ରାପ୍ତ ହେବାରୁ ଦୂରଦୂରାନ୍ତରୁ ଆସିଥିବା ଯାତ୍ରୀମାନେ ଅସୁବିଧାରେ ପଡ଼ିଥିଲେ। ବିଭିନ୍ନ ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ, ବ୍ୟାଙ୍କ୍ ଏବଂ ଶିକ୍ଷାନୁଷ୍ଠାନ ଗୁଡ଼ିକ ମଧ ବନ୍ଦ ରହିଥିବା ବେଳେ, ଜନସାଧାରଣଙ୍କ ସୁବିଧା ଦୃଷ୍ଟିରୁ ହସ୍ପିଟାଲ, ଆମ୍ବୁଲାନ୍ସ ଏବଂ ଅନ୍ୟାନ୍ୟ ଜରୁରୀକାଳୀନ ସେବା ଗୁଡିକୁ ଏହି ବନ୍ଦରୁ ସମ୍ପୂର୍ଣ୍ଣ ବାଦ୍ ଦିଆଯାଇଛି ।

## ଅଟକିଲା ଯାନବାହାନ, ଦୋକାନ ବଜାର ବନ୍ଦ

**ଗୋଲାମୁଣ୍ଡା, ୮।୧୦(ନି.ସୂ) :** ଇଣ୍ଡିଆ ମେଣ୍ଟ ପକ୍ଷରୁ ଦିଆଯାଇଥିବା ଓଡ଼ିଶା ବନ୍ଦ ଡାକର ପ୍ରଭାବ କଳାହାଣ୍ଡି ଜିଲ୍ଲାର ଗୋଲାମୁଣ୍ଡା ବ୍ଲକରେ ଅନୁଭୂତ ହୋଇଛି। ବନ୍ଦକୁ ସମର୍ଥନ କରି ଗୋଲାମୁଣ୍ଡା ବ୍ଲକ କଂଗ୍ରେସ ପକ୍ଷରୁ ଧର୍ମଗଡ଼-ସିନାପାଲି ବିଜୁ ଏକ୍ସପ୍ରେସ୍‌ୱେର ଗୋଲାମୁଣ୍ଡା ବାଇପାସ୍ ନିକଟରେ ରାସ୍ତାରୋକ କରାଯାଇଥିଲା। କଂଗ୍ରେସ କର୍ମୀମାନେ ରାସ୍ତା ଉପରେ ବସି ବନ୍ଦ ସମର୍ଥନରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ରାସ୍ତାରୋକ ଯୋଗୁଁ ସକାଳ ୬ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଏହି




ରୁଟ୍‌ରେ ଯାନବାହାନ ଚଳାଚଳ ପ୍ରଭାବିତ ହୋଇଥିଲା। ବିଶେଷକରି ବିଜୁ ଏକ୍ସପ୍ରେସ୍ ?ୱେରେ ଭାରୀଯାନ ଚଳାଚଳ ବାଧାପ୍ରାପ୍ତ ହେବା ସହ ବିଭିନ୍ନ ସ୍ଥାନରେ ଅନେକ ଟ୍ରକ୍ ଓ ଅନ୍ୟାନ୍ୟ ଭାରୀଯାନ ଅଟକି ରହିଥିବା ଦେଖାଯାଇଥିଲା। ଏହାର ପ୍ରଭାବରେ ଯାତ୍ରୀ ଓ ଅନ୍ୟାନ୍ୟ ଯାନବାହାନ ଚଳାଚଳ ମଧ ପ୍ରଭାବିତ ହୋଇଥିଲା। ଅନେକ ଦୋକାନବଜାର ବନ୍ଦ ରହିଥିବା ବେଳେ କେତେକ ସରକାରୀ ଓ ବେସରକାରୀ ଅନୁଷ୍ଠାନର କାର୍ଯ୍ୟକଳାପ ମଧ ପ୍ରଭାବିତ ହୋଇଥିଲା। ବିଭିନ୍ନ ଦାବିଗୁଡ଼ିକ ନେଇ ବନ୍ଦ ସମର୍ଥକମାନେ ବିଭିନ୍ନ ସ୍ଥାନରେ ବିକ୍ଷୋଭ ଓ ପ୍ରତିବାଦ କରିଥିଲେ। ଗୋଲାମୁଣ୍ଡାରେ ମଧ ଏହାର ପ୍ରତିଫଳନ ଦେଖିବାକୁ ମିଳିଥିଲା । ବନ୍ଦ ସମର୍ଥନରେ ଗୋଲାମୁଣ୍ଡା ବ୍ଲକ କଂଗ୍ରେସ ସଭାପତି ନୌକେଶ୍ୱର ପଟେଲଙ୍କ ନେତୃତ୍ୱରେ ପୂର୍ବତନ ବ୍ଲକ ଅଧକ୍ଷ ତଥା ଜୁନାଗଡ଼ ନିର୍ବାଚନ ମଣ୍ଡଳୀ ର ବିଧାୟକ ପ୍ରାର୍ଥୀ ତୁଳେଶ୍ୱର ନାଏକ, ପ୍ରଦେଶ କଂଗ୍ରେସ ଅନୁସୂଚିତ ସେଲ୍ ?ର ସାଧାରଣ ସମ୍ପାଦକ ସାଉଲ ମଙ୍ଗରାଜ, ବରିଷ୍ଠ କଂଗ୍ରେସ ନେତା ନରହରି ବାଗ, ଜଗୁ ପ୍ରସାଦ ରାଉ , କୁରୁକ୍ଷେତ୍ର ବନ୍ଦିଛୋଡ,ଅନିଲ ମଲ୍ଲିକ , ଲବଜୀ ପଟେଲ, କୁଶ ମାଝୀ ଓ ଗଙ୍ଗାଧର ରାଉତଙ୍କ ସମେତ ଶତାଧିକ କଂଗ୍ରେସ କର୍ମୀ ରାସ୍ତାରୋକରେ ସାମିଲ ହୋଇଥିଲେ।

## ଲାଞ୍ଚ ନେବା ମାମଲାରେ ଅଧକ୍ଷ ଗିରଫ

**ନୂଆପଡା, ୮।୧୦(ନି.ସୂ) :** ଲାଞ୍ଚ ମାମଲାରେ ନୂଆପଡ଼ା ଜିଲ୍ଲାରଏକଲବ୍ୟ ସ୍କୁଲର ଅଧକ୍ଷଙ୍କୁ ସିବିଆଇ ଗିରଫ କରିଛି। କେନ୍ଦ୍ରୀୟ



ତଦନ୍ତ ବ୍ୟୁରୋ (ସିବିଆଇ) ଏକ ଲାଞ୍ଚ ମାମଲାରେ ଓଡ଼ିଶାର ନୂଆପଡ଼ାର ଏକଲବ୍ୟ ମଡେଲ ଆବାସିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ସି କୃଷ୍ଣା ମୂର୍ତ୍ତି ନାଇଡୁଙ୍କୁ ଗିରଫ କରିଛି।

ଅଭିଯୁକ୍ତ ଅଧକ୍ଷ ଅଭିଯୋଗକାରୀଙ୍କ ଠାରୁ ନୂଆପଡାର ଇଏମଆରଏସ୍‌ରେ ସହାୟକ ନର୍ସ ମିଡ ୱାଇଫରୀ (ଏଏନଏମ୍) ଭାବରେ ତାଙ୍କର ସେବା ବୃଦ୍ଧି ପାଇଁ ତାଙ୍କ ନାମ ସୁପାରିଶ କରିବା ପାଇଁ ୨୦,୦୦୦ ଟଙ୍କା ଲାଞ୍ଚ ଦାବି କରିଥିଲେ ବୋଲି ଅଭିଯୋଗ କରି ସିବିଆଇ ଗତ ୭ ଅକ୍ଟୋବର ରେ ଉକ୍ତ ଅଭିଯୁକ୍ତଙ୍କ ବିରୁଦ୍ଧରେ ତୁରନ୍ତ ମାମଲା ରୁଜୁ କରିଥିଲା। ଆଲୋଚନା ପରେ, ଅଭିଯୁକ୍ତ ଅଭିଯୋଗକାରୀଙ୍କ ଠାରୁ ୧୨, ୦୦୦ ଟଙ୍କା ଗ୍ରହଣ କରିବାକୁ ରାଜି ହୋଇଥିଲେ। ସିବିଆଇ ୦୭.୧୦.ରେ ଏକ ଜାଲ ବିଛାଇ ଅଭିଯୁକ୍ତ ପ୍ରିନ୍ସିପାଲଙ୍କୁ ଅଭିଯୋଗକାରୀଙ୍କଠାରୁ ୧୨,୦୦୦ ଟଙ୍କା ଲାଞ୍ଚ ଗ୍ରହଣ କରିବା ସମୟରେ ଧରିଥିଲା। ଉପରୋକ୍ତ ଅଭିଯୁକ୍ତଙ୍କୁ ଗିରଫ କରିଛି ।

## କାର୍ଯ୍ୟରତ ଗ୍ରାମାଞ୍ଚଳ ସାମ୍ବାଦିକ ସଂଘ ପକ୍ଷରୁ ନୂଆଁଖାଇ ଭେଟଘାଟ

**କୋକସରା, ୮।୧୦(ନି.ସୂ) :** କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକ କୁସୁମଖୁଣ୍ଟି ସ୍ଥିତ ୟୁଆଇପି ଡାକବଙ୍ଗଳା ଠାରେ ବୁଧବାର କାର୍ଯ୍ୟରତ ସାମ୍ବାଦିକ ସଂଘ କଳାହାଣ୍ଡି ପକ୍ଷରୁ ନୂଆଁଖାଇ ଭେଟଘାଟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି।

କାର୍ଯ୍ୟକ୍ରମକୁ ଯୁବ ସାମ୍ବାଦିକ ନିକୁଞ୍ଜ ଚଲାନ ଅଧକ୍ଷତା କରିଥିବା ବେଳେ ମୁଖ୍ୟ ଅତିଥି ଭାବେ କଳାହାଣ୍ଡିର ସୁଯୋଗ୍ୟ ସନ୍ତାନ ଗିନିଜ ବୁକ୍ ରେକର୍ଡ଼ ସୃଷ୍ଟି କରିଥିବା ଓଡ଼ିଶାର ପଞ୍ଚମ୍ୟାନ୍ ତଥା ପର୍ବତାରୋହୀ ସତ୍ୟପୀର ପ୍ରଧାନ ଯୋଗଦାନ କରିଥିଲେ। ମୁଖ୍ୟ ବକ୍ତା ଭାବରେ ବରିଷ୍ଠ ସାମ୍ବାଦିକ ଜଗ ମୋହନ ପଟ୍ଟନାୟକ, ସମ୍ମାନିତ ଅତିଥି ରୂପେ ବରିଷ୍ଠ ସାମ୍ବାଦିକ ତଥା ଜିଲ୍ଲା ସାମ୍ବାଦିକ ସଂଘ ସଭାପତି ରଜନୀ କାନ୍ତ ମିଶ୍ର, ରବି ନାରାୟଣ ଚଲାନ, ବରିଷ୍ଠ ସାମ୍ବାଦିକ ସୁନ୍ଦର ମୋହନ ଛତ୍ରିଆ, ଖଗେଶ୍ୱର ଧଙ୍ଗଡା ମାଝୀ, ଅନୁଷ୍ଠାନର ସମ୍ପାଦକ



ମହାଦେବ ଖଣ୍ଡୁଆଲ,, ପ୍ରକୃତିବନ୍ଧୁ ଜତିନ୍ଦ୍ର କର, ଆଇନଜୀବି ଛବିଲାଲ ନିଆଲ, ଅନୁଷ୍ଠାନର ବରିଷ୍ଠ କର୍ମକର୍ତ୍ତା ତଥା ଉପଦେଷ୍ଟା ସାମ୍ବାଦିକ ନରେନ୍ଦ୍ର କ୍ଷିତି ପ୍ରମୁଖ ମଞ୍ଚାସିନ ରହିଥିଲେ। ତେବେ କାର୍ଯ୍ୟକ୍ରମ ଆରମ୍ଭ ପୂର୍ବରୁ ସମସ୍ତ ଅତିଥି ଓ ସାମ୍ବାଦିକ ମାନେ କଳାହାଣ୍ଡିର ଇଷ୍ଟଦେବୀ ମାଁ ମାଣିକେଶ୍ୱରୀଙ୍କ ଫଟୋ ଚିତ୍ରରେ ପୂଜାର୍ଚ୍ଚନା କରି ଶୁଭ ମନାସିଥିଲେ। ପରେ ଅନୁଷ୍ଠାନର କର୍ମକର୍ତ୍ତା ମାନଙ୍କ ଦ୍ୱାରା ଅତିଥି ମାନଙ୍କୁ ପୁଷ୍ପଗୁଚ୍ଛ ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ସାମ୍ବାଦିକ ନରେନ୍ଦ୍ର କ୍ଷିତି ସ୍ୱାଗତ ଅଭିଭାଷଣ ରଖି ସାମ୍ବାଦିକ ମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରି ଉତ୍ସାହିତ କରିଥିଲେ। ଏହି ଅବସରରେ ବକ୍ତା ମାନେ ନିରପେକ୍ଷ ସାମ୍ବାଦିକତା, ସମାଜରେ ସାମ୍ବାଦିକଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା, ସୁରକ୍ଷା ଏବଂ ସମସ୍ତେ ଏକଜୁଟ ହୋଇ କାର୍ଯ୍ୟ କରିବା ଦିଗରେ ପୁଙ୍ଖାନୁପୁଙ୍ଖ ଆଲୋଚନା ହୋଇଥିଲା। ଅନୁଷ୍ଠିତ ଏହି ନୂଆଁଖାଇ ଭେଟଘାଟ କାର୍ଯ୍ୟକ୍ରମରେ କଳାହାଣ୍ଡି ଜିଲ୍ଲାର କୋଣ ଅନୁକୋଣରୁ ବିଭିନ୍ନ ଗଣମାଧ୍ୟମରୁ ଶତାଧିକ ପ୍ରତିନିଧି ସାମିଲ ରହିଥିଲେ। କାର୍ଯ୍ୟକ୍ରମକୁ ବିଶିଷ୍ଟ ସାମ୍ବାଦିକ ରଞ୍ଜନ କୁମାର ସାହୁ ସୂଚାରୁ ରୂପେ ସମ୍ପାଦନ କରିଥିବା ବେଳେ ସାମ୍ବାଦିକ ମହାଦେବ ଖଣ୍ଡୁଆଲ ଧନ୍ୟବାଦ ଜ୍ଞାପନ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଅନୁଷ୍ଠାନର କୋଷାଧକ୍ଷ ସାମ୍ବାଦିକ ହରିହର ଛତ୍ରିଆ, ଗଣେଶ ରାମ ବାଗ, ଗଗନ ଛତ୍ରିଆ,ଟିକଚନ ବାଗ, ଅମରେଶ ପାଢ଼ୀ, ପରମାନନ୍ଦ ଛତ୍ରିଆ, ଜୟରାମ ଛତ୍ରିଆ,ମନ ପ୍ରଧାନ ତଥା ଅନୁଷ୍ଠାନର ବରିଷ୍ଠ ସାମ୍ବାଦିକ ରଜନୀ କାନ୍ତ ଛତ୍ରିଆ ଓ ଅନ୍ୟ କର୍ମକର୍ତ୍ତା ମାନେ ଉପସ୍ଥିତ ରହି ପରିଚାଳନାରେ ସହଯୋଗ କରିଥିଲେ।

## ବକ୍ତୃତା ପ୍ରତିଯୋଗିତାରେ ଦିବ୍ୟାଂଶୀ ପୁରସ୍କୃତ

**ଭୁବନେଶ୍ୱର, ୮।୧୦(ନି.ସୂ) :** ସୌମିତ୍ର ମେମୋରିଆଲ୍ ଟ୍ରଷ୍ଟ ଏବଂ ଭୁବନେଶ୍ୱର ଆଞ୍ଚଳିକ ପରିବହନ ପକ୍ଷରୁ ସ୍ଥାନୀୟ ବୁଦ୍ଧମନ୍ଦିର ପରିସରରେ ଏକ ସଡ଼କ ସୁରକ୍ଷା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଉଚ୍ଚଶିକ୍ଷା, କ୍ରୀଡ଼ା ଏବଂ ଯୁବ ବ୍ୟାପାର, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ପଦ୍ମଶ୍ରୀ ଅଦୈତ ଚରଣ ଗଡ଼ନାୟକ, ବିଜେପି ରାଜ୍ୟ ଉପ ସଭାପତି ଗୋଲକ ମହାପାତ୍ର, ପରିବହନ ବିଭାଗର ଅତିରିକ୍ତ ଆୟୁକ୍ତ ପିୟୁଷ କାନ୍ତ ପାଣି, ଡଃ.ପ୍ରଫେସର ଶଶଧର ଦାସ ଏବଂ ବିଜୁ ପଟ୍ଟନାୟକ



ଫିଲ୍ମ ଏବଂ ଟେଲିଭିଜନ ଇନ୍‌ଷ୍ଟିଚ୍ୟୁଟର ଅଧ୍ୟକ୍ଷ ପ୍ରଫେସର ହିମାଂଶୁ ଶେଖର ଖଟୁଆ ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇ ସଡ଼କ ସୁରକ୍ଷା ସମ୍ପର୍କରେ ବହୁ ମୂଲ୍ୟ ମତବ୍ୟକ୍ତ କରିଥିଲେ। ଏହି କାର୍ଯ୍ୟକ୍ରମ ପୂର୍ବରୁ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ସଡ଼କ ସୁରକ୍ଷା ସମ୍ବନ୍ଧରେ ସଚେତନାତା ଆଣିବା ନିମନ୍ତେ ବିଭିନ୍ନ ବିଦ୍ୟାଳୟରେ ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ତନ୍ମଧ୍ୟରେ ଭୁବନେଶ୍ୱରସ୍ଥ ପିଏମ୍‌ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ-୧ର ୫ମ ଶ୍ରେଣୀର ଛାତ୍ରୀ ଦିବ୍ୟାଂଶୀ ରାଉତ ବକ୍ତୃତା ପ୍ରତିଯୋଗିତାରେ ଉତ୍ତୀର୍ଣ୍ଣ ହୋଇଥିବାରୁ ଟ୍ରଫି ଏବଂ ମାନପତ୍ର ଦେଇ ପୁରସ୍କୃତ କରାଯାଇଥିଲା।

### ବିପଦ ମୁହଁରେ ଯାତ୍ରୀ, ସହାୟତାର ହାତ ବଢାଉଛନ୍ତି ସ୍ଥାନୀୟ ଯୁବକ

## ସ୍ୱାସ୍ଥ୍ୟସେବା ଠାରୁ ଶିକ୍ଷା ପର୍ଯ୍ୟନ୍ତ ପ୍ରଭାବିତ, ରାସ୍ତାକୁ ନେଇ ବଢୁଛି ଚିନ୍ତା

**କୋରାପୁଟ, ୮।୧୦(ନି.ସୂ) :** ଲଗାଣ ବର୍ଷା ଯୋଗୁଁ ୪୮ ନମ୍ବର ରାଜ୍ୟ ରାଜପଥର କୋରାପୁଟ ରାଣୀଗଡ଼ ବୋରିଗୁମ୍ମା ରାସ୍ତାରେ ଘଟିଥିବା ବଡ଼ ଧରଣର ଭୂସ୍ଖଳନକୁ ପ୍ରାୟ ୧୦ରୁ ୧୫ ଦିନ ବିତିଯାଇଥିଲେ ମଧ ଯାତାୟାତ ସ୍ୱାଭାବିକ ହୋଇପାରିନାହିଁ। ରାଣୀଗଡ଼ ଘାଟିରେ ପାହାଡ଼ରୁ ବିପୁଳ ପରିମାଣର ମାଟି ଓ ପଥର ଧସି ରାସ୍ତା ଉପରେ ପଡ଼ିବା ଫଳରେ ଯାନବାହନ ଚଳାଚଳ ବାଧାପ୍ରାପ୍ତ ହୋଇଛି। ଏହି ରାସ୍ତା ଉପରେ ନିର୍ଭରଶୀଳ ଅନେକ ଗାଁର ଲୋକେ ଏବେ ଯାତାୟାତ, ଶିକ୍ଷା, ସ୍ୱାସ୍ଥ୍ୟସେବା ଓ ଦୈନନ୍ଦିନ କାର୍ଯ୍ୟ ପାଇଁ ନାନା ସମସ୍ୟାର ସମ୍ମୁଖୀନ ହେଉଛନ୍ତି।

ପ୍ରାରମ୍ଭରେ ରାସ୍ତାରୁ ମାଟି ଓ ପଥର ହଟାଇ ଯାତାୟାତ ସ୍ୱାଭାବିକ କରିବା ପାଇଁ ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଥିଲା। ଏକାଧିକ ଜେସିବି ମେସିନ୍ ନିୟୋଜିତ କରାଯିବା ସହ ବିଭାଗୀୟ ଅଧିକାରୀମାନେ ଘଟଣାସ୍ଥଳକୁ ଯାଇ କାର୍ଯ୍ୟର ତଦାରଖ କରୁଥିଲେ। କିନ୍ତୁ ଏବେ ସେହି ତତ୍ପରତା ଆଉ ଦେଖିବାକୁ ମିଳୁନଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ସେମାନଙ୍କ କହିବା ଅନୁଯାୟୀ, ବର୍ତ୍ତମାନ ମାତ୍ର କିଛି ଜେସିବି ମେସିନ୍‌ରେ ଦିନବେଳେ କାମ ଚାଲୁଥିବା ବେଳେ ରାତିରେ କାର୍ଯ୍ୟ ବନ୍ଦ ରହୁଛି।



ଠିକାଦାର ଓ ବିଭାଗୀୟ ଯନ୍ତ୍ରୀଙ୍କ ନିୟମିତ ଉପସ୍ଥିତି ଏବଂ ତଦାରଖ ଦେଖିବାକୁ ମିଳୁନଥିବା ନେଇ ମଧ ସେମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି।

ଅନ୍ୟପକ୍ଷରେ, ରାସ୍ତା ବନ୍ଦ ଯୋଗୁଁ ବାଇକ୍ ଚାଳକମାନେ ଅଧିକ ବିପଦର ସମ୍ମୁଖୀନ ହେଉଛନ୍ତି। ରାସ୍ତା ଅବରୋଧ ନିକଟରେ ସ୍ଥାନୀୟ ଯୁବକମାନେ ଆଗେଇ ଆସି ବିପଦସଙ୍କୁଳ ସ୍ଥାନ ଦେଇ ବାଇକ୍ ପାର କରିବାରେ ସହଯୋଗ କରୁଥିବା ଦେଖାଯାଉଛି। ଯାତ୍ରୀଙ୍କ ଦୁର୍ଦ୍ଦଶା ଦେଖି ସେମାନେ ସହାୟତା କରୁଥିବା ବେଳେ ଏଭଳି ଯାତାୟାତରେ ଦୁର୍ଘଟଣାର ଆଶଙ୍କା ରହିଛି। ତେଣୁ ଲୋକଙ୍କୁ ବିପଦ ମଧକୁ ନ ଯିବା ପାଇଁ ସତର୍କ ରହିବା ଆବଶ୍ୟକ।ଏହି ରାସ୍ତା ଦେଇ ଶିକ୍ଷକ ଶିକ୍ଷୟିତ୍ରୀ, ଡାକ୍ତର ଓ ଅନ୍ୟ ସରକାରୀ କର୍ମଚାରୀ ନିୟମିତ ଯାତାୟାତ କରୁଥିବାରୁ ସେମାନଙ୍କ କାର୍ଯ୍ୟ ମଧ ପ୍ରଭାବିତ ହେଉଛି। ଆମ୍ବୁଲାନ୍ସ ଓ ଅନ୍ୟ ଜରୁରୀକାଳୀନ ଯାତାୟାତ ନେଇ ମଧ ଚିନ୍ତା ବଢ଼ିଛି। କୋରାପୁଟ ସହିତ ନବରଙ୍ଗପୁର, କଳାହାଣ୍ଡି, ଇନ୍ଦ୍ରାବତୀ ଓ ଛତିଶଗଡ଼ର ଜଗଦଳପୁର ଅଞ୍ଚଳକୁ ସଂଯୋଗ କରୁଥିବା ଏହି ରାସ୍ତା ଦୈନିକ ଅନେକ ଯାତ୍ରୀ ଓ ଯାନବାହନ ପାଇଁ ଗୁରୁତ୍ୱପୂର୍ଣ୍ଣ।

# ସାମଜିକ କର୍ମୀ ସୁମନ୍ତ କୁମାର ଜେନାଙ୍କ ଦ୍ୱାରା ଶତାଧିକ ବୃକ୍ଷରୋପଣ

## ପ୍ରକୃତି ବନ୍ଧୁ ସୁମନ୍ତ କୁମାର ଜେନାଙ୍କ ଦ୍ୱାରା ଶତାଧିକ ବୃକ୍ଷରୋପଣ

ବାଲିଆପାଳ,୮/୧୦(ନି.ସୂ):ପରିବେଶ ସୁରକ୍ଷା ଓ ସବୁଜିମା ବୃଦ୍ଧିର ମହତ୍ତ୍ୱକୁ ନେଇ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ପ୍ରକୃତି ବନ୍ଧୁ ସୁମନ୍ତ କୁମାର ଜେନାଙ୍କ ପକ୍ଷରୁ ଶତାଧିକ ବୃକ୍ଷରୋପଣ କରାଯାଇଛି। ଗାନ୍ଧିଛକ ମଥାନି ମୁଖ୍ୟ ରାସ୍ତାର ଉଭୟ ପାର୍ଶ୍ୱରେ ବିଭିନ୍ନ ଫଳ, ଔଷଧୀୟ ଓ ଛାୟା ପ୍ରଦାନକାରୀ ବୃକ୍ଷର ଚାରା ରୋପଣ କରାଯିବା ସହ ଏହାର ଯତ୍ନ ଓ ସୁରକ୍ଷା ପାଇଁ ମଧ୍ୟ ଏକ ସଚେତନତା ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ପରିବେଶର ସନ୍ତୁଳନ ରକ୍ଷା, ଜଳବାୟୁ ପରିବର୍ତ୍ତନର ପ୍ରଭାବ ହ୍ରାସ ଏବଂ ଆଗାମୀ ପିଢ଼ି ପାଇଁ ସବୁଜ ପରିବେଶ ସୃଷ୍ଟି କରିବା ଲକ୍ଷ୍ୟରେ ସୁମନ୍ତ କୁମାର ଜେନା ଦୀର୍ଘଦିନ ଧରି ବୃକ୍ଷରୋପଣ ଓ ପରିବେଶ ସୁରକ୍ଷା କାର୍ଯ୍ୟକ୍ରମ ସହ ଜଡ଼ିତ ରହିଛନ୍ତି। ବୃକ୍ଷରୋପଣ ସମୟରେ ସେ କହିଥିଲେ ଯେ, ଗୋଟିଏ ଗଛ ଲଗାଇବା ଅର୍ଥ ହେଉଛି ଆଗାମୀ ପିଢ଼ି ପାଇଁ ଜୀବନର ଏକ ନୂଆ ଆଶା ସୃଷ୍ଟି କରିବା।କେବଳ




ଚାରା ରୋପଣ ନୁହେଁ, ରୋପିତ ଗଛଗୁଡ଼ିକର ନିୟମିତ ଯତ୍ନ ନେଇ ସେଗୁଡ଼ିକୁ ବଡ଼ କରିବା ଆବଶ୍ୟକ ବୋଲି ସେ ମତପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମରେ ସୁରେନ୍ଦ୍ର ନାଥ ଜେନା ସ୍ମୃତି କମିଟିର ସଦସ୍ୟ ବିଶ୍ୱଜିତ ମୁଦୁଲି,ସହଦେବ ଜେନା, ରାଜେଶ ଦାସ ମହାପାତ୍ର, ହରିଶ ପ୍ରଧାନ, ମାର୍କଣ୍ଡ ପ୍ରଧାନ ତାପସ ବେହେରା, ମୃତ୍ୟୁଞ୍ଜୟ ଜେନା, ସରୋଜ ମହାପାତ୍ର ପ୍ରମୁଖ ସହଯୋଗ କରିଥିଲେ ।

# ପହଂଗା ଜଲ୍‌ହାର ପୁର ରାସ୍ତା ମରାମତିକୁ ମାସେ ପୂରିନି

ନିଆଳି ,୮/୧୦(ନି.ସୂ): ଜଲ୍‌ହାରପୁର ପହଂଗା ମୁଖ୍ୟ ରାସ୍ତାରେ ଜଲ୍‌ହାର ପୁର ପଂଚାୟତ ର ବିଭିନ୍ନ ଜାଗାରେ ୨୫ ଲକ୍ଷ ରୁ ଉର୍ଦ୍ଧ୍ୱ ଟଙ୍କା ବ୍ୟୟ ବରାଦ କରାଯାଇ ଫ୍ଲେବର ବ୍ଲକ ପକାଯାଇ ମରାମତି କରାଯାଇଥିଲା। ଉକ୍ତ ରାସ୍ତାଟି ପୂର୍ତ୍ତ ବିଭାଗ ଅଧୀକାରୀ ମାନେ ତଦାରଖ କରୁଥିବା ବେଳେ ରାସ୍ତା କାମକୁ ଏକ ମାସ ପୂରିନି। ନିମ୍ନ ମାନର କାମ ଯୋଗୁଁ ବିଭିନ୍ନ ଜାଗାରେ ରାସ୍ତା ଦବି ଥିବା ଅଞ୍ଚଳ ବାସୀ ମାନେ ଅଭିଯୋଗ ଆଣିଛନ୍ତି। ରାସ୍ତାର ଉଭୟ ପାର୍ଶ୍ୱରେ ସିମେଣ୍ଟ ୱାଲ କରା ନ ଯାଇ ବିଭିନ୍ନ ଜାଗାରେ ଫ୍ଲେବର ବ୍ଲକ ବିଛା ଯାଇଥିବା ବେଳେ ଭାରି ଯାନ ଯାତାୟାତ ରେ ଫ୍ଲେବର ବ୍ଲକ ଦବି ଯାଉଛି। ଅଞ୍ଚଳବାସୀଙ୍କ ଅଭିଯୋଗ କାମ ତିଆରି ସମୟରେ ବିଭାଗ ର କୌଣସି ଅଧିକାରୀ ଉପସ୍ଥିତ ରହୁ ନଥିଲେ। ଯାହାଫଳରେ ଠିକାଦାର ନିଜ ମନ ମୁଖିରେ କାର୍ଯ୍ୟ କରିଥିବାରୁ ଏଭଳି ସମସ୍ୟା ଉପୁଜିଛି। ଏଠି ପ୍ରଶ୍ନ ଉଠିଛି ଯଦି ରାସ୍ତା ମରାମତି କରାଯାଇଥିଲା କାହିଁକି ଟେଣ୍ଡର କରାଯାଇ ନଥିଲା। ଏହି ରାସ୍ତା କାମରେ ଦୁର୍ନୀତି ହୋଇଥିବା ଅଭିଯୋଗ ଆଣି ଉଚ୍ଚ ସ୍ତରୀୟ ତଦନ୍ତ କରିବାକୁ ଦାବି କରିଛନ୍ତି ଦିଲ୍ଲୀପ ସ୍ୱାଇଁ, ରାଣୀ ଦାସ, ମାନସ ଭୋଇ,ବିଦ୍ୟାଧର ସ୍ୱାଇଁଙ୍କ ସମେତ ଅନେକ ଅଞ୍ଚଳ ବାସୀ।

- ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରାଯାଇ ପଡିଥିଲା ଫ୍ଲେବର ବ୍ଲକ
- ବିଭିନ୍ନ ଜାଗାରେ ରାସ୍ତା ଦବିବାକୁ ନେଇ ଅଞ୍ଚଳ ବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ



# ଗୁରୁଜଙ୍ଗ ପ୍ରିମିୟର ଲିଗ ଉଦଘାଟିତ : ଯଦୁପୁର ବ୍ଲାଷ୍ଟର ବିଜୟୀ

ଖୋରଧା,୦୮/୧୦(ନି.ସୂ) :ଖୋରଧା ଗୁରୁଜଙ୍ଗ ଖେଳ ପଡିଆ ଠାରେ ଗୁରୁଜଙ୍ଗ କ୍ରିକେଟ ଆସୋସିଏସନ ଆନୁକୂଲ୍ୟରେ ଗୁରୁଜଙ୍ଗ ପ୍ରିମିୟର ଲିଗ ର ଉଦ୍ଘାଟନୀ ମ୍ୟାଚ ରେ ବାଲୁଙ୍କେଶ୍ୱର ୱାରୀୟାର୍ସ, ଟମାଣ୍ଡୋ ଦଳ କୁ ଯଦୁପୁର ବ୍ଲାଷ୍ଟର୍ସ ଦଳ ୩୫ ରନ ରେ ପରାସ୍ତ କରିଛି।ପ୍ରଥମେ ଟସ ରେ ଜିତି ଯଦୁପୁର ଦଳ ସମସ୍ତ ଉଇକେଟ ହରାଇ ୧୫୪ ରନ କରିଥିଲେ। ଏମ ଡ଼ି




ତବରେଜ ସର୍ବାଧିକ ୩୩ରନ କରିଥିଲେ। ଟମାଣ୍ଡୋ ଦଳର ସିପୁନ ପଟ୍ଟନାୟକ ୩ ଟି ଉଇକେଟ ନେଇଥିଲେ । ଜବାବରେ ଟମାଣ୍ଡୋ ଦଳ ସୁଶାନ୍ତ ପରିଡାଙ୍କ ୩୨ ରନ ସହାୟତା ରେ ୧୧୯ ରନରେ ସୀମିତ ରହି ଏହି ମ୍ୟାଚ କୁ ୩୫ ରନ ରେ ପରାସ୍ତ ହୋଇଛି। ଆଜି ଉଦ୍ଘାଟନୀ ମ୍ୟାଚ ରେ ମୁଖ୍ୟଅତିଥି ଭାବେ ପୂର୍ବତନ ବିଧାୟକ ତଥା ବିଜେଡି ଜିଲ୍ଲା ସଭାପତି ରାଜେନ୍ଦ୍ର କୁମାର ସାହୁ, କ୍ୟାପଟେନ ମନ୍ମଥ ରାଉତରାୟ, କେନ୍ଦ୍ର ସମବାୟ ବ୍ୟାଙ୍କ ର ସଭାପତି ଅଭିଷେକ ସିଂସାମନ୍ତ, ଖୋରଧା ଛାତ୍ର ବିଜେଡି ସଭାପତି ଅମିତ କୁମାର ଦାସ, ୟୁ ଟ୍ୟୁବର ପ୍ରିୟଙ୍କା ଶତପଥି, ସ୍ୱରୂପ ମିଶ୍ର, ମଳୟେଶ ପ୍ରଧାନ,ବଦ୍ରିନାରାୟଣ ସାହୁ, ରବି ନାରାୟଣ ଜେନା, ବିକାଶ ଜେନା, ରାଜେଶ ପ୍ରଧାନ,ଏମ ଡି ତବରେଜ, ସୁକାନ୍ତ ପାତ୍ର, କାଜଲ ବଳିୟାରସିଂ ପ୍ରମୁଖ ଯୋଗ ଦେଇ ଖେଳାଳୀ ମାନଂକୁ ଉତ୍ସାହିତ କରିଥିଲେ। ଶ୍ରେଷ୍ଠ ଖେଳାଳୀ ଭାବେ ଏମ ଡ଼ି ତବରେଜ ଙ୍କୁ ବରିଷ୍ଠ ଖେଳାଳୀ ରବିନାରାୟଣ ରାଉତରାୟ ଓ ରଞ୍ଜନ ନନ୍ଦ ପୁରସ୍କୃତ କରିଥିଲେ। ଆଜିର ମ୍ୟାଚ କୁ ସାନୁଜ ବିଶ୍ୱାଳ, ଜୟନ୍ତ ମାର୍ଥା, ପ୍ରକାଶ କୁମାର ସାହୁ, ସୂର୍ଯ୍ୟକାନ୍ତ ଗୁମାନସିଂ ପ୍ରମୁଖ ପରିଚାଳନା କରିଥିବା ବେଳେ ଭାଷ୍ୟକାର ଭାବେ ରାଜେନ୍ଦ୍ର କୁମାର ବେହେରା ଦାଇତ୍ୱ ନେଇଥିଲେ। ମ୍ୟାଚ କୁ ଅବ୍ୟକ୍ତ ହରିହର ଖାଡ଼ଙ୍ଗା ଓ ସୁଜିତ ପରିଡା ସଂଯୋଜନା କରିଥିଲେ।

# କାଦୁଆଣୀ ଅଞ୍ଚଳରେ ନେଟୱାର୍କ ସମସ୍ୟା, ହନ୍ତସନ୍ତ ଗ୍ରାମବାସୀ

## କେବୁଲ ତାର ଛିଣ୍ଡିଯିବାରୁ ମୋବାଇଲ୍ ସେବା ବ୍ୟାହତ,ତୁରନ୍ତ ମରାମତି ଦାବି



ବିଜାତଳା, ୮/୧୦(ନି.ସୂ): ବିଜାତଳା ବ୍ଲକ ଅନ୍ତର୍ଗତ ମଡେଇକଚା ପଞ୍ଚାୟତର କାଦୁଆଣୀ ଅଞ୍ଚଳରେ ଦୀର୍ଘଦିନ ଧରି ମୋବାଇଲ୍ ନେଟୱାର୍କ ସମସ୍ୟା ଲାଗି ରହିଥିବାରୁ ଗ୍ରାମବାସୀ ହନ୍ତସନ୍ତ ହେଉଛନ୍ତି। ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ଗ୍ରାମବାସୀଙ୍କ ପକ୍ଷରୁ ବାରମ୍ବାର ଦାବି କରାଯାଇଥିଲେ ମଧ୍ୟ ଏଯାଏଁ ଏହାର ସମାଧାନ ହୋଇପାରିନାହିଁ। ସୂଚନା ଅନୁସାରେ, କାଦୁଆଣୀ ଗାଁରେ ଥିବା ମୋବାଇଲ୍ ଟାୱାରକୁ ଯୋଗାଣ ଦେଉଥିବା କେବୁଲ ତାର ଛିଣ୍ଡିଯାଇଥିବାରୁ ନେଟୱାର୍କ ସେବା ବ୍ୟାହତ ହୋଇଛି। ଫଳରେ କାଦୁଆଣୀ ସମେତ ମିରୁଡି, ଭାଦୁପାଣି ଓ ଅର୍ଜୁନପାଣି ଗ୍ରାମର ଲୋକମାନେ ମୋବାଇଲ୍ ଯୋଗାଯୋଗରୁ ବଞ୍ଚିତ ହେଉଛନ୍ତି।ନେଟୱାର୍କ ସେବା ଠିକ୍ ଭାବେ ଉପଲବ୍ଧ ନଥିବାରୁ ଦୈନନ୍ଦିନ ଯୋଗାଯୋଗ ସହିତ ଅନଲାଇନ୍ କାର୍ଯ୍ୟ, ଛାତ୍ରଛାତ୍ରୀଙ୍କ ଶିକ୍ଷା, ଡିଜିଟାଲ୍ ସେବା ଏବଂ ଜରୁରୀକାଳୀନ ସମୟରେ ଫୋନ୍ ଯୋଗାଯୋଗ ଭଳି ବିଭିନ୍ନ କାର୍ଯ୍ୟ ଗୁରୁତର ଭାବେ ପ୍ରଭାବିତ ହେଉଛି। ଏହା ଫଳରେ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଇଛି।ଗ୍ରାମବାସୀଙ୍କ ଦାବି, ଛିଣ୍ଡିଯାଇଥିବା କେବୁଲ ତାରକୁ ତୁରନ୍ତ ମରାମତି କରାଯାଇ ମୋବାଇଲ୍ ଟାୱାରକୁ ସଚଳ କରାଯାଉ। ଏଥିସହିତ କାଦୁଆଣୀ ସମେତ ଆଖପାଖ ଗ୍ରାମଗୁଡ଼ିକରେ ନିରବଚ୍ଛିନ୍ନ ମୋବାଇଲ୍ ନେଟୱାର୍କ ସେବା ଯୋଗାଇବା ପାଇଁ ସରକାର ଓ ସମ୍ପୃକ୍ତ ଟେଲିକମ୍ କମ୍ପାନୀ ତୁରନ୍ତ ପଦକ୍ଷେପ ନେବାକୁ ଗ୍ରାମବାସୀ ଦାବି କରିଛନ୍ତି।

# ଖୋରଧାରେ ଏକ୍ସାଇଜ୍‌ର ମିଳିତ ଚଢ଼ାଉ,୧୩ କେଜି ନିଶାଦ୍ରବ୍ୟ ଜବତ, ୩ ଗିରଫ

ଖୋରଧା ୦୮/୧୦ (ନି.ସୂ) : ଖୋରଧା ଅବକାରୀ ଅଧୀକ୍ଷକଙ୍କ ନିର୍ଦ୍ଦେଶକ୍ରମେ ଖୋରଧା ଇଣ୍ଡଷ୍ଟ୍ରିଆଲ୍ ଏଷ୍ଟେଟ୍ ଥାନା ଓ ଇନ୍‌ଫୋଭ୍ୟାଲି ଥାନା ଅଞ୍ଚଳର ବିଭିନ୍ନ ସ୍ଥାନରେ ଅବକାରୀ ବିଭାଗ ପକ୍ଷରୁ ମିଳିତ ଚଢ଼ାଉ କରାଯାଇଛି। ଚଢ଼ାଉ ସମୟରେ ଦୁଇଟି NDPS ମାମଲା ରୁଜୁ ହୋଇଥିବା ବେଳେ ମୋଟ ୧୦ କେଜି ପୋସ୍ତ ଛେଲି ଓ ୩ କେଜି ଗଞ୍ଜେଇ ଜବତ କରାଯାଇଛି। ଘଟଣାରେ ୩ ଜଣଙ୍କୁ ଗିରଫ କରାଯାଇଛି। ଖୋରଧା ଅବକାରୀ ଥାନା ପକ୍ଷରୁ



ରୁଜୁ ହୋଇଥିବା PR No. ୧୫୮/୨୬-୨୭ ମାମଲାରେ ଷ୍ଟାଫ୍ କଲୋନୀ, ଖୋରଧା ବାଇପାସ୍ ଅଞ୍ଚଳରେ ଚଢ଼ାଉ କରାଯାଇ ୧୦ କେଜି ପୋସ୍ତ ଛେଲି ଜବତ ହୋଇଛି। ଏହି ଘଟଣାରେ ଷ୍ଟାଫ୍ କଲୋନୀର ହେମା ସାହୁ (୬୦) ଏବଂ ଟାଙ୍ଗିଆପଡ଼ାର ନାରାୟଣ ସାହୁ (୪୭)ଙ୍କୁ ଗିରଫ କରାଯାଇଛି। ମାମଲାର ତଦନ୍ତ ଅବକାରୀ ଅଧିକାରୀ ସୁଜିତ କୁମାର ନାଗ କରୁଛନ୍ତି। ସେହିପରି ଡିଷ୍ଟ୍ରିକ୍ଟ ମୋବାଇଲ୍ ୟୁନିଟ୍ ପକ୍ଷରୁ ଇନ୍‌ଫୋଭ୍ୟାଲି ଥାନା ଅଧୀନ ଭାଟଖୁରୀ ଗ୍ରାମର ଏମ୍‌ଇ ସ୍କୁଲ୍ ରାସ୍ତା ନିକଟରେ ଚଢ଼ାଉ କରାଯାଇଥିଲା। ଏଠାରୁ ୩ କେଜି ଗଞ୍ଜେଇ ଜବତ ହେବା ସହ ଭାଟଖୁରୀ ଗ୍ରାମର ପ୍ରଭାକର ମଙ୍ଗରାଜ (୫୪)ଙ୍କୁ ଗିରଫ କରାଯାଇଛି। ଏହି ଘଟଣାରେ PR No. ୨୭୧/୨୬-୨୭ ରୁଜୁ ହୋଇଛି। ମାମଲାର ତଦନ୍ତ ଅବକାରୀ SI ସୁଜିତ କୁମାର ମୁଦୁଲି କରୁଛନ୍ତି। ଦୁଇଟି ଚଢ଼ାଉରେ ଅବକାରୀ SI ସୁଜିତ କୁମାର ନାଗ, SI ସୁଜିତ କୁମାର ମୁଦୁଲି, ASI ଶ୍ରୀଧର ପାଲେଇ, ASI ସୁଶାନ୍ତ କୁମାର ବେହେରା, ASI ଜିତେନ୍ଦ୍ର ବେହେରାଙ୍କ ସମେତ ଅବକାରୀ କନଷ୍ଟେବଳ ତିତୁ ସାହୁ, ବିକାଶ କୁମାର ରାଉତ, ଆଶେଷ କୁମାର ପ୍ରଧାନ, ପ୍ରଣବ କୁମାର ବେହେରା, ଲେଡି ଅବକାରୀ କନଷ୍ଟେବଳ ଚିନ୍ମୟୀ ସେଠୀ ଓ ସ୍ୱପ୍ନାରାଣୀ ବେହେରା ସାମିଲ ଥିଲେ। ଅବକାରୀ ବିଭାଗ ପକ୍ଷରୁ ନିଶାଦ୍ରବ୍ୟ ଚାଲାଣ ଓ ବେଆଇନ କାରବାର ବିରୋଧରେ ଏଭଳି ଚଢ଼ାଉ ଆଗକୁ ମଧ୍ୟ ଜାରି ରହିବ ବୋଲି ଜଣାପଡ଼ିଛି।

# ନୂଆପଡ଼ାରେ ବାଦ୍ ପଡ଼ିଥିବା ଓ ନୂତନ ଯୋଗ୍ୟ ଭୋଟରଙ୍କ ପାଇଁ ସ୍ୱତନ୍ତ୍ର ଅଭିଯାନ ଦ୍ୱିତୀୟ ଦିନରେ ଜାରି

ନୂଆପଡ଼ା, ୦୮/୧୦(ନି.ସୂ): ସ୍ୱତନ୍ତ୍ର ସଘନ ସଂଶୋଧନ (SIR) ପ୍ରକ୍ରିୟା ପରେ ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ ପାଇଥିବା ପରିପ୍ରେକ୍ଷୀରେ, ଭୋଟର ତାଲିକାରୁ ବାଦ୍ ପଡ଼ିଥିବା ଯୋଗ୍ୟ ନାଗରିକ ଏବଂ ନୂତନ ଭାବେ ଯୋଗ୍ୟ ହୋଇଥିବା ଯୁବ ଭୋଟରଙ୍କ ନାମ ପଞ୍ଜୀକରଣ




ପାଇଁ ନୂଆପଡ଼ା ଜିଲ୍ଲାରେ ଚାଲିଥିବା ୩ ଦିନିଆ ସ୍ୱତନ୍ତ୍ର ଅଭିଯାନ ଆଜି ଦ୍ୱିତୀୟ ଦିନରେ ପହଞ୍ଚିଛି। ଅଭିଯାନ ଆସନ୍ତା ୦୯ ଅକ୍ଟୋବର ପର୍ଯ୍ୟନ୍ତ ଜାରି ରହିବ। ଅଭିଯାନ ଅଧୀନରେ ବୁଥ୍‌ସ୍ତରୀୟ ଅଧିକାରୀ (BLO)ମାନେ ଯୋଗ୍ୟ ନାଗରିକଙ୍କୁ ଚିହ୍ନଟ କରିବା ସହ ଭୋଟର ତାଲିକାରେ ନାମ ସାମିଲ ପାଇଁ ଆବଶ୍ୟକ ସହଯୋଗ ଓ ସଚେତନତା ପ୍ରଦାନ କରୁଛନ୍ତି। ବିଶେଷକରି ୧୮ ବର୍ଷ ବୟସ ପୂରଣ କରିଥିବା ନୂତନ ଯୁବ ଭୋଟରଙ୍କ ପଞ୍ଜୀକରଣ ଉପରେ ଗୁରୁତ୍ୱ ଦିଆଯାଉଛି। ବାଦ୍ ପଡ଼ିଥିବା ଯୋଗ୍ୟ ନାଗରିକ ଏବଂ ନୂତନ ଯୋଗ୍ୟ ଭୋଟରମାନେ ନିଜ ଅଞ୍ଚଳରେ ନିୟୋଜିତ BLOଙ୍କ ସହ ଯୋଗାଯୋଗ କରି ଫର୍ମ-୬ ମାଧ୍ୟମରେ ଭୋଟର ତାଲିକାରେ ନାମ ସାମିଲ ପାଇଁ ଆବେଦନ କରିପାରିବେ। ଏଥିସହ ଅନଲାଇନ୍ ମାଧ୍ୟମରେ ମଧ୍ୟ ନୂତନ ଭୋଟର ଭାବେ ପଞ୍ଜୀକରଣ ପାଇଁ ଆବେଦନ କରିହେବ। ଜିଲ୍ଲାର କୌଣସି ଯୋଗ୍ୟ ନାଗରିକ ଯେପରି ଭୋଟର ତାଲିକାରେ ନାମ ପଞ୍ଜୀକରଣରୁ ବଞ୍ଚିତ ନ ହୁଅନ୍ତି ଏବଂ ସମସ୍ତ ଯୋଗ୍ୟ ନାଗରିକ ନିଜ ମତଦାନ ଅଧିକାର ସାବ୍ୟସ୍ତ କରିପାରନ୍ତି, ତାହା ନିଶ୍ଚିତ କରିବା ଏହି ଅଭିଯାନର ମୁଖ୍ୟ ଉଦ୍ଦେଶ୍ୟ। ଅଭିଯାନର ଆଉ ଗୋଟିଏ ଦିନ ବାକି ଥିବାରୁ ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ ଯୋଗ୍ୟ ନାଗରିକ, ବିଶେଷକରି ନୂତନ ଯୁବ ଭୋଟରମାନଙ୍କୁ ଏହି ସୁଯୋଗର ସଦୁପଯୋଗ କରି ୦୯ ଅକ୍ଟୋବର ମଧ୍ୟରେ ଭୋଟର ତାଲିକାରେ ନିଜ ନାମ ପଞ୍ଜୀକରଣ କରାଇବାକୁ ଅନୁରୋଧ କରାଯାଇଛି।

# ଚଣ୍ଡିମାତା ସେବା ସଂସ୍ଥାର ଅନନ୍ୟ ଅବଦାନ

ସିମୁଳିଆ,୦୮/୧୦(ନି.ସୂ):ବାଲେଶ୍ୱର ଜିଲ୍ଲା ତଥା ରାଜ୍ୟର ଦୁଃଖୀ ରଙ୍କିଙ୍କ ସେବା କରି ଆସୁଥିବା ଚଣ୍ଡି ମାତା ସେବା ସଂସ୍ଥା ଆଜି ସବୁଠି ଚର୍ଚ୍ଚାର ପରିସରକୁ ଆସିଥିବା ଶୁଣାଯାଏ। ମାନ୍ୟବର ସଭାପତି ଶ୍ରୀଯୁକ୍ତ ହିମାଂଶୁ ନାୟକଙ୍କ ଅକ୍ଳାନ୍ତ ଉଦ୍ୟମ ଏବଂ ସମସ୍ତ କର୍ମକର୍ତ୍ତା ଙ୍କ ନିରନ୍ତର ପ୍ରୟାସ ଓ ସାଧନା ଆଜି ଚଣ୍ଡି ମାତା ସେବା ସଂସ୍ଥାକୁ ସ୍ଥିତିକୁ ଶୀର୍ଷରେ ପହଞ୍ଚାଇ ପାରିଛି। ସୂଚନା ଅନୁଯାୟୀ ଗତକାଲି ଔପଦା ବ୍ଲକ ଫତେପୁର ପଂଚାୟତର ଫତେପୁର ଗ୍ରାମର



ଗୌରାଙ୍ଗ ବେହେରାଙ୍କ ଦୁର୍ଘଟଣା ରେ ହାତ ଭାଙ୍ଗି ଯିବା ପରେ ଚିକିତ୍ସିତ ହୋଇ ଆସୁଥିଲେ ।ଉପଯୁକ୍ତ ଚିକିତ୍ସା ସତ୍ତ୍ୱେ କିଛି ସୁଫଳ ମିଳି ନଥିଲା । ଏବେ ତାଙ୍କ ହାତଟି କଟା ଯିବ ବୋଲି ଡାକ୍ତର ମତବ୍ୟକ୍ତ କରିଥିଲେ । ଘରେ କେବଳ ୮୦ ବର୍ଷର ବିଧବା ମାଆ ଅଛନ୍ତି । ରୋଜଗାର ବୋଲି କିଛି ନାହିଁ। ମୁଣ୍ଡ ଗୁଞ୍ଜିବାକୁ ମଧ୍ୟ ଘର ନାହିଁ ।ଏହି ଖବର ପାଇ ସାହାଯ୍ୟର ହାତ ବଢ଼ାଇଥିଲେ ଚଣ୍ଡିମାତା ସେବା ସଂସ୍ଥାର ଯୋଦ୍ଧା ମାନେ। ଏଣୁ ସଭାପତି ଶ୍ରୀଯୁକ୍ତ ହିମାଂଶୁ ନାୟକଙ୍କ ନିର୍ଦ୍ଦେଶନାରେ ସଂଗଠନର କର୍ମକର୍ତାମାନେ ଗୌରାଙ୍ଗ ବେହେରା ଙ୍କୁ ଭେଟି ଆର୍ଥିକ ସହାୟତା ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମ ରେ ସାମିଲ ଥିଲେ ଧନଞ୍ଜୟ ପଣ୍ଡା, ଜୟନ୍ତ ବିଶ୍ୱାଳ,ଗୌତମ ନାୟକ ଏବଂ ସହଯୋଗ କରିଥିଲେ ହିମାଂଶୁ ନାୟକ, ପ୍ରହଲ୍ଲାଦ ପତି,ଦେବ ଦାସ, ସାମନ୍ତ ରାୟ, ବିଶ୍ୱ ଭୂଷଣ ପ୍ରଧାନ, ରାଜୁ ମହାନ୍ତି ପ୍ରଶାନ୍ତ ନାୟକ(ବାଲେଶ୍ୱର), ସରୋଜ ନାୟକ, ଚନ୍ଦ୍ର ଶେଖର ନାୟକ, ଲକ୍ଷ୍ମୀ ଧର ବେହେରା, ଲକ୍ଷ୍ମୀଧର ନାୟକ, ଜ୍ୟୋତି ଶଙ୍କର ନାୟକ,ପ୍ରଫୁଲ୍ଲ ନାୟକ,ଶୁଭ ପ୍ରକାଶ ରାଉତ, ବିରଞ୍ଚି ନାରାୟଣ ନାୟକ,ଗୟାଧର ନାୟକ,ବାପୁନ ଦାସ,ଜୟ ପ୍ରକାଶ ଭାଇ, ସୁଶାନ୍ତ ବିଶ୍ୱାଳ, ଅନାଦି ଧଡା, ଅଜୟ ରମ୍ପିଲା, ଅରୂପାନନ୍ଦ ନାୟକ, ବାବୁଲି ଭାଇ, ସୁରେଶ ମହାନ୍ତି, ସୁରେନ୍ଦ୍ର ବେହେରା ଏବଂ ବିଜନ ମହାନ୍ତି। ଯେଉଁ ଅନ୍ୟ କର୍ମୀମାନେ ସାହାଯ୍ୟ କରିଛନ୍ତି ହୃଦୟ ରୁ ଚଣ୍ଡି ମାତା ସେବା ସଂସ୍ଥା ଧନ୍ୟବାଦ ଦେଇଥିଲେ। ଏହି ଅବଦାନ କାର୍ଯ୍ୟକ୍ରମ ପାଇଁ ଉପସ୍ଥିତ ବୁଦ୍ଧି ଜୀବିମାନେ ଭୂୟସୀ ପ୍ରଶଂସା କରିଥିଲେ ଏବଂ ଚଣ୍ଡି ମାତା ସେବା ସଂସ୍ଥା ର କର୍ମକର୍ତ୍ତା ମାନଙ୍କର ଦୀର୍ଘ ଜୀବନ କାମନା କରିଥିଲେ।

# ଡମ୍ ସମାଜର ୫ ଦଫା ଦାବି ନେଇ ଜିଲ୍ଲାପାଳଙ୍କୁ ସ୍ମାରକପତ୍ର

ରାୟଗଡ଼ା,୮/୧୦(ନି.ସୂ):ଡମ୍ ସମ୍ପ୍ରଦାୟର ବିଭିନ୍ନ ସାମାଜିକ, ଅର୍ଥନୈତିକ ଓ ରାଜନୈତିକ ସମସ୍ୟାର ସମାଧାନ ଦାବିରେ ରାୟଗଡ଼ା ଜିଲ୍ଲା ଡମ୍ ସମାଜ ପକ୍ଷରୁ ଏକ ପ୍ରତିନିଧି ଦଳ ମଙ୍ଗଳବାର ଜିଲ୍ଲାପାଳଙ୍କୁ ସାକ୍ଷାତ କରିଛନ୍ତି। ଏହି ଅବସରରେ ପ୍ରତିନିଧି ଦଳ ପକ୍ଷରୁ ଜିଲ୍ଲାପାଳଙ୍କ ଜରିଆରେ ମାନ୍ୟବର ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୫ ଦଫା ଦାବି ସମ୍ବଳିତ ସ୍ମାରକପତ୍ର ପ୍ରଦାନ କରାଯାଇଛି ।ସ୍ମାରକପତ୍ର ପ୍ରଦାନ ସମୟରେ ଡମ୍ ସମ୍ପ୍ରଦାୟର ବିଭିନ୍ନ ସମସ୍ୟା ନେଇ ଜିଲ୍ଲାପାଳଙ୍କ ସହ ପ୍ରତିନିଧି ଦଳ ବିସ୍ତୃତ ଆଲୋଚନା କରିଥିଲେ । ବିଶେଷକରି ସମ୍ପ୍ରଦାୟର ସାମାଜିକ, ଅର୍ଥନୈତିକ ଓ ରାଜନୈତିକ ଅଧିକାର ସହ ଶିକ୍ଷା, ଜୀବନଜୀବିକା ଓ ମୌଳିକ ସୁବିଧା ସମ୍ପର୍କରେ ଆଲୋଚନା ହୋଇଥିଲା। ଉଠାଯାଇଥି ବା ସମସ୍ୟାଗୁଡ଼ିକୁ ସରକାରଙ୍କ ନିକଟରେ ପହଞ୍ଚାଇବା ନେଇ ଜିଲ୍ଲାପାଳ ପ୍ରତିନିଧି ଦଳକୁ ପ୍ରତିଶ୍ରୁତି ଦେଇଥିବା ଜଣାପଡ଼ିଛି। ଡମ୍ ସମାଜ ପକ୍ଷରୁ ଉପସ୍ଥାପିତ ପ୍ରମୁଖ ଦାବିଗୁଡ଼ିକ ମଧ୍ୟରେ ପଞ୍ଚାୟତରାଜ ସଂସ୍ଥାରେ ରାଜନୈତିକ ଆରକ୍ଷଣ ସହ ସରକାରଙ୍କ ବିଭିନ୍ନ ନିଗମ ଓ ସଂସ୍ଥାରେ ସଂରକ୍ଷଣ ବ୍ୟବସ୍ଥା କରିବା, ସରକାରୀ ଶିକ୍ଷାନୁଷ୍ଠାନ ଓ ବିଶେଷକରି SSD ଯେଉଁ ସ୍କୁଲଗୁଡ଼ିକରେ ଡମ୍ ସମ୍ପ୍ରଦାୟର ଛାତ୍ରଛାତ୍ରୀଙ୍କ ପାଇଁ ସଂରକ୍ଷଣ ବୃଦ୍ଧି କରିବା କିମ୍ବା ଭିତ୍ତି ଭୂମି ସୁଦୃଢ଼ କରିବା ଆଦି ରହିଛି। ସେହିପରି ଡମ୍ ସମ୍ପ୍ରଦାୟର ଲୋକଙ୍କ ଆର୍ଥିକ ବିକାଶ ପାଇଁ



ସ୍ୱତନ୍ତ୍ର ଆର୍ଥିକ ବ୍ୟବସ୍ଥା ଓ ସରକାରୀ ସ୍ତରରେ ସ୍ୱତନ୍ତ୍ର ବଜେଟ୍ ବ୍ୟବସ୍ଥା କରିବାକୁ ଦାବି ହୋଇଛି। ଏଥିସହ ଡମ୍ ସମ୍ପ୍ରଦାୟର ବସ୍ତି ବାସିନ୍ଦାଙ୍କୁ ଜମିପଟ୍ଟା ପ୍ରଦାନ, ପାନୀୟ ଜଳ ଭଳି ମୌଳିକ ସୁବିଧା ଯୋଗାଇଦେବା ସହ ସମ୍ପ୍ରଦାୟର ସାମଗ୍ରିକ ବିକାଶ ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ଦାବି କରାଯାଇଛି। ସ୍ମାରକପତ୍ର ପ୍ରଦାନ ସମୟରେ ରାୟଗଡ଼ା ଜିଲ୍ଲା ଡମ୍ ସମାଜର ବିଭିନ୍ନ ପଦାଧିକାରୀ, ସଦସ୍ୟ ଓ ବୁଦ୍ଧିଜୀବୀମାନେ ଉପସ୍ଥିତ ଥିଲେ।

# ରାଜନଗର ବ୍ଲକରେ ଦ୍ୱିତୀୟ +୨ବିଜ୍ଞାନ ଶ୍ରେଣୀ ଖୋଲିଲା

ରାଜନଗର,୮/୧୦(ନି.ସୂ): ରାଜନଗର ବ୍ଲକରେ ଦ୍ୱିତୀୟ +୨ ବିଜ୍ଞାନ ଶ୍ରେଣୀରେ ଚଳିତ ୨୦୨୬-୨୭ ଶିକ୍ଷା ବର୍ଷରେ ଗୋପାଳପୁର ସ୍ଥିତ ବନବିହାରୀ ଜୀଉ ଉଚ୍ଚ ମାଧ୍ୟମିକ ସ୍କୁଲରେ ସରକାରଙ୍କ ପକ୍ଷରୁ ଖୋଲିଥିବା ଭାରପ୍ରାପ୍ତ ଅଧକ୍ଷ କୈଳାଶ ଚନ୍ଦ୍ର କୁଣ୍ଡ ସୂଚନା ଦେଇଛନ୍ତି।ଏ ନେଇ ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ନିୟତି ପଟ୍ଟନାୟକଙ୍କ ଚିଠି ନମ୍ବର ୧୧୮୯୫ ତା ୮-୧୦ -୨୦୨୬ ରିଖ ଅନୁଯାୟୀ ତୃତୀୟ ପର୍ଯ୍ୟାୟରେ ଚଳିତ ଅକ୍ଟୋବର ମାସ ୧୨ ତାରିଖ ଠାରୁ ନଭେମ୍ବର ମାସ ୧ତାରିଖ ମଧ୍ୟରେ ଅନ ଲାଇନରେ ସାମସ ଓଡ଼ିଶା ପୋର୍ଟାଲରେ ଆଗ୍ରହୀ ପ୍ରାର୍ଥୀ ମାନେ +୨ ବିଜ୍ଞାନ ଶ୍ରେଣୀରେ ନାମ ଲେଖିବା ପାଇଁ ଆବେଦନ କରିବାକୁ ଅଧକ୍ଷ ଶ୍ରୀ କୁଣ୍ଡ ଜଣାଇଛନ୍ତି।

# ସମୀର ଟିଭିଏସରେ ଗ୍ୟାରେଜ ମେକାନିକଙ୍କ କର୍ମଶାଳା

କେନ୍ଦ୍ରାପଡ଼ା,୮।୧୦(ନି.ସୂ):ଦୁହୁରିଆସ୍ଥିତ ସମୀର ଟିଭିଏସ ପରିସରରେ ଗ୍ୟାରେଜ ମେକାନିକ ମାନଙ୍କ ପାଇଁ ଏକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ କେନ୍ଦ୍ରାପଡା ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ଏକଶହରୁ ଉର୍ଦ୍ଧ୍ୱ ପ୍ରାଇଭେଟ ମେକାନିକମାନେ ଯୋଗଦେଇ ତାଲିମ ଗ୍ରହଣ କରିଥିଲେ। ସମୀର ଟିଭିଏସର ନିର୍ଦ୍ଦେଶକ ସମୀର କୁମାର ଚାନ୍ଦଙ୍କ ଅଧ୍ୟକ୍ଷତାରେ




ଅନୁଷ୍ଠିତ ଏହି ଶିବିରରେ ବରିଷ୍ଠ ସାମ୍ବାଦିକ ଚିତ୍ତରଞ୍ଜନ ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇଥିବା ବେଳେ ସେଲ୍ସ (ଟିଏମ) ରବିକାନ୍ତ ଆନନ୍ଦ,ଟିଭିଏସ କ୍ରେଡିଟ୍‌ର ଓଡିଶା ମୁଖ୍ୟ ଦେବାଶିଷ ପ୍ରଧାନ, ଟିଭିଏସ କମ୍ପାନୀ ପ୍ରାଇଭେଟ ଗ୍ୟାରେଜ ମେକାନିକ ସଂଯୋଜକ ସୁନିଲ କୁମାର ପ୍ରମୁଖ ଯୋଗଦେଇ ମେକାନିକ ଭାଇମାନଙ୍କୁ କିପରି ସରଳ ଓ ସୁବିଧା ଉପାୟରେ ଟିଭିଏସର ବିଭିନ୍ନ ବାଇକ ଓ ସ୍କୁଟୀ ଗୁଡିକ ମରାମତି କରାଯାଇପାରିବ ସେ ସମ୍ପର୍କରେ ବିଭିନ୍ନ ଉଦାହରଣ ମାଧ୍ୟମରେ ବୁଝାଇଥିଲେ। ସମୀର ମୋଟର୍ସର ପ୍ରତିଷ୍ଠାତା ସମୀର କୁମାର ଚାନ୍ଦ ଦୀର୍ଘ ୩୧ବର୍ଷ ଧରି ମେକାନିକ ଭାଇମାନଙ୍କ ସହ ସୁସମ୍ପର୍କ ରଖି ଆସିଥିବାରୁ ଆଜି ଏଭଳି ଏକ ମେଗା ସୋରୁମ ଛିଡା ହୋଇ ପାରିଛି ବୋଲି ସେମାନେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଟିଭିଏସ କମ୍ପାନୀର ୩ଟି ନୂତନ ବାଇକର ଶୁଭ ଉଦଘାଟନ ମେକାନିକ ଭାଇମାନଙ୍କ ଦ୍ୱାରା କରାଯାଇଥିଲା। ଲକ୍ଷ୍ମୀକାନ୍ତ ବେହେରା, ଅନିଜା ଜେନା,ଦୁର୍ଯ୍ୟୋଧନ ମହାରଣା, ଶୁଭଶ୍ରୀ ନାୟକ, ଭାନୁପ୍ରିୟା ସେଠୀ, ରିତାଞ୍ଜଳୀ ସ୍ୱାଇଁ, ସତ୍ୟବ୍ରତ ଦାସ, ବଳରାମ ସେଠୀ, ନିକୁଞ୍ଜ ଶେଖର ନାୟକ, ସୁବାସ ସ୍ୱାଇଁ, ଅଭିଜିତ ଦାସଙ୍କ ସମେତ ସମୀର ଟିଭିଏସର ସମସ୍ତ କର୍ମଚାରୀ ଏହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ମହୁରୁଣ୍ଡିରେ କୁଲୁତା ସମାଜ ସମାଜର ନୂଆଖାଇ ଭେଟଘାଟ

ଖପ୍ରାଖୋଲ,୦୮/୧୦,ଜ୍ୟୋତି ରଞ୍ଜନ ପଣ୍ଡା (ନି.ସୂ): ଖପ୍ରାଖୋଲ ବ୍ଲକ ମହୁରୁଣ୍ଡି ଗାଁ ଶିବ ମନ୍ଦିର ପ୍ରାଙ୍ଗଣ ରେ ବିଶାଶହେ କୁଲୁତା ସମାଜ ର ବଡଗୁର୍ଜିଭଟା ଆଞ୍ଚଳିକ କେନ୍ଦ୍ର ସ୍ତରୀୟ ନୂଆଖାଇ ଭେଟଘାଟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଇଷ୍ଟ ଦେବୀ ମାଁ ରଣେଶ୍ୱର ରାମଚଣ୍ଡିଙ୍କ ପୂଜକ ଲଳିତ ଭୋଇ ପୂଜାର୍ଚ୍ଚନା କରିଥିଲେ। ଉପେନ୍ଦ୍ର ଭୋଇଙ୍କ ଅଧ୍ୟକ୍ଷତା ରେ ଅନୁଷ୍ଠିତ କାର୍ଯ୍ୟକ୍ରମ ରେ ମୁଖ୍ୟ ଅତିଥି ରୁପେ ଜିଲ୍ଲା ସଭାପତି ବେଲାର ସେନ ଭୋଇ,ମୁଖ୍ୟ ବକ୍ତା ରୁପେ ଲୋହିତ ଗଡ଼ତ୍ୟା , ସମ୍ମାନୀତ ଅତିଥି ରୂପେ ବଡ଼ ଗୁର୍ଜିଭଟା ଆଞ୍ଚଳିକ କେନ୍ଦ୍ର ସଭାପତି ବସୁଦେବ ଗଡତ୍ୟା, ଗ୍ରାମ୍ୟ କମିଟୀ ସଭାପତି ଯଦୁମଣି ଭୋଇ, ଲାଠୋର ଥାନା ଅଧିକାରି ଅବିନାଶ ପଧାନ , ବେଲପଡ଼ା ଥାନା ଅଧିକାରି ଅନନ୍ତ ପଧାନ , ଏଏସଆଇ ନାରାୟଣ ସାହୁ ଯୋଗଦେଇଥିଲେ। ଏହି ଅବସରରେ କୁଲୁତା ସମାଜ ର ଗୌରବ ମୟ ଇତିହାସ, ସାମାଜିକ ଏକତା ଉପରେ ଅତିଥି ମାନେ ମତପୋଷଣ କରିଥିଲେ। ପରେ ନାଚ ଗୀତ ଆଦି ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଶବିତ୍ ହୋଇଥିଲା। ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ଗଡ଼ଶଙ୍କର ଡୁଙ୍ଗୁରିପାଲି କେନ୍ଦ୍ରର ସଭାପତି ସଂଜୟ ଗଡ଼ତ୍ୟା ,



ବର୍ଥଲା,କେନ୍ଦ୍ରର ସଭାପତି ଯତି ପଧାନ , ବାବୁଲାଲ ପଧାନ , ହଳଧର ଭୋଇ,ମାଧବ ସାହୁ, ଭିମସେନ ବିଶ୍ୱାଳ,ଖଗେଶ୍ୱର ସାହୁ , ବସୁଦେବ ବିଶ୍ୱାଳ, ଭିକାରି ଚରଣ ବିଶ୍ୱାଳ, ସମ୍ପାଦକ କଳାକାହ୍ନୁ ସାହୁ ,ବବ୍ରୁ ବାହାନ ଭୋଇ,ସୁବାସ ପଧାନ, ସନ୍ତୋଷ ବିଶ୍ୱାଳ. ଜଳନ୍ଧର ପଧାନ ପ୍ରମୁଖ ବିଭିନ୍ନ କେନ୍ଦ୍ରର ସଭାପତି , ମାନ୍ୟଗଣ୍ୟ ବ୍ୟକ୍ତି ସମେତ ଶତାଧିକ ମହିଳା ପୁରୁଷ ଉପସ୍ଥିତ ଥିଲେ। ଭେଟଘାଟ ର ମୁଖ୍ୟ ଆୟୋଜକ ନରେନ୍ଦ୍ର ଭୋଇ ଓ ଉପେନ୍ଦ୍ର ଭୋଇ ସମେତ ରନଜିତ ଭୋଇ ,ଶ୍ୟାମନନ୍ଦ ପଧାନ,ଲବ ଭୋଇ, ନବଘନ ପଧାନ, ଜନ୍ମଜୟ ଭୋଇ, ଶିବ ଭୋଇ, ଶ୍ରୀପତି ଭୋଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ବନ୍ଦ ରହିଲା ଉପେନ୍ଦ୍ରନାଥ ସାରଦା ମହାବିଦ୍ୟାଳୟର ଚଳିତ ବର୍ଷର ଛାତ୍ର ସାଂସଦ ନିର୍ବାଚନ

ରସୁଲପୁର,(ନି.ସୂ):ସୂଚନା ମୁତାବକ ରସୁଲପୁର ବ୍ଲକ ଅନ୍ତର୍ଗତ ୟୁଏନଏସ ମହାବିଦ୍ୟାଳୟ ମୁଗୁପାଳ ର ଚଳିତ ବର୍ଷ ହେବାକୁ ଥିବା ଛାତ୍ର ସଂସଦ ନିର୍ବାଚନକୁ ସ୍ଥଗିତ ରଖିଛନ୍ତି କଲେଜ ଅଧକ୍ଷ । ଅର୍ଥାତ ଚଳିତବର୍ଷ କଲେଜ କ୍ୟାମ୍ପସରେ ନିର୍ବାଚନ ବନ୍ଦ ଏବଂ ଏହିଘଟଣାକୁ ନେଇ କଲେଜ କ୍ୟାମ୍ପସ ରେ ଛାତ୍ର ଛାତ୍ରୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି ଏବଂ ତରଭରିଆ ଭାବରେ କେଉଁ କାରଣ ଏବଂ କାହା ଚାପରେ ଚଳିତ ବର୍ଷ ହେବାକୁ ଥିବା ଛାତ୍ର ସଂସଦ ନିର୍ବାଚନ ବନ୍ଦ ରଖା ଗଲା ସେ ବିଷୟରେ ବିଭିର୍ନ ଛାତ୍ର ନେତା ବିଭିର୍ନ ମତ ରଖିଛନ୍ତି କିନ୍ତୁ କଲେଜ ତରଫରୁ ଅପହରିହାର୍ଯ୍ୟ ପରିସ୍ଥିତି ଏବଂ ପରିବେଶ କୁ ଦାୟୀ କରାଯାଇ ନିର୍ବାଚନ କୁ ବନ୍ଦ କରାଯାଇଥିବା ର ନୋଟିଫିକେସନ ବାହାରିଛି । ନିର୍ବାଚନ ବନ୍ଦ ହେବା ଘଟଣା ପ୍ରସାରିତ ହେବା ପରେ ସ୍ଥାନୀୟ ଅଞ୍ଚଳର ବୁଦ୍ଧିଜୀବୀ ଏବଂ ବିଭିର୍ନ ଦଳର ଛାତ୍ରନେତା କଲେଜ ଅଧକ୍ଷଙ୍କୁ ଭେଟି କଲେଜ କ୍ୟାମ୍ପସରେ ନିର୍ବାଚନ କରାଯିବାକୁ ଦାବିପତ୍ର ଦେବା ସହ ନିର୍ବାଚନ କରାଯିବାକୁ ନେଇ ଅନୁରୋଧ କରିଥିଲେ ଏବଂ ପରେ ବିଭିର୍ନ ଛାତ୍ର ନେତା, କଲେଜ ଅଧକ୍ଷ ଏବଂ କୁଆଖିଆ ଥାନା ଅଧିକାରୀଙ୍କ ମଧ୍ୟରେ ଏକ ବୈଠାକ



ହୋଇଥିବାର ସୂଚନା ମିଳିଛି । ସୂଚନା ମୁତାବକ କଲେଜର ଛାତ୍ର ଛାତ୍ରୀ ମାନଙ୍କ ବିଭିର୍ନ ଦାବି ରହିଥିଲା ଯାହାକୁ ସେମାନେ କଲେଜର ନିର୍ବାଚିତ ପ୍ରତିନିଧି ମାନଙ୍କ ମାଧମରେ ଉପସ୍ଥାପନ କରିଥାନ୍ତେ ବୋଧହୁଏ ନିର୍ବାଚନ ପ୍ରକ୍ରିୟା ବନ୍ଦ ହେବା ପରେ କେବେ ହୋଇ ନପାରେ ବୋଲି ଅଧକ୍ଷଙ୍କୁ ଜଣାଇଥିଲେ କିନ୍ତୁ କଲେଜ ଅଧକ୍ଷ ପିଲା ମାନଙ୍କୁ ପୂଜାଛୁଟି ପରେ ଯାହା ବି ଅସୁବିଧା ଅଛି ସେ ସବୁକୁ ଦୂର କରିଯିବା ନେଇ ପ୍ରତିଶୃତି ଦେଇଥିଲେ ।

ସୁଖ ଓ ଦୁଃଖର ମିଶ୍ରରେ ହିଁ ଜୀବନ। ସୁଖ ଦୁଃଖର ସନ୍ତୁଳନ ହିଁ ମଣିଷକୁ ସୁସ୍ଥ, ସୁନ୍ଦର ଆଉ ଅଭିଜ୍ଞ କରିତୋଳେ । ତାହାର ଆନୁପାତିକ ମୂଲ୍ୟାୟନ ସମ୍ଭବ ନୁହେଁ । ଆବଶ୍ୟକତା ବି ନୁହେଁ । ଯେତେବେଳେ ଯାହା ଯେମିତି ଯେଉଁ ଅନୁପାତରେ ଆସୁଛି ତାହା ଗ୍ରହଣ କରିବା ଉଚିତ୍ ।

# ରାହୁଲଙ୍କୁ ହିମନ୍ତ ବିଶ୍ୱ ଶର୍ମାଙ୍କ ଟାର୍ଗେଟ

କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କୁ ନେଇ ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱ ଶର୍ମା ବଡ଼ ବୟାନ ଦେଇଛନ୍ତି । ବୁଧବାର ଏକ କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେଇ ହିମନ୍ତ ରାହୁଲ ଗାନ୍ଧୀଙ୍କୁ ଚେତାବନୀ ଦେଇ କହିଛନ୍ତି, ଭାରତରେ ଯେପର୍ଯ୍ୟନ୍ତ ସନାତନର ଶକ୍ତି ରହିଛି, ସେପର୍ଯ୍ୟନ୍ତ ରାହୁଲ ଗାନ୍ଧୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କର ଚୁଟି ବଙ୍କା କରିପାରିବେ ନାହିଁ । ହିମନ୍ତ କହିଛନ୍ତି, ଯଦି କେହି ୧୦-୨୦ ହଜାର ଲୋକଙ୍କୁ ଏକାଠି କରି ମୋଦିଙ୍କୁ ଅଟକାଇ ପାରିବେ ବୋଲି ଭାବୁଛନ୍ତି, ତେବେ ଏହା ସମ୍ଭବ ନୁହେଁ । ତାଙ୍କ କହିବା ଅନୁସାରେ, ଦେଶର କୋଟି କୋଟି ଲୋକଙ୍କ ଶକ୍ତି ମୋଦିଙ୍କ ସହ ରହିଛି ଏବଂ ସନାତନ ଭାରତର ଆଶୀର୍ବାଦ ମଧ୍ୟ ତାଙ୍କ ସହ ରହିଛି । ଏହି ଅବସରରେ ହିମନ୍ତ କଂଗ୍ରେସକୁ ମଧ୍ୟ ଟାର୍ଗେଟ୍ କରିଛନ୍ତି। ଚାଇନା ସୀମାରେ କଂଗ୍ରେସ ସରକାର ସେନାକୁ 'ରାମ ଭରସାରେ' ଛାଡ଼ି ଦେଇଥିଲା ବୋଲି ସେ ଅଭିଯୋଗ କରିଛନ୍ତି । ତାଙ୍କ ମତରେ, ମୋଦିଙ୍କ ନେତୃତ୍ୱରେ ଏବେ ଏକ ନୂଆ ଭାରତ ଗଠନ ହେଉଛି, ଯାହା କାହାକୁ ଭୟ କରେ ନାହିଁ । ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ମୋଦିଙ୍କ କାର୍ଯ୍ୟକାଳରେ ଦେଶକୁ ନୂଆ ଦିଗ ଦେଇଥିବା ଅନେକ ନିଷ୍ପତ୍ତି ନିଆଯାଇଛି । କେନ୍ଦ୍ରରେ ଲଗାତାର ତିନିଟି କାର୍ଯ୍ୟକାଳ ମୋଦିଙ୍କ ନେତୃତ୍ୱ ଉପରେ ଲୋକଙ୍କ ଭରସାକୁ ଦର୍ଶାଉଛି ବୋଲି ସେ କହିଛନ୍ତି । 'ବିକଶିତ ଭାରତ ସଂକଳ୍ପ ସଭା'କୁ ସମ୍ବୋଧିତ କରିବା ସମୟରେ ହିମନ୍ତ ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ସମେତ ଭାଜପାର ବରିଷ୍ଠ ନେତାମାନଙ୍କ ଅବଦାନକୁ ମଧ୍ୟ ସ୍ମରଣ କରିଥିଲେ।

ମୁଖ୍ୟମନ୍ତ୍ରୀ ହିମନ୍ତ ଶର୍ମା କହିଛନ୍ତି, ଯଦି କେହି ୧୦-୨୦ ହଜାର ଲୋକଙ୍କୁ ଏକାଠି କରି ମୋଦିଙ୍କୁ ଅଟକାଇ ପାରିବେ ବୋଲି ଭାବୁଛନ୍ତି, ତେବେ ଏହା ସମ୍ଭବ ନୁହେଁ । ତାଙ୍କ କହିବା ଅନୁସାରେ, ଦେଶର କୋଟି କୋଟି ଲୋକଙ୍କ ଶକ୍ତି ମୋଦିଙ୍କ ସହ ରହିଛି ଏବଂ ସନାତନ ଭାରତର ଆଶୀର୍ବାଦ ମଧ୍ୟ ତାଙ୍କ ସହ ରହିଛି । ଏହି ଅବସରରେ ହିମନ୍ତ କଂଗ୍ରେସକୁ ମଧ୍ୟ ଟାର୍ଗେଟ୍ କରିଛନ୍ତି। ଚାଇନା ସୀମାରେ କଂଗ୍ରେସ ସରକାର ସେନାକୁ 'ରାମ ଭରସାରେ' ଛାଡ଼ି ଦେଇଥିଲା ବୋଲି ସେ ଅଭିଯୋଗ କରିଛନ୍ତି । ତାଙ୍କ ମତରେ, ମୋଦିଙ୍କ ନେତୃତ୍ୱରେ ଏବେ ଏକ ନୂଆ ଭାରତ ଗଠନ ହେଉଛି, ଯାହା କାହାକୁ ଭୟ କରେ ନାହିଁ ।

# ଗୋପବନ୍ଧୁ ଆଜି ଯଦି ଥାଆନ୍ତେ ?

**ଡକ୍ଟର ଲକ୍ଷ୍ମଣ ସାହୁ**

ଉତ୍କଳମଣି ଗୋପବନ୍ଧୁ ଦାସ ଓଡ଼ିଶାର ଜଣେ ବରିଷ୍ଠ ସ୍ୱାଧୀନତା ସଂଗ୍ରାମୀ, ସମାଜସେବୀ, କବି ଓ ଲେଖକ ଭାବରେ ଖ୍ୟାତ । ସେ ଦୈନିକ ଓଡ଼ିଆ ଖବର କାଗଜ ସମାଜ ଓ ସତ୍ୟବାଦୀ ପତ୍ରିକାର ପ୍ରତିଷ୍ଠାତା ଥିଲେ । ଗୋପବନ୍ଧୁ ୧୮୭୭ ମସିହା ଅକ୍ଟୋବର ମାସ ୯ ତାରିଖରେ ପିତା ଦୈତାରି ଦାସ ଓ ମାତା ସ୍ୱର୍ଣ୍ଣମୟୀ ଦେବୀଙ୍କ ସନ୍ତାନ ଭାବେ ପୁରୀ ଜିଲ୍ଲାର ସୁଆଣ୍ଡୋ ଗ୍ରାମରେ ଜନ୍ମଗ୍ରହଣ କରିଥିଲେ । ଖୁବ ଅଳ୍ପ ବୟସରେ ସେ ମା'ଙ୍କୁ ହରାଇଥିଲେ । ୧୮୯୩ ମସିହାରେ ପୁରୀ ଜିଲ୍ଲା ସ୍କୁଲରେ ନାମ ଲେଖାଇଲେ ।

ସେଠାରେ ତାଙ୍କର ଗୁରୁ ମୁକ୍ତିଆର ରାମଚନ୍ଦ୍ର ଦାସଙ୍କ ସହିତ ପରିଚୟ ହୋଇଥିଲା ଓ ତା'ଙ୍କ ଠାରୁ ପରେ ସେ ଦେଶସେବା ବାବଦରେ ଶିକ୍ଷା ପାଇଥିଲେ । ସେ ୧୨ ବର୍ଷ ବୟସରେ ଅପତୀ ଦେବୀଙ୍କୁ ବିବାହ କରି ମଧ୍ୟ ପାଠପଢ଼ା ଜାରିରଖିଥିଲେ । ପୁରୀରୁ ମାଟ୍ରିକ ପାସ୍ କରିବା ପରେ ସେ କଟକର ରେଭେନ୍ସା ମହାବିଦ୍ୟାଳୟରେ ଅଧ୍ୟୟନ କଲେ । ରେଭେନ୍ସା ମହାବିଦ୍ୟାଳୟରେ ପଢୁଥିବା ସମୟରେ ତାଙ୍କ ପିତାଙ୍କ ଦେହାନ୍ତ ହୋଇଥିଲା । ୧୯୦୩ରେ ଉତ୍କଳ ସମ୍ମିଳନୀରେ ସକ୍ରିୟ ଭାବେ ଭାଗ ନେଇ ଓଡ଼ିଆ ଭାଷା ଆନ୍ଦୋଳନରେ ଯୋଗଦାନ ସମୟରେ ସମୟରେ ତାଙ୍କର ପ୍ରଥମ ପୁତ୍ରଙ୍କର ମୃତ୍ୟୁ ଘଟିଥିଲା । କଲିକତାରେ ବିଏଲ ପଢୁଥିବା ବେଳେ ସେ ଦ୍ୱିତୀୟ ପୁତ୍ରଟିକୁ ମଧ୍ୟ ହରାଇ ଥିଲେ । ଏପରିକି ସେ ବିଏଲ ପାସ କରିବା ଖବର ପାଇବା ଦିନ ତାଙ୍କ ପତ୍ନୀଙ୍କର ମଧ୍ୟ ମୃତ୍ୟୁ ଘଟିଥିଲା । ଏହା ହିଁ ଥିଲା ତାଙ୍କ ଜୀବନର ଆନନ୍ଦ ମିଶ୍ରିତ ଦୁଃଖଦ ଘଟଣା ।

ସେ ୧୯୦୪ ମସିହାରେ ରେଭେନ୍ସା ମହାବିଦ୍ୟାଳୟରୁ ବି.ଏ ପାସ କରିବା ପରେ କଲିକତାରେ ବିଏଲ ପଢ଼ିଲେ । କଲିକତାରୁ ଫେରି ଗୋପବନ୍ଧୁ ଦାସ ବାଲେଶ୍ୱର ଜିଲ୍ଲାର ନୀଳଗିରି ଠାରେ ଶିକ୍ଷକ ଭାବରେ କାର୍ଯ୍ୟ ଆରମ୍ଭ କରିଥିଲେ । କଲିକତାରେ ବିଏଲ ପଢ଼ିବା ସମୟରେ ପ୍ରବାସୀ ଓଡ଼ିଆ ଶ୍ରମିକମାନଙ୍କ ସହାୟତା ନିମନ୍ତେ ସେ 'ଓଡ଼ିଆ ଶ୍ରମିକ ସଂଘ' ଓ 'ସାନ୍ଧ୍ୟ ବିଦ୍ୟାଳୟ' ପ୍ରତିଷ୍ଠା କରିଥିଲେ । ଗୋପବନ୍ଧୁ ଦାସ ଆଧୁନିକ ଯୁଗର ପଞ୍ଚସଖାମାନଙ୍କ ମଧ୍ୟରୁ ଅନ୍ୟତମ । ମଧୁସୂଦନ ରାଓଙ୍କ ନିଷ୍ପତି କ୍ରମେ ତାଙ୍କ ନେତୃତ୍ୱରେ ପଞ୍ଚସଖାମାନେ ମିଶି ସାକ୍ଷୀଗୋପାଳର ବକୁଳ ଓ ଛୁରିଆନା କୁଞ୍ଜରେ ସତ୍ୟବାଦୀ ବନ ବିଦ୍ୟାଳୟ ପ୍ରତିଷ୍ଠା କରିଥିଲେ । ଏହି ବିଦ୍ୟାଳୟରୁ ସେତେବେଳେ ଜାତୀୟ ସ୍ୱାଧୀନତା ଆନ୍ଦୋଳନ ପରିଚାଳିତ ହେଉଥିଲା । ୧୯୧୮ରୁ ୧୯୨୦ ମଧ୍ୟରେ ଓଡ଼ିଶାରେ ସଂଘଟିତ ବନ୍ୟା, ମରୁଡ଼ି, ଦୁର୍ଭିକ୍ଷ ଓ ଅନାବୃଷ୍ଟି ତାଙ୍କୁ ମର୍ମାହତ କରିଥିଲା । ସେ ଚୁଡ଼ା, ଚାଉଳ ଧରି ପ୍ରପୀଡ଼ିତ ଅଞ୍ଚଳରେ ବାଣ୍ଟିଥିଲେ ।

ଏପରିକି କଟକରେ ଅଧ୍ୟୟନ ସମୟରେ ଓଡ଼ିଆ ଭାଷାର ବିଲୋପ ଚକ୍ରାନ୍ତ ବିରୋଧରେ ଗୋପବନ୍ଧୁଙ୍କ ସମେତ ଅନେକ ଓଡ଼ିଆ ନେତା ଆନ୍ଦୋଳନ ଆରମ୍ଭ କରିଥିଲେ। ସେ କର୍ତ୍ତବ୍ୟ ବୋଧିନୀ ସମିତି ଗଠନ କରି ଓଡ଼ିଆ ଭାଷା ବିଲୋପର ତୀବ୍ର ପ୍ରତିବାଦ କରିଥିଲେ । ତାଙ୍କର ଆହ୍ୱାନ ଥିଲା 'ପ୍ରତ୍ୟେକ ବ୍ୟକ୍ତି ଓ ଜାତିର ପରିଚୟ ହେଉଛି ତାହାର ଭାଷା । ଭାଷାହିଁ ଜାତିର ପ୍ରାଣସ୍ପନ୍ଦନ' । ସେ ଓ ରାମଚନ୍ଦ୍ର ଦାଶ ରମ୍ଭାଠାରେ ଉତ୍କଳ ସମ୍ମିଳନୀର ପ୍ରଥମ ଅଧିବେଶନ ପରିଚାଳନା କରିଥିଲେ । ସେ ୧୯୦୩ରେ ମଧୁସୂଦନ ଦାସଙ୍କ ଦ୍ୱାରା ଆହୂତ ଉତ୍କଳ ସମ୍ମିଳନୀରେ ସକ୍ରିୟ ଭାବେ ଭାଗନେଇଥିଲେ। ଏହି ଆନ୍ଦୋଳନ କ୍ରମେ ତୀବ୍ର ହୋଇ ୧୯୩୬ରେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ଦିଗକୁ ମୁହାଁଇଥିଲା ।

ଓଡ଼ିଶା ଲୋକଙ୍କର ଦୁର୍ଦ୍ଦଶା, ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ, ଅହିଂସା ଆନ୍ଦୋଳନ, ମହାତ୍ମା ଗାନ୍ଧୀଙ୍କ ବାର୍ତ୍ତା ଓ ଭାରତୀୟ ଜାତୀୟ କଂଗ୍ରେସର ଆଭିମୁଖ୍ୟ ପ୍ରଚାର ତଥା ଜନସାଧାରଣଙ୍କୁ ଅବଗତ କରାଇବା ନିମନ୍ତେ ସେ ୧୯୧୯ ଅକ୍ଟୋବର ମାସ ୪ ତାରିଖ ଦଶହରା ତିଥିରେ ସାପ୍ତାହିକ 'ସମାଜ' ଖବରକାଗଜ ପ୍ରକାଶ କରିଥିଲେ । ପ୍ରଥମେ ଏହା ୧୯୧୯ ମସିହାରେ ସତ୍ୟବାଦୀରୁ, ୧୯୨୪ ମସିହାରେ ପୁରୀରୁ ଓ ଶେଷରେ ୧୯୨୭ ମସିହାରେ କଟକରୁ ପ୍ରକାଶିତ ହେଉଥିଲା । ସମାଜର ପ୍ରଥମ ସମ୍ପାଦକୀୟରେ ସେ ସମାଜର ସକଳ ଶ୍ରେଣୀ ମାନବଙ୍କର ସ୍ନେହ, ପ୍ରୀତି ଓ ସଦିଚ୍ଛା କାମନାକରିଥିଲେ । ୧୯୩୦ରେ 'ସମାଜ' 'ସାପ୍ତାହିକରୁ ଦୈନିକ ଖବରକାଗଜରେ ପରିଣତ ହୋଇଥିଲା । ଲୋକମାନଙ୍କ ଉପରେ ପୁଲିସର ମାତ୍ରାଧିକ ବଳପ୍ରୟୋଗ ଓ ଇଂରେଜ ସରକାରଙ୍କ ଅବିଚାର ସମ୍ପର୍କରେ ସମାଜରେ ସମ୍ବାଦ ପ୍ରକାଶ କରିବା ପରେ ଇଂରେଜ ସରକାର ତାଙ୍କୁ ୧୯୨୨ ମସିହାରେ କାରାବନ୍ଧ କରିଥିଲେ । କାରାଗାରରେ ଥିବା ବେଳେ ସେ 'କାରାକବିତା' ଓ 'ବନ୍ଦୀର ଆତ୍ମକଥା' ନାମରେ ଦୁଇଟି କାବ୍ୟଗ୍ରନ୍ଥ ରଚନା କରିଥିଲା । ଏତତ୍ ବ୍ୟତୀତ ଅବକାଶ ଚିନ୍ତା (୧୮୯୯), ବନ୍ଦୀର ଆତ୍ମକଥା, ଧର୍ମପଦ ବ୍ରହ୍ମତତ୍ତ୍ୱ ବା ନଚିକେତା ଉପାଖ୍ୟାନ , ଗୋମାହାତ୍ମ୍ୟ , ଓଡ଼ିଆର ଜାତୀୟତା (ପ୍ରବନ୍ଧ) ଆଦି ରଚନା କରିଥିଲେ । ୧୯୨୪ରେ ଜେଲରୁ ଖଲାସ ହେବାପରେ କଟକଠାରେ ଅନୁଷ୍ଠିତ ଏକ ବିଶାଳ ସମ୍ବର୍ଦ୍ଧନା ସଭାରେ ବୈଜ୍ଞାନିକ ଆଚାର୍ଯ୍ୟ ପ୍ରଫୁଲ୍ଲ ଚନ୍ଦ୍ର ରାୟ ତାଙ୍କୁ 'ଉତ୍କଳମଣି' ବୋଲି ସମ୍ବୋଧନ କଲାବେଳେ ଉପସ୍ଥିତ ଜନତା କରତାଳି ଦ୍ୱାରା ଏହି ଉପାଧୀକୁ ସ୍ୱୀକୃତି ଦେଇଥିଲେ । ଗୋପବନ୍ଧୁ ଦାସଙ୍କ ଦେଶସେବାରେ ଅବଦାନ ପାଇଁ ଲାଲା ଲାଜପତ ରାୟ ତାଙ୍କୁ ଲୋକସେବକ ମଣ୍ଡଳର ଆଜୀବନ ସଦସ୍ୟ ରୂପେ ଗ୍ରହଣ କରିଥିଲେ । ପରେ ସେ ଏହି ଅନୁଷ୍ଠାନର ଉପାଧକ୍ଷ ଭାବରେ ମନୋନୀତ ହୋଇଥିଲେ । ୧୯୨୮ ମସିହାରେ ଲୋକସେବକ ମଣ୍ଡଳର ବୈଠକରେ ଯୋଗ ଦେବାକୁ ଲାହୋର ଯିବା ବାଟରେ ସେ କଲିକତାଠାରେ ଆନ୍ତ୍ରିକ ଜ୍ୱରରେ ଆକ୍ରାନ୍ତ ହୋଇ ସତ୍ୟବାଦୀ ଫେରିଆସିଥିଲେ ।

ହେଲେ ତାଙ୍କର ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହୋଇପଡ଼ିଥିଲା । ୧୯୨୮ ମସିହା ଜୁନ ୧୭ ତାରିଖ ରବିବାର ସନ୍ଧ୍ୟା ୭ଟା ୨୫ମିନିଟରେ ତାଙ୍କର ମୃତ୍ୟୁ ହୋଇଥିଲା । ମୃତ୍ୟୁର ଦୁଇ ଘଣ୍ଟା ଆଗରୁ ସେ ନିଜ ଇଚ୍ଛାପତ୍ରରେ ସମାଜ ଓ ସତ୍ୟବାଦୀ ପ୍ରେସର ପରିଚାଳନା ଭାର ଲୋକସେବକ ମଣ୍ଡଳକୁ ଅର୍ପଣ କରିଥିଲେ ।



ଗୋପବନ୍ଧୁ ଥିଲେ ଦରଦୀ, ନରମା ମଣିଷ । ଛିନ୍ନମସ୍ତା ଉତ୍କଳର ଦୁଃଖ ଦୁର୍ଦ୍ଦଶାଗ୍ରସ୍ତ ଚିତ୍ର ଦେଖି ତାଙ୍କ ଆଖିରୁ ଝରିଥିଲା ଶ୍ରାବଣର ଲୁହ । ସେ ଦେଶ ଓ ଜାତିକୁ ପ୍ରାଣଭରି ଭଲ ପାଇଛନ୍ତି । ତାଙ୍କର ହୃଦୟ ପ୍ରଶସ୍ତ ଥିଲା । ତାଙ୍କ ହୃଦୟକୁ ସଂକୀର୍ଣ୍ଣତା ସ୍ପର୍ଶ କରିପାରି ନଥିଲା । କର୍ମ, ସେବା , ତ୍ୟାଗ, ଆଦର୍ଶ, ମାନବବାଦ ଓ ଅସଂପନ୍ନ ପ୍ରତିଭାର ଥିଲେ ଉର୍ଚ୍ଚସ୍ୱଳ । କବି କଳ୍ପନା ଓ ଅନୁଭୂତିର ପ୍ରତିଟି କଳାତ୍ମକ ଦିଗ, ସ୍ୱଦେଶ ପ୍ରୀତି, ପ୍ରକୃତି ପ୍ରୀତି , ଭଗବତ୍ ପ୍ରୀତି , ମାନବ ପ୍ରୀତି ଓ ବିଶ୍ୱ ପ୍ରୀତିର ଜୀବନାଦର୍ଶ ଦ୍ୱାରା ନିଜର ସ୍ୱାର୍ଥ ଜଳାଞ୍ଜଳି ଦେଇ ଦେଶପ୍ରେମରେ ଆତ୍ମୋତ୍ସର୍ଗ ବାସ୍ତବରେ ଦେଖିବାକୁ ବିରଳ । ସେ ହିନ୍ଦୁ ଓ ଜଗନ୍ନାଥ ଧର୍ମର ମହତ୍ତ୍ୱ ଉପଲବ୍ଧ କରି ଜଗନ୍ନାଥଙ୍କୁ ଉତ୍କଳର ସର୍ବମୟ କର୍ତ୍ତା ବୋଲି ଅଭିହିତ କରିଅଛନ୍ତି ' ଭାରତର ପ୍ରତି ବୃକ୍ଷ କଳ୍ପବଟ / ପ୍ରଭୁ ଜଗନ୍ନାଥ ସର୍ବତ୍ର ପ୍ରକଟ।' ଜଗନ୍ନାଥ ଧର୍ମ ଓ ସଂସ୍କୃତି ଥିଲା ଜୀବନ ବେଦ ।

ନିଷ୍କର୍ଷରେ କେବଳ ସୂଚେଇ ଦିଏ ଗୋପବନ୍ଧୁ ଏକାଧାରରେ ଥିଲେ ଜଣେ କବି, ସମାଜ ସେବକ, ଶିକ୍ଷାବିତ୍ , ତଥା ରାଜନୀତିଜ୍ଞ । ତାଙ୍କ ସାହିତ୍ୟରେ ଦେଶର କଲ୍ୟାଣ ଚିନ୍ତା ସହିତ ଜଡ଼ିତ ହୋଇ ରହିଛି ଗୋଟିଏ ନୀରନ୍ଧ୍ର ଆଧ୍ୟାତ୍ମିକ ଚେତନା । ସେଥିରେ ଭରି ରହିଛି ନୂତନ ଜୀବନ ଦର୍ଶନ, ପବିତ୍ର ଦେଶସେବା, ଜାତୀୟ ଜୀବନ ଓ ଜାତୀୟ ଚରିତ୍ର ଗଠନର ଅମୃତମୟ ଲକ୍ଷ୍ୟ। ଆତ୍ମୋତ୍ସର୍ଗର ସେହି ଅମର ମହାମାନବ ଉତ୍କଳମଣି ଗୋପବନ୍ଧୁଙ୍କ ସ୍ମୃତି ରୋମନ୍ଥନ ପୂର୍ବକ ତାଙ୍କରି ବାଣୀକୁ ସ୍ମରଣ କରିବା – ' ମିଶୁ ମୋର ଦେହ ଏ ଦେଶ ମାଟିରେ / ଦେଶବାସୀ ଚାଲିଯାଆନ୍ତୁ ପିଠିରେ '..!!!

**ଜନ୍ମ ଜୟନ୍ତୀ ଅବସରରେ**

**ଅଧ୍ୟକ୍ଷ , ମହାନଦୀ ବିହାର ମହିଳା ସ୍ନାତକ ମହାବିଦ୍ୟାଳୟ ,କଟକ**
**ସଂପର୍କ: ୯୦୪୦ ୧୫୧୪୭୫**

# ସେବାର ମୂର୍ତ୍ତିମନ୍ତ ପ୍ରତୀକ ଉତ୍କଳମଣି ଗୋପବନ୍ଧୁ

**ଅରୁନ୍ଧତୀ ଦେବୀ**

ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କର ଆଦର୍ଶ ତ୍ୟାଗ ଓ ସମାଜ ସେବା ସମଗ୍ର ଓଡ଼ିଆ ଜାତି ପାଇଁ ଚିରସ୍ମରଣୀୟ ହୋଇ ରହିଛି ଓ ରହିଥିବ । ତାଙ୍କ ଜୀବନୀ ପ୍ରତ୍ୟେକ ଓଡ଼ିଶାବାସୀକୁ ପ୍ରଭାବିତ କରିଥାଏ । ଜନ୍ମ ହେଲେ ସମସ୍ତେ ମୃତ୍ୟୁବରଣ କରନ୍ତି । କାଳର କରାଳ ଗର୍ଭରେ ସବୁକିଛି ବିଲୀନ ହୋଇଯାଏ । ସମୟର ସ୍ରୋତ ସମସ୍ତଙ୍କୁ ଭସାଇ ନିଏ । ଯେତେ ଯାହା ହେଲେ ମଧ୍ୟ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ ତାଙ୍କର ନିଷ୍ପାପର ଆନ୍ତରିକ ସେବା କାର୍ଯ୍ୟ ପାଇଁ ପ୍ରତ୍ୟେକ ଓଡ଼ିଆଙ୍କ ନିକଟରେ ଅଭୁଲା ହୋଇ ରହିଥିବେ । ଗୋପବନ୍ଧୁ ଜନ୍ମ ଲାଭ କରିଥିଲେ ପୁରୀ ଜିଲ୍ଲାର ସୁଆଣ୍ଡୋ ନାମକ ଏକ ଗ୍ରାମରେ ୧୮୭୭ ମସିହା ଅକ୍ଟୋବର ମାସ ୯ ତାରିଖରେ। ତାଙ୍କ ପିତାଙ୍କ ନାମ ଥିଲା ଦୈତାରୀ ଦାସ ଓ ମାତାଙ୍କ ନାମ ଥିଲା ସ୍ୱର୍ଣ୍ଣମୟୀ ଦେବୀ । ଜନ୍ମର ଅଳ୍ପ ଦିନ ପରେ ସେ ମା'ଛେଉଣ୍ଡ ହୋଇ ପିଉସୀ କମଳା ଦେବୀଙ୍କ ତତ୍ତ୍ୱାବଧାନରେ ପ୍ରତିପାଳିତ ହୋଇଥିଲେ । ଗ୍ରାମରେ ଥିବା ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ଶିକ୍ଷା ଲାଭ କଲାପରେ ରୂପଦେଇପୁରରେ ଥିବା ମଧ୍ୟଇଂରାଜୀ ବିଦ୍ୟାଳୟରେ ପଢ଼ିଲେ । ପୁରୀ ଜିଲ୍ଲା ସ୍କୁଲରୁ ୧୮୯୯ ମସିହାରେ ସେ ମେଟ୍ରିକ୍ୟୁଲେସନ ପରୀକ୍ଷାରେ କୃତକାର୍ଯ୍ୟ ହେଲେ । ତାଙ୍କର କଲେଜ ଶିକ୍ଷା ଆରମ୍ଭ ହେଲା କଟକ ରେଭେନ୍ସା ମହାବିଦ୍ୟାଳୟରେ । ୧୯୦୨ ମସିହାରେ ସେ ଏଫ୍.ଏ. ପରୀକ୍ଷାରେ ଓ ୧୯୦୪ ମସିହାରେ ବି.ଏ. ପରୀକ୍ଷାରେ କୃତକାର୍ଯ୍ୟ ହେଲେ । ରେଭେନ୍ସା କଲେଜରେ ପଢୁଥିବା ସମୟରେ ସେ ଆଚାର୍ଯ୍ୟହରିହର ଆଦି ଦେଶ ସେବକ ମାନଙ୍କ ସଂସ୍ପର୍ଶରେ ଆସି ଦେଶ ସେବାରେ ଆଗ୍ରହୀ ହେଲେ । ୧୯୦୨ ମସିହାରେ ବ୍ରହ୍ମପୁରରେ ହୋଇଥିବା ଉତ୍କଳ ସମ୍ମିଳନୀରେ ଯୋଗ ଦେଇ ସ୍ୱରଚିତ ପ୍ରାରମ୍ଭିକ ସଙ୍ଗୀତ ଗାନ କରି ଉତ୍କଳ ଗୌରବ ମଧୁସୂଦନ ଦାସ ଆଦି ବିଶିଷ୍ଟ ବ୍ୟକ୍ତିମାନଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ରେଭେନ୍ସା ମହାବିଦ୍ୟାଳୟରୁ ବି.ଏ. ପାଶ କଲାପରେ ସେ କଲିକତା ବିଶ୍ୱବିଦ୍ୟାଳୟରୁ ଆଇନ ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିଲେ । ଦେଶର ଶିକ୍ଷାର ପ୍ରସାର ପାଇଁ ସେ ନିଳଗିରି ଠାରେ ସ୍ଥାପିତ ଉଚ୍ଚ ଇଂରାଜୀ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ଭାବେ ଯୋଗ ଦେଲେ ।

ଜଣେ ଆଦର୍ଶ ଶିକ୍ଷକଙ୍କର ଭୂମିକା ସମ୍ବନ୍ଧରେ ଅନ୍ୟ ଶିକ୍ଷକମାନଙ୍କୁ ପ୍ରଶିକ୍ଷିଣ ଦେଲାପରେ ସେ ଆଇନଜ୍ଞ ଭାବେ କଟକରେ କାର୍ଯ୍ୟକଲେ ଓ ପରେ ପୁରୀ ଯାଇ ଓକିଲାତି କରିଥିଲେ । ମିଥ୍ୟାକୁ ତିଳେ ମାତ୍ର ପ୍ରଶୟ ନ ଦେଇ ସତ୍ୟକୁ ସମ୍ବଳ କରି ଓକିଲାତି କରିବା ପାଇଁ ସେ ଅନ୍ୟ ଓକିଲ ମାନଙ୍କୁ କହୁଥିଲେ । ସେତେବେଳେ ଓଡ଼ିଶା ଏକ ସ୍ୱତନ୍ତ୍ର ପ୍ରଦେଶ ନଥିଲା । ବିହାର ଓ ଓଡ଼ିଶା ଏକ ଶାସନାଧୀନ ଥିଲା । ଗୋପବନ୍ଧୁ ୧୯୧୭ରୁ ୧୯୨୦ ମସିହା ପର୍ଯ୍ୟନ୍ତ ବିହାର ଓଡ଼ିଶା ବିଧାନ ସଭାର ସଭ୍ୟ ରହି ବହୁତ ଉନ୍ନତି ମୂଳକ କାର୍ଯ୍ୟ କରିଯାଇଛନ୍ତି । ବିଶେଷତଃ ପରାଧୀନ ଦେଶରେ ଦେଶବାସୀଙ୍କର ପ୍ରକୃତ ଉନ୍ନତି କିପରି ହେବ ସେଥିପାଇଁ ସେ ଚିନ୍ତିତ ଥିଲେ । ଓଡ଼ିଶାରେ ଜାତୀୟ କଂଗ୍ରେସର ସେ ସଭାପତି ହେଲେ ।

ମହାତ୍ମାଗାନ୍ଧୀଙ୍କ ଦ୍ୱାରା ପ୍ରଚାରିତ ଅସହଯୋଗ ଆନ୍ଦୋଳନରେ ଯୋଗ ଦେଇ ସେ ୧୯୨୨ରୁ ଦୁଇବର୍ଷ ପାଇଁ ହଜାରିବାଗ ଜେଲରେ ବନ୍ଦୀ ଜୀବନ ବିତାଇ ଥିଲେ । ଓଡ଼ିଆ ଭାଷାରେ ଲିଖିତ ତାଙ୍କର ଦେଶପ୍ରେମର ବାର୍ତ୍ତା ଦେଶବାସୀଙ୍କ ମଧ୍ୟରେ ଦେଶପ୍ରେମ ଓ ସ୍ୱାଧୀନତାର ବହ୍ନି ଜାଳି ଦେଇଥିଲା । ୧୯୨୪ ମସିହାରେ କଟକ ଠାରେ ଅନୁଷ୍ଠିତ ହୋଇଥିବା ଉତ୍କଳ ସମ୍ମିଳନୀରେ ତାଙ୍କୁ ଉତ୍କଳମଣି ଉପାଧି ପ୍ରଦାନ କରାଯାଇଥିଲା । ସେ ଲୋକ ସେବକ ମଣ୍ଡଳର ସଦସ୍ୟ ଓ ଉପସଭାପତି ଥିଲେ । ନିଃସ୍ୱାର୍ଥ ସେବାକୁ ସେ ଜୀବନର ବ୍ରତ ରୂପେ ଗ୍ରହଣ କରିଥିଲେ । ରେଭେନ୍ସା କଲେଜରେ ଛାତ୍ରଥିବା ସମୟରେ ସେ ଗରିବ ଛାତ୍ର ମାନଙ୍କ ପାଇଁ ବିଭିନ୍ନ ବ୍ୟକ୍ତି ବିଶେଷଙ୍କ ଠାରୁ ଅର୍ଥ ସଂଗ୍ରହ କରି ଅଭାବି ଛାତ୍ର ମାନଙ୍କ ପାଇଁ ବହି ଖାତା କିଣିବା ଓ ଖାଇବା ବନ୍ଦୋବସ୍ତ କରୁଥିଲେ । ବନ୍ୟାବାତ୍ୟା ଓ ନାନା ପ୍ରକାର ଦୁର୍ବିପାକ ସମୟରେ ସେ ଲୋକମାନଙ୍କର ଉଦ୍ଧାର କାର୍ଯ୍ୟ କରିବା ସହ ଖାଦ୍ୟପେୟର ସୁବନ୍ଦୋବସ୍ତ କରିବା ପାଇଁ ନିଜ ସୁଖ ସୁବିଧାକୁ ଜଳାଞ୍ଜଳି ଦେଇ ସେବାରେ ଲାଗିପଡୁଥିଲେ । ନିଜ ପରିବାରକୁ ମଧ୍ୟ ଗୌଣ ସ୍ଥାନ ଦେଇ ଅସହାୟଙ୍କ ସେବାକୁ ପ୍ରାଧାନ୍ୟ ଦେଉଥିଲେ । ତାଙ୍କ ନିଜ ପୁଅ ରୋଗଗ୍ରସ୍ତ ଥିବା ସମୟରେ ସେ ଖବର ପାଇଲେ ବନ୍ୟା ଯୋଗୁଁ ଅନେକ ଅଞ୍ଚଳ ଜଳମଗ୍ନ ହୋଇ ଯାଇଥିବାରୁ ଲୋକମାନେ ଘରଦ୍ୱାରା ହରାଇ ଭୋକ ଉପାସରେ ପଡ଼ିରହି କଷ୍ଟ ଭୋଗୁଛନ୍ତି । ନିଜର ଗୁରୁତର ଅବସ୍ଥାରେ ପଡ଼ିଥିବା ରୋଗଗ୍ରସ୍ତ ପୁଅକୁ ଛାଡ଼ି ବନ୍ୟା ପ୍ରପୀଡ଼ିତ ଲୋକମାନଙ୍କ ଥଇଥାନ ଓ ଅନ୍ନ ସଂସ୍ଥାନ କରିବା ପାଇଁ ଚାଲିଗଲେ । ଗୋଟିଏ ପୁଅ ତୁଳନାରେ ହଜାର ହଜାର ଲୋକଙ୍କ କଷ୍ଟ ଦୂର କରିବା ତାଙ୍କ ପାଇଁ ଅଧିକ ଉପଯୋଗୀ ମନେହେଲା ।

ବନ୍ୟା ପ୍ରପୀଡ଼ିତ ଲୋକମାନଙ୍କ ସେବା କରି ଘରକୁ ଫେରି ଆସିଲା ବେଳକୁ ପୁଅ ଶେଷ ବିଦାୟ ନେଇ ସାରିଥିଲା । ବାସ୍ତବିକ ଏ ପ୍ରକାର ସେବା କେତେ ଜଣ କରିପାରିବେ ? ନିଜ ପର ମଧ୍ୟରେ ପ୍ରଭେଦ ସେ ଦେଖୁନଥିଲେ । ମାନବ ସେବାକୁ ମାଧବଙ୍କ ସେବା ବୋଲି ସେ ଗ୍ରହଣ କରିଥିଲେ । ଲୋକମାନଙ୍କ ନିକଟରେ ବିଭିନ୍ନ ସମ୍ବାଦ ପହଞ୍ଚାଇବାକୁ ସେ ସେବା ରୂପେ ଗ୍ରହଣ କରିଥିଲେ । ସେଥିପାଇଁ ୧୯୧୫ ମସିହାରେ ନିଜ ଗ୍ରାମରୁ କିଛି ଦୂରରେ ଥିବା ସାକ୍ଷୀଗୋପାଳରୁ 'ସତ୍ୟବାଦୀ' ନାମରେ ଗୋଟିଏ ପତ୍ରିକା ପ୍ରକାଶ କରି ଲୋକମାନଙ୍କ ମଧ୍ୟରେ ବିତରଣ କଲେ । ୧୯୧୯ ମସିହାରେ 'ସମାଜ' ପତ୍ରିକା ପ୍ରକାଶ କଲେ । ପରାଧୀନ ଦେଶରେ ଲୋକ ମାନଙ୍କୁ ସ୍ୱାଧୀନତା ସମ୍ବନ୍ଧରେ ଉଦ୍‌ବୃଦ୍ଧ କରିବାକୁ ଏକ ବଡ଼ ସେବା ବୋଲି ସେ ଗ୍ରହଣ କରିଥିଲେ । ଦେଶ ଓ ଦଶର ସେବା ବ୍ରତ ପାଇଁ ସେ ଚିରଦିନ ଓଡ଼ିଆ ମାନଙ୍କ ମନରେ ବଞ୍ଚି ରହିଥିବେ ।

*ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନ କଟକ,*
*ଦୂରଭାଷ : ୯୯୩୭୧୭୨୮୧୦*

# ପରଦାର ନାୟକ ନୁହେଁ, ମଣିଷର ନାନା ପାଟେକର

**ସୌଭାଗ୍ୟ ରଞ୍ଜନ ମହାନ୍ତି**

ଏକ ଅସାଧାରଣ ଅଭିନୟ ଯାତ୍ରାର ଅବସାନ ଭାରତୀୟ ଚଳଚ୍ଚିତ୍ର ଜଗତରେ କେତେକ ମଣିଷ ଆସନ୍ତି, ଯେଉଁମାନେ କେବଳ ଅଭିନୟ କରି ଚାଲିଯାଆନ୍ତି ନାହିଁ; ସେମାନେ ନିଜ ଅଭିନୟରେ ଏକ ଯୁଗର ଚରିତ୍ରକୁ ଧରି ରଖିଯାଆନ୍ତି, ନିଜ ସଂଳାପରେ ଏକ ସମାଜର ବେଦନାକୁ କଣ୍ଠ ଦିଅନ୍ତି ଏବଂ ନିଜ ଜୀବନରେ କଳାର ଅର୍ଥକୁ ଆହୁରି ବିସ୍ତୃତ କରିଦିଅନ୍ତି। ନାନା ପାଟେକର ସେହି ବିରଳ ମଣିଷମାନଙ୍କ ମଧ୍ୟରୁ ଜଣେ। ତାଙ୍କ ପରଲୋକ କେବଳ ଜଣେ ଅଭିନେତାଙ୍କ ବିଦାୟ ନୁହେଁ, ଏହା ଭାରତୀୟ ଅଭିନୟର ଏକ ଅଲଗା ଧାରାର ଏକ ମହାନ ପ୍ରତିନିଧିଙ୍କୁ ହରାଇବାର ଦୁଃଖ। ଆଜି, ୮ ଅକ୍ଟୋବର ୨୦୨୬, ଯେତେବେଳେ ତାଙ୍କ ବିଦାୟର ଖବର ଦେଶବାସୀଙ୍କ ହୃଦୟକୁ ଭାରାକ୍ରାନ୍ତ କରିଛି, ସେତେବେଳେ ତାଙ୍କ ଚଳଚ୍ଚିତ୍ର ଜୀବନକୁ ମନେ ପକାଇବା ଅର୍ଥ କେବଳ କିଛି ଚଳଚ୍ଚିତ୍ରର ନାମ ଉଚ୍ଚାରଣ କରିବା ନୁହେଁ; ଏହା ହେଉଛି ଭାରତୀୟ ସମାଜ, ମଣିଷର ସଂଘର୍ଷ, ଅନ୍ୟାୟ, ଅସହାୟତା, କ୍ରୋଧ, ସାହସ, ହାସ୍ୟ, ବିବେକ ଓ ମାନବିକତାକୁ ଜଣେ ଶିଳ୍ପୀ କିପରି ନିଜ ଅଭିନୟରେ ଜୀବନ୍ତ କରିପାରନ୍ତି, ତାହାକୁ ପୁଣିଥରେ ଅନୁଭବ କରିବା। ମହାରାଷ୍ଟ୍ରର ମୁରୁଦରେ ୧ ଜାନୁଆରୀ ୧୯୫୧ରେ ଜନ୍ମ ନେଇଥିବା ବିଶ୍ୱନାଥ ପାଟେକର ପରେ ସାରା ଦେଶରେ 'ନାନା ପାଟେକର' ନାମରେ ପରିଚିତ ହେଲେ।



ତାଙ୍କ ଶୈଶବ ସୁବିଧାର ଆଲୋକରେ ଗଢ଼ିଉଠିନଥିଲା। ଜୀବନର କଠିନ ଅନୁଭବ ତାଙ୍କୁ ମଣିଷକୁ ନିକଟରୁ ଦେଖିବାର ଦୃଷ୍ଟି ଦେଇଥିଲା। ସେହି କାରଣରୁ ତାଙ୍କ ଅଭିନୟରେ ଅନେକ ସମୟରେ ନକଲି ଚକଚକାହଟ ଦେଖାଯାଇନଥିଲା; ବରଂ ଦେଖାଯାଇଥିଲା ଜୀବନର କଠୋର ସତ୍ୟ। ତାଙ୍କ ଅଭିନୟର ମୂଳ ଶକ୍ତି ଥିଲା ଅନୁଭବ, ଅବଲୋକନ ଓ ମଣିଷର ମନକୁ ବୁଝିବାର କ୍ଷମତା। ସେ ପାରମ୍ପରିକ ଅର୍ଥରେ ସବୁବେଳେ ନାୟକ ନଥିଲେ, କିନ୍ତୁ ଯେତେବେଳେ ପରଦାରେ ଆସୁଥିଲେ, ଦର୍ଶକଙ୍କ ଦୃଷ୍ଟି ତାଙ୍କ ଉପରେ ଅଟକିଯାଉଥିଲା। ଏହା ଥିଲା ତାଙ୍କ ବ୍ୟକ୍ତିତ୍ୱର ଶକ୍ତି। ଚଳଚ୍ଚିତ୍ର ଜଗତରେ ତାଙ୍କ ପ୍ରବେଶ ହୋଇଥିଲା ୧୯୭୮ର 'ଗମନ' ଚଳଚ୍ଚିତ୍ର ମାଧ୍ୟମରେ। ଆରମ୍ଭରୁ ହିଁ ସେ ପ୍ରମାଣ କରିଥିଲେ ଯେ ଅଭିନୟ ତାଙ୍କ ପାଇଁ କେବଳ ପେଶା ନୁହେଁ; ଏହା ଏକ ଅନ୍ତର୍ନିହିତ ଅଭିବ୍ୟକ୍ତି। ସେ ସଂଳାପକୁ କେବଳ କହୁନଥିଲେ, ସଂଳାପର ପଛରେ ଥିବା ମନୋଭାବକୁ ଜୀବନ୍ତ କରୁଥିଲେ। ତାଙ୍କ ଚକ୍ଷୁର ଭାଷା, ମୁହଁର ଭାବ, ଶରୀରର ଭଙ୍ଗୀ ଓ କଣ୍ଠସ୍ୱରର ଉତ୍ତାରଚଢ଼ା ମିଶି ଏକ ଚରିତ୍ରକୁ ଏମିତି ଆକାର ଦେଉଥିଲା, ଯେଉଁଥିରେ ଦର୍ଶକ କେବଳ ଅଭିନେତାଙ୍କୁ ନୁହେଁ, ଚରିତ୍ରକୁ ଦେଖୁଥିଲେ। ଏହି ଗୁଣ ତାଙ୍କୁ ଅନ୍ୟମାନଙ୍କଠାରୁ ଅଲଗା କରିଥିଲା। 'ପରିନ୍ଦା' ତାଙ୍କ ଅଭିନୟ ଜୀବନର ଏକ ମହତ୍ତ୍ୱପୂର୍ଣ୍ଣ ମୋଡ଼ ଥିଲା। ଏହି ଚଳଚ୍ଚିତ୍ରରେ ତାଙ୍କ ଅଭିନୟ ଦର୍ଶକ ଓ ସମାଲୋଚକଙ୍କୁ ଏକାସାଙ୍ଗରେ ଆକର୍ଷିତ କରିଥିଲା। ତାଙ୍କ ଅଭିନୟର ତୀବ୍ରତା ଚରିତ୍ରକୁ ଭୟଙ୍କର ଓ ଜଟିଳ କରିଥିଲା, କିନ୍ତୁ ସେହି ଚରିତ୍ରର ଭିତରେ ଥିବା ମଣିଷକୁ ମଧ୍ୟ ଦର୍ଶକ ଅନୁଭବ କରିପାରିଥିଲେ। ଏହି ଚଳଚ୍ଚିତ୍ର ପାଇଁ ସେ ଜାତୀୟ ସ୍ତରର ସମ୍ମାନ ଅର୍ଜନ କରିଥିଲେ। ପରବର୍ତ୍ତୀ ସମୟରେ 'ପ୍ରହାର' ତାଙ୍କ କଳାଜୀବନର ଅନ୍ୟ ଏକ ଉଲ୍ଲେଖନୀୟ ଅଧ୍ୟାୟ ହେଲା।

ଏଠାରେ ସେ ନିର୍ଦ୍ଦେଶକ ଭାବରେ ମଧ୍ୟ ନିଜ ଦକ୍ଷତା ପ୍ରଦର୍ଶନ କରିଥିଲେ। ଜଣେ ସୈନିକର ମନୋଭାବ, ଶୃଙ୍ଖଳା, କର୍ତ୍ତବ୍ୟବୋଧ ଓ ଜୀବନର ଅନ୍ତର୍ଦ୍ୱନ୍ଦ୍ୱକୁ ନେଇ ତାଙ୍କ ଦୃଷ୍ଟିକୋଣ ଦେଖାଇଥିଲା ଯେ ନାନା କେବଳ ଅଭିନେତା ନୁହେଁ, ସେ ଜଣେ ଚିନ୍ତନଶୀଳ ସୃଷ୍ଟିକର୍ତ୍ତା। 'କ୍ରାନ୍ତିବୀର'ରେ ତାଙ୍କ ଅଭିନୟ ତାଙ୍କୁ ସାଧାରଣ ଲୋକଙ୍କ ମନରେ ଆହୁରି ଗଭୀର ଭାବେ ପହଞ୍ଚାଇଥିଲା। ସମାଜର ଅନ୍ୟାୟ, ଦୁର୍ନୀତି, ଅସମାନତା ଓ ନିରାଶା ବିରୋଧରେ ଜଣେ ସାଧାରଣ ମଣିଷର ରୋଷକୁ ସେ ଯେପରି ଭାବେ ପରଦାରେ ରୂପ ଦେଇଥିଲେ, ତାହା ଆଜି ମଧ୍ୟ ଦର୍ଶକଙ୍କ ମନରେ ରହିଛି। ତାଙ୍କ ସଂଳାପ କେବଳ ସିନେମା ହଲରେ ଶୁଣାଯାଇନଥିଲା; ଅନେକ ସଂଳାପ ଲୋକମାନଙ୍କ ଦୈନନ୍ଦିନ ଚର୍ଚ୍ଚାର ଅଂଶ ହୋଇଯାଇଥିଲା। 'ଅଗ୍ନିସାକ୍ଷୀ', 'ଯଶବନ୍ତ', 'ଅପହରଣ', 'ଅବ୍ ତକ୍ ଛପ୍ପନ' ଭଳି ଚଳଚ୍ଚିତ୍ରରେ ସେ ଭିନ୍ନ ଭିନ୍ନ ମନୋଭାବର ଚରିତ୍ରକୁ ଏମିତି ଭାବରେ ଅଭିନୟ କରିଥିଲେ ଯେ ପ୍ରତ୍ୟେକ ଚରିତ୍ରର ନିଜସ୍ୱ ପରିଚୟ ତିଆରି ହୋଇଥିଲା। ଜଣେ ପୁଲିସ ଅଧିକାରୀ, ଜଣେ ଅପରାଧୀ, ଜଣେ ରାଜନୈତିକ ଚରିତ୍ର, ଜଣେ କଠୋର ମଣିଷ କିମ୍ବା ଜଣେ ଭଙ୍ଗା ହୃଦୟର ସାଧାରଣ ମଣିଷ ସେ ଯେଉଁ ଭୂମିକା ଗ୍ରହଣ କରୁଥିଲେ, ସେଥିରେ ନିଜକୁ ହଜାଇ ଦେଉଥିଲେ। ଏହି ହେଉଛି ଜଣେ ମହାନ ଅଭିନେତାଙ୍କ ପରିଚୟ।

**ପରଲୋକ ଅବସରରେ**

ଜଣେ ସତ୍ୟ ଶିଳ୍ପୀଙ୍କ ପାଇଁ ଏହାଠାରୁ ବଡ଼ ଅମରତ୍ୱ ଆଉ କ'ଣ ହୋଇପାରେ ? ନାନା ପାଟେକର ଚାଲିଗଲେ, କିନ୍ତୁ ନାନାଙ୍କ ଅଭିନୟ ଚାଲିବ; ତାଙ୍କ ଚରିତ୍ରମାନେ କଥା କହିବେ; ତାଙ୍କ କଳା ନୂଆ ପିଢ଼ିକୁ ପ୍ରେରଣା ଦେବ; ତାଙ୍କ ସାମାଜିକ ସଚେତନତା ମଣିଷକୁ ମଣିଷ ପାଇଁ ଠିଆ ହେବାର ପ୍ରେରଣା ଦେବ। ସେହି କାରଣରୁ ତାଙ୍କ ମୃତ୍ୟୁ ଶେଷ ନୁହେଁ; ଏହା ଏକ ଦୀର୍ଘ ସ୍ମୃତିର ଆରମ୍ଭ। ତାଙ୍କୁ ଶ୍ରଦ୍ଧାଞ୍ଜଳି ଦେବାର ସବୁଠାରୁ ସୁନ୍ଦର ଉପାୟ ହେଉଛି ତାଙ୍କ ଚଳଚ୍ଚିତ୍ରକୁ ପୁଣି ଦେଖିବା, ତାଙ୍କ ଅଭିନୟରୁ ଶିଖିବା ଏବଂ ତାଙ୍କ ଜୀବନର ମାନବିକ ପାଠକୁ ନିଜ ଜୀବନରେ ଅନୁସରଣ କରିବା। ଯେଉଁ ମଣିଷ ଲକ୍ଷ ଲକ୍ଷ ଦର୍ଶକଙ୍କୁ ଦଶକ ଧରି ଭାବିବାକୁ ବାଧ କରିଥିଲେ, ଆଜି ତାଙ୍କ ବିଦାୟ ଆମକୁ ମଧ୍ୟ ଭାବିବାକୁ ବାଧ କରୁଛି ଜୀବନ କେତେ ଦୀର୍ଘ ହେଲା ତାହା ନୁହେଁ, ଜୀବନ କେତେ ଅର୍ଥବାନ ହେଲା ତାହା ହିଁ ଶେଷ ହିସାବ। ନାନା ପାଟେକରଙ୍କ ଜୀବନ ଏହି ହିସାବରେ ନିଶ୍ଚିତ ଭାବେ ସମୃଦ୍ଧ। ତାଙ୍କ ନାମ ଆସନ୍ତା ପିଢ଼ିର ସ୍ମୃତିରେ ରହିବ, କାରଣ ସେ ତାରକା ହେବାଠାରୁ ଅଧିକ କିଛି ଥିଲେ ସେ ଥିଲେ ଜଣେ ମଣିଷଙ୍କ ଭିତରେ ଅନେକ ମଣିଷକୁ ଅଭିନୟ କରିଥିବା ଏବଂ ନିଜ ଜୀବନରେ ଜଣେ ମଣିଷ ହୋଇ ରହିଥିବା ଏକ ଅସାଧାରଣ କଳାକାର। ତାଙ୍କ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି।

**ମୋ : ୯୪୩୭୯୯୪୩୭୯**

# ଓଡ଼ିଆର ହୃଦୟର ମଣି ଉତ୍କଳମଣି ଗୋପବନ୍ଧୁ

**ସୁବ୍ରତ କୁମାର ଦାସ**

ଜୀବନ ଯାହାର ଅନ୍ୟ ପାଇଁ, ସେ ଜୀବନ ହିଁ ସାର୍ଥକ ।ଏହି ମହାନ ଜୀବନଦର୍ଶକୁ ନିଜ ଜୀବନରେ ଅକ୍ଷରେ ଅକ୍ଷରେ ପ୍ରମାଣ କରିଥିବା ମଣିଷ ହେଉଛନ୍ତି ଉତ୍କଳମଣି ଗୋପବନ୍ଧୁ ଦାସ। ଦୁଃଖୀର ଲୁହରେ ନିଜ ଲୁହ ଦେଖିଥିବା, ଅସହାୟର ବେଦନାରେ ନିଜ ବେଦନା ଅନୁଭବ କରିଥିବା ଏହି ମହାନ ଆତ୍ମା ନିଜ ସୁଖକୁ ତୁଚ୍ଛ କରି ମଣିଷ ଓ ମାଟିର ସେବାରେ ନିଜକୁ ସମର୍ପିତ କରିଥିଲେ। ତେଣୁ ସେ କେବଳ ଜଣେ ବ୍ୟକ୍ତି ନୁହନ୍ତି ସେ ଓଡ଼ିଆ ଜାତିର ସେବା, ତ୍ୟାଗ ଓ ମାନବିକତାର ଏକ ଅମର ପ୍ରତୀକ।

୧୮୭୭ ମସିହା ଅକ୍ଟୋବର ୯ ତାରିଖରେ ପୁରୀ ଜିଲ୍ଲାର ସୁଆଣ୍ଡୋ ଗ୍ରାମରେ ଗୋପବନ୍ଧୁ ଦାସ ଜନ୍ମଗ୍ରହଣ କରିଥିଲେ। ଶୈଶବରୁ ତାଙ୍କ ମନରେ ଥିଲା ଅସାଧାରଣ ସମ୍ବେଦନଶୀଳତା ଓ ପରୋପକାରର ଭାବନା। ଉଚ୍ଚଶିକ୍ଷା ଲାଭ କରି ଆଇନ ପେସାରେ ପ୍ରବେଶ କରିଥିଲେ ମଧ୍ୟ ବ୍ୟକ୍ତିଗତ ସୁଖ ତାଙ୍କ ଜୀବନର ଲକ୍ଷ୍ୟ ହୋଇପାରିନଥିଲା। ଜନସାଧାରଣଙ୍କ ଦୁଃଖ ଦୂର କରିବା ଓ ଦେଶର ସେବା କରିବା ଥିଲା ତାଙ୍କ ଜୀବନର ପ୍ରଧାନ ବ୍ରତ ଥିଲା।

ବନ୍ୟା, ଦୁର୍ଭିକ୍ଷ ଓ ମହାମାରୀ ଭଳି ଦୁର୍ଦ୍ଦିନରେ ଗୋପବନ୍ଧୁ ନିଜ ଜୀବନର ସୁରକ୍ଷାକୁ ଭୁଲି ଦୁଃଖୀ ମଣିଷଙ୍କ ପାଖରେ ଛିଡ଼ା ହୋଇଥିଲେ। ଭୋକିଲାଙ୍କୁ ଖାଦ୍ୟ, ଅସହାୟଙ୍କୁ ସାହାଯ୍ୟ ଓ ଅନାଥ ଶିଶୁଙ୍କୁ ଆଶ୍ରୟ ଦେବାରେ ସେ ଖୋଜିଥିଲେ ଜୀବନର ସାର୍ଥକତା। ତାଙ୍କ ପାଇଁ ମାନବସେବା କୌଣସି ଦାନ ନଥିଲା, ଥିଲା ମଣିଷ ପ୍ରତି ମଣିଷର ପବିତ୍ର କର୍ତ୍ତବ୍ୟ।

ଶିକ୍ଷାକୁ ସମାଜ ପରିବର୍ତ୍ତନର ମୁଖ୍ୟ ଅସ୍ତ୍ର ଭାବେ ଗ୍ରହଣ କରି ସେ ସାକ୍ଷୀଗୋପାଳ ରେ ସତ୍ୟବାଦୀ ବନ ବିଦ୍ୟାଳୟ ପ୍ରତିଷ୍ଠା କରିଥିଲେ। ପ୍ରକୃତିର କୋଳରେ ଶିକ୍ଷା ସହିତ ଦେଶପ୍ରେମ, ଚରିତ୍ର ଗଠନ, ଶୃଙ୍ଖଳା ଓ ସେବାଭାବର ଶିକ୍ଷା ଦେବା ଥିଲା ତାଙ୍କ ଉଦ୍ଦେଶ୍ୟ ଥିଲା। ତାଙ୍କ ଶିକ୍ଷାଦର୍ଶର ପ୍ରଭାବରେ ଅନେକ ଛାତ୍ର ପରବର୍ତ୍ତୀ ସମୟରେ ଦେଶ ଓ ସମାଜସେବାରେ ନିଜକୁ ନିୟୋଜିତ କରିଥିଲେ। ଗୋପବନ୍ଧୁ ବୁଝିଥିଲେ ଯେ, ଏକ ସମାଜର ସ୍ଥାୟୀ ଉନ୍ନତି କେବଳ ଦାନ କିମ୍ବା ସହାୟତାରେ ହୋଇପାରେ ନାହିଁ। ଶିକ୍ଷା ହିଁ ମଣିଷକୁ ସଚେତନ, ସ୍ୱାଭିମାନୀ ଓ ଦାୟିତ୍ୱବାନ୍ କରିପାରେ। ସେଥିପାଇଁ ସାକ୍ଷୀଗୋପାଳରେ ସତ୍ୟବାଦୀ ବନ ବିଦ୍ୟାଳୟ ରେ ଶିକ୍ଷା ସହିତ ଦେଶପ୍ରେମ, ଚରିତ୍ର ଗଠନ, ଶୃଙ୍ଖଳା ଓ ସେବାଭାବକୁ ଗୁରୁତ୍ୱ ଦିଆଯାଉଥିଲା। ଆଜି ଶିକ୍ଷାର ଲକ୍ଷ୍ୟ ନେଇ ଯେତେବେଳେ ଆମେ ଚର୍ଚ୍ଚା କରୁଛୁ, ସେତେବେଳେ ଗୋପବନ୍ଧୁଙ୍କ ଏହି ଚିନ୍ତା ଆମକୁ ପୁଣିଥରେ ଚିନ୍ତା କରିବାକୁ ବାଧ କରେ; ଶିକ୍ଷା କେବଳ ଜୀବିକା ପାଇଁ ନା ଜୀବନ ଗଢ଼ିବା ପାଇଁ ଆବଶ୍ୟକ ?

ଗୋପବନ୍ଧୁଙ୍କ ଅବଦାନ ସାହିତ୍ୟ ଓ ସାମ୍ବାଦିକତା କ୍ଷେତ୍ରରେ ମଧ୍ୟ ସ୍ମରଣୀୟ। ତାଙ୍କ ଲେଖାରେ ଦେଶପ୍ରେମ, ମାନବିକତା, ତ୍ୟାଗ ଓ ସାଧାରଣ ମଣିଷର ଜୀବନର ଚିତ୍ର ପ୍ରତିଫଳିତ ହୋଇଛି। 'ଧର୍ମପଦ' ପରି ସୃଷ୍ଟି ତାଙ୍କ ସାହିତ୍ୟିକ ପ୍ରତିଭା ସହିତ ତ୍ୟାଗ ଓ ଆତ୍ମବଳିଦାନର ମହତ୍ତ୍ୱକୁ ଉଜାଗର କରେ। ସାମ୍ବାଦିକତାକୁ ସେ କେବଳ ଖବର ପ୍ରକାଶର ମାଧ୍ୟମ ଭାବେ ନ ଦେଖି ସମାଜର ସ୍ୱର ଭାବେ ଗ୍ରହଣ କରିଥିଲେ। 'ସମାଜ' ମାଧ୍ୟମ ରେ ସାଧାରଣ ଲୋକଙ୍କ ସମସ୍ୟା ଓ ଅଧିକାରକୁ ସେ ଗୁରୁତ୍ୱ ଦେଇଥିଲେ।

ଗୋପବନ୍ଧୁ ଥିଲେ ଜଣେ ଦେଶପ୍ରେମୀ, ସାହିତ୍ୟିକ ଓ ସାମ୍ବାଦିକ। ତାଙ୍କ ସାହିତ୍ୟରେ ଦେଶପ୍ରେମ, ମାନବିକତା, ତ୍ୟାଗ ଓ ଜନଜୀବନର ଯନ୍ତ୍ରଣାର ଚିତ୍ର ଦେଖିବାକୁ ମିଳେ। ତେଣୁ 'ଧର୍ମପଦ' ପରି ରଚନା ତାଙ୍କ ସାହିତ୍ୟିକ ପ୍ରତିଭା ଓ ତ୍ୟାଗଚେତନା ର ଉଜ୍ଜ୍ୱଳ ନିଦର୍ଶନ। ସ୍ୱାଧୀନତା ଆନ୍ଦୋଳନରେ ମଧ୍ୟ ସେ ସକ୍ରିୟ ଭୂମିକା ନେଇ କାରାବରଣ କରିଥିଲେ।

ଗୋପବନ୍ଧୁଙ୍କ ଜୀବନରେ ତ୍ୟାଗ କେବଳ ଏକ ଶବ୍ଦ ନଥିଲା, ଏହା ଥିଲା ତାଙ୍କ ଜୀବନଚର୍ଯ୍ୟା। ବ୍ୟକ୍ତିଗତ ସୁଖ, ସମ୍ପତ୍ତି ଓ ସ୍ୱାର୍ଥକୁ ପଛରେ ପକାଇ ସେ ଜନକଲ୍ୟାଣକୁ ପ୍ରାଧାନ୍ୟ ଦେଇଥିଲେ। ତାଙ୍କ ଚିନ୍ତାର କେନ୍ଦ୍ରରେ ଥିଲା ମଣିଷ, ତାଙ୍କ କର୍ମର କେନ୍ଦ୍ରରେ ଥିଲା ସେବା ଓ ତାଙ୍କ ଜୀବନର ଲକ୍ଷ୍ୟ ଥିଲା ଦେଶର ମଙ୍ଗଳ।

୧୯୨୮ ମସିହା ଜୁନ୍ ୧୭ ତାରିଖରେ ଗୋପବନ୍ଧୁଙ୍କ ତିରୋଧାନ ହୋଇଥିଲା। ମାତ୍ର ତାଙ୍କ ମୃତ୍ୟୁ ତାଙ୍କ ଆଦର୍ଶକୁ ମାରିପାରିଲା ନାହିଁ। ସମୟ ବଦଳିଛି, ପିଢ଼ି ବଦଳିଛି, କିନ୍ତୁ ଗୋପବନ୍ଧୁଙ୍କ ସେବା ଓ ତ୍ୟାଗର ଆଦର୍ଶ ଆଜି ମଧ୍ୟ ସମାନ ଭାବରେ ପ୍ରାସଙ୍ଗିକ।

ଆଜିର ସ୍ୱାର୍ଥପରତା ଓ ପ୍ରତିଯୋଗିତାର ଯୁଗରେ ଗୋପବନ୍ଧୁଙ୍କ ଜୀବନ ଆମକୁ ଏକ ମହାନ ପ୍ରଶ୍ନ ପଚାରେ—ଆମେ ନିଜ ପାଇଁ କେତେ ବଞ୍ଚୁଛୁ, ଆଉ ଅନ୍ୟ ପାଇଁ କେତେ ? ଏହି ପ୍ରଶ୍ନର ଉତ୍ତର ଖୋଜିବା ହିଁ ତାଙ୍କ ପ୍ରତି ପ୍ରକୃତ ଶ୍ରଦ୍ଧାଞ୍ଜଳି।

ଉତ୍କଳମଣି ଗୋପବନ୍ଧୁ ଆଜି ଦେହରେ ନାହାନ୍ତି, କିନ୍ତୁ ତାଙ୍କ ସେବାର ମହକ ଓଡ଼ିଶାର ମାଟିରେ ରହିଛି, ତାଙ୍କ ତ୍ୟାଗର ଆଲୋକ ଆମ ଚେତନାରେ ଜଳୁଛି। ଯେତେଦିନ ଓଡ଼ିଆ ମଣିଷର ହୃଦୟରେ ମାନବତା ଜୀବନ୍ତ ରହିବ, ସେତେଦିନ ଉତ୍କଳମଣି ଗୋପବନ୍ଧୁଙ୍କ ନାମ ମଧ୍ୟ ଅମର ରହିବ।

**ରାଜେନ୍ଦ୍ରପୁର, ବାରିକପୁର ବଜାର,ଭଦ୍ରକ**
**ମୋ:୯୪୩୭୭୩୧୯୦୩**

## ପାର୍ବଣ ପୂର୍ବରୁ ମଦ୍ୟପ ଗାଡି ଚାଳକଙ୍କୁ ସାବାଡ ପାଇଁ ରାଜନଗର ପୋଲିସର ତନାଘନା



ରାଜନଗର,(ନି.ସୂ) :ପାର୍ବଣ ପାଇଁ ସଜେଇ ହେଲାଣି ରାସ୍ତାଘାଟ। ପୂଜାମଣ୍ଡପରେ ଠାକୁରମାନଙ୍କ ମୂର୍ତ୍ତି ନିର୍ମାଣ ଶେଷ ପର୍ଯ୍ୟାୟରେ ପହଞ୍ଚିଲାଣି। ପାର୍ବଣ ପୂର୍ବରୁ ମଦ୍ୟପ ଗାଡି ଚାଳକଙ୍କୁ ସାବାଡ କରିବା ପାଇଁ ରାଜନଗର ବ୍ଲକରେ ପୋଲିସ ତନାଘନା ଆରମ୍ଭ କରିଛି। ରାଜନଗର ଥାନା ଅଧିକାରୀ ରତିରଞ୍ଜନ ନାୟକଙ୍କ ନିର୍ଦ୍ଦେଶ କ୍ରମେ ସବ-ଇନିସପେକ୍ଟର ଅବିନାଶ ମୁର୍ମୁ, ଏଏସଆଇ ବସନ୍ତ ନାଥଙ୍କ ସହ କର୍ମଚାରୀ ମାନେ ମଦ୍ୟପାନ କରି ଗାଡି ଚଳାଉଥିବା ଗାଡି ଓ ବାଇକ ଚାଳକମାନଙ୍କୁ ହଂସୁଆ ସେତୁ ଉପରେ ଯାଞ୍ଚ କରିଥିଲେ। ବ୍ରେଥ ଆନାଲାଇଜର ମେସିନ ସାହାଯ୍ୟରେ ମଦ୍ୟପ ଚାଳକମାନଙ୍କୁ ଯାଞ୍ଚ କରିବା ସହିତ ଜୋରିମାନା ଆଦାୟ କରିଥିଲେ। ପୋଲିସର ଏହି ଯାଞ୍ଚ ପ୍ରକ୍ରିୟା ଯୋଗୁଁ ମଦ୍ୟପ ଗାଡି ଚାଳକମାନଙ୍କ ମଧ୍ୟରେ ଭୟର ବାତାବରଣ ସୃଷ୍ଟି ହୋଇଛି।

# ପଟ୍ଟାମୁଣ୍ଡାଇ କଂଗ୍ରେସ ଓ ଇଣ୍ଡିଆ ବ୍ଲକ ପକ୍ଷରୁ ବନ୍ଦ ପାଳନ,ଜନଜୀବନ ପ୍ରଭାବିତ

ପଟ୍ଟାମୁଣ୍ଡାଇ, ୮/୧୦(ନି.ସୂ): ଓଡିଶା ପ୍ରଦେଶ କଂଗ୍ରେସ କମିଟି ଓ ଇଣ୍ଡିଆ ବ୍ଲକ୍ ଆହ୍ୱାନରେ ପାଳିତ ଓଡିଶା ବନ୍ଦର ପ୍ରଭାବ ପଟ୍ଟାମୁଣ୍ଡାଇ ଅଂଚଳରେ ଦେଖିବାକୁ ମିଳିଥିଲା । ପଟ୍ଟାମୁଣ୍ଡାଇ ନଗର କଂଗ୍ରେସ କମିଟି ପକ୍ଷରୁ ପଟ୍ଟାମୁଣ୍ଡାଇ ସହର ସମେତ ପୌରାଞ୍ଚଳରେ ବନ୍ଦ ପାଳନ କରାଯାଇଥିଲା। ନଗର କଂଗ୍ରେସ କମିଟି ସଭାପତି ଯୁବନେତା ତପନ ପାତ୍ରଙ୍କ ନେତୃତ୍ୱରେ କଂଗ୍ରେସ ନେତା ଓ କର୍ମୀମାନେ ପଟ୍ଟାମୁଣ୍ଡାଇ ସହରର ବିଭିନ୍ନ ସ୍ଥାନରେ ପିକେଟିଂ କରି ଦୋକାନବଜାର ଓ ଅନ୍ୟାନ୍ୟ ସରକାରୀ ବେସରକାରୀ ପ୍ରତିଷ୍ଠାନ ବନ୍ଦ କରିବା ପାଇଁ ସ୍ଲୋଗାନ ଦେଇ ଏମଏମଡି ଆର ଆକ୍ଟ ପ୍ରତ୍ୟାହାର ଏସ ଆଇ ଆର ସଂଶୋଧନ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ଇସ୍ତଫା ସମେତ ବିଭିନ୍ନ ଦାବୀ ନେଇ ଓଡ଼ିଶା ବନ୍ଦକୁ ସଫଳ କରିବା ପାଇଁ ଜନସାଧାରଣଙ୍କୁ ଆହ୍ୱାନ ଦେଇଥିଲେ । ଏଥିରେ ଜିଲ୍ଲା କଂଗ୍ରେସର ସାଙ୍ଗଠନିକ ଉପସଭାପତି ସତ୍ୟପ୍ରିୟ ସାମଲ,ପୂର୍ବତନ ପିସିସି ସଦସ୍ୟ ମଲୟ ଦାସ, ବରିଷ୍ଠ ନେତା ରାମକାନ୍ତ ଦାଶ,ପ୍ରଭାତ ସେଠୀ, କୁଳମଣି ମଲ୍ଲିକ, ଦିଲୀପ ସେଠୀ, ଅଶ୍ୱିନୀ ପାତ୍ର, ସ୍ନେହଲତା ରାୟ ଚୌଧୁରୀ ବିଶ୍ୱନାଥ ସାହୁ,ନକୁଳ ଦାସ ରାଜକିଶୋର ବେହେରା, ପ୍ରିନ୍ସ ଜେନା ବିଶ୍ୱନାଥ ସାମନ୍ତରାୟ, ସିଦ୍ଧାର୍ଥ ଜେନା,ଟାପନ ମଲ୍ଲିକ ଓ ପ୍ରକାଶ ଚନ୍ଦ୍ର ମଲ୍ଲିକ ପ୍ରମୁଖ କଂଗ୍ରେସ ନେତା କର୍ମକର୍ତ୍ତା ଓ କର୍ମୀମାନେ ସାମିଲ ପଟ୍ଟାମୁଣ୍ଡାଇ ବାଇପାସ ସମେତ ସହର ଓ ପୌରାଞ୍ଚଳର ବିଭିନ୍ନ ସ୍ଥାନରେ ବନ୍ଦ ସଫଳ ପାଇଁ ପିକେଟିଙ୍ଗ କରିଥିଲେ । ପଟ୍ଟାମୁଣ୍ଡାଇ ନଗର କଂଗ୍ରେସ ସହିତ ସି ପି ଆଇ ନେତା ବାବାଜୀ ଧଳ ଓ ବିଜୟ ଦାସ ସି ପି ଏମ ନେତା ଅଭୟ ଦାସ ସିପିଆର ଏମଏଲ ନେତା ଶ୍ରୀକାନ୍ତ ଲେଙ୍କା ନବ ନିର୍ମାଣ କୃଷକ ସଂଗଠନର ଦାଶ ରଥୀ ସାହୁ ଓ ସମାଜବାଦୀ ପାର୍ଟିର ଅମରେଶ ପାତ୍ର ପ୍ରମୁଖ ବିଭିନ୍ନ ବିରୋଧୀ ରାଜନୈତିକ ଦଳ ଓ ଗଣ ସଂଗଠନ ସାମିଲ ହୋଇ ଓଡିଶା ବନ୍ଦକୁ ସମର୍ଥନ ଜଣାଇ ଥିଲେ । ପଟ୍ଟାମୁଣ୍ଡାଇ



ନଗର କଂଗ୍ରେସ ଓ ବିଭିନ୍ନ ବିରୋଧୀ ଦଳର ବନ୍ଦ ଆହ୍ୱାନ ଯୋଗୁଁ ଜନ ଜୀବନ ପ୍ରଭାବିତ ହୋଇଥିଲା । ଅନ୍ୟ ପକ୍ଷରେ ପଟ୍ଟାମୁଣ୍ଡାଇ ବନ୍ଦକୁ ସଫଳ କରିବା ପାଇଁ ପଟ୍ଟାମୁଣ୍ଡାଇ ବ୍ଲକ କଂଗ୍ରେସ ସଭାପତି ପ୍ରକାଶ ମହାନ୍ତି ଜିଲ୍ଲା କଂଗ୍ରେସ ସମ୍ପାଦକ ଅଶ୍ୱିନୀ ପାତ୍ର ବରିଷ୍ଠ ନେତା ଧନେଶ୍ୱର ଦାସ ରବି ନାରାୟଣ ମିଶ୍ର ଦୋଳ ଗୋବିନ୍ଦ ସାହୁ ପ୍ରକାଶ ମଲିକ ଅନ୍ତର୍ଯ୍ୟାମୀ କୁଣ୍ଡ ତ୍ରିଲୋଚନ ସ୍ୱାଇଁ ବିଚିତ୍ର ବେହେରା ସରୋଜ ରାଉତରାୟ ପ୍ରମୁଖ ବହୁ କଂଗ୍ରେସ ଓ ବିଭିନ୍ନ ବିରୋଧୀ ଦଳ ଓ ଗଣସଂଗଠନର ନେତା ଓ କର୍ମୀମାନେ ସାମିଲ ହୋଇ ପଟ୍ଟାମୁଣ୍ଡାଇ ସହର ମଧ୍ୟରେ ବନ୍ଦ ସପକ୍ଷରେ ବିଭିନ୍ନ ସ୍ଲୋଗାନ ଦେଇ ସହର ପରିକ୍ରମା କରିବା ସହିତ ସରକାରୀ ବେସରକାରୀ ଅଫିସ ସମ୍ମୁଖରେ ପିକେଟିଙ୍ଗ କରିଥିଲେ ।

# ବିଶୋଇରେ କଂଗ୍ରେସର ୧୨ ଘଣ୍ଟିଆ ବନ୍ଦ ସଫଳ

## ବିଭିନ୍ନ ଦାବି ନେଇ ରାଜରାସ୍ତାକୁ ଓହ୍ଲାଇଲେ କଂଗ୍ରେସ କର୍ମୀ

ବିଶୋଇ, ୮/୧୦ (ନି.ସୂ.):ପଶ୍ଚିମ ମୟୂରଭଞ୍ଜ ଜିଲ୍ଲା କଂଗ୍ରେସ କମିଟି ଆନୁକୂଲ୍ୟରେ ବିଶୋଇ ବ୍ଲକ କଂଗ୍ରେସ ପକ୍ଷରୁ 'ଜିଲ୍ଲାସ୍ତରୀୟ ଗଣତନ୍ତ୍ର ବଞ୍ଚାଅ ସପ୍ତାହ' ଅବସରରେ ଦିଆଯାଇଥିବା ୧୨ ଘଣ୍ଟିଆ ବନ୍ଦ ଡାକରା ବିଶୋଇରେ ସଫଳ ହୋଇଛି। ବିଭିନ୍ନ ଦାବି ନେଇ କଂଗ୍ରେସ ନେତା ଓ କର୍ମୀମାନେ ହାତରେ ବ୍ୟାନର ଓ ପ୍ଲାକାର୍ଡ ଧରି ରାଜରାସ୍ତାକୁ ଓହ୍ଲାଇ ବିକ୍ଷୋଭ ପ୍ରଦର୍ଶନ କରିଥିଲେ।ବନ୍ଦ ପାଳନ ସମୟରେ କଂଗ୍ରେସ ପକ୍ଷରୁ ଏମଏମଡିଆର



(MMDR) ଆଇନ ରଦ୍ଦ, ନିତ୍ୟାନନ୍ଦ ଗଣ୍ଡଙ୍କ ଇସ୍ତଫା, ଜ୍ଞାନେଶ କୁମାରଙ୍କ ଇସ୍ତଫା ସମେତ ବନ୍ୟା ବିପନ୍ନଙ୍କୁ ତୁରନ୍ତ ଆବଶ୍ୟକୀୟ ସହାୟତା ପ୍ରଦାନ ଦାବି କରାଯାଇଥିଲା।କଂଗ୍ରେସ କର୍ମୀମାନେ ବିଶୋଇର ବିଭିନ୍ନ ଛକ ଓ ପ୍ରମୁଖ ସ୍ଥାନରେ ପିକେଟିଂ କରି ଯାନବାହନ ଚଳାଚଳ ବନ୍ଦ ରଖିବା ସହ ବ୍ୟବସାୟିକ ପ୍ରତିଷ୍ଠାନ ବନ୍ଦ କରିବାକୁ ଦୋକାନୀ ଓ ସାଧାରଣ ଲୋକଙ୍କୁ ଅନୁରୋଧ କରିଥିଲେ। ଫଳରେ ବିଶୋଇ ଅଞ୍ଚଳରେ ଯାତାୟାତ ଓ ବ୍ୟବସାୟିକ କାରବାର କିଛି ସମୟ ପାଇଁ ପ୍ରଭାବିତ ହୋଇଥିଲା। ଏହି ଅବସରରେ କଂଗ୍ରେସ ନେତା ଓ କର୍ମୀମାନେ ସରକାରଙ୍କ ବିଭିନ୍ନ ନୀତି ଓ ପଦକ୍ଷେପକୁ ନେଇ ନାରାବାଜି କରିବା ସହ ଦାବିଗୁଡ଼ିକ ତୁରନ୍ତ ପୂରଣ ପାଇଁ ଦାବି ଜଣାଇଥିଲେ। ବନ୍ଦ ପାଳନ ସମୟରେ କୌଣସି ଅପ୍ରୀତିକର ଘଟଣା ଘଟିନଥିବା ବେଳେ ସମଗ୍ର କାର୍ଯ୍ୟକ୍ରମ ଶାନ୍ତିପୂର୍ଣ୍ଣ ଭାବେ ସମାପ୍ତ ହୋଇଥିବା ଜଣାପଡ଼ିଛି।

# ଛାତ୍ର ସଂସଦ ନିର୍ବାଚନ ଦାବୀ କରି ପଟ୍ଟାମୁଣ୍ଡାଇ ମହିଳା କଲେଜ ଛାତ୍ରୀଙ୍କ ଆନ୍ଦୋଳନ

ପଟ୍ଟାମୁଣ୍ଡାଇ,୮/୧୦(ନି.ସୂ):ରାଜ୍ୟ ସରକାର ଓଡିଶାର ସମସ୍ତ କଲେଜରେ ଛାତ୍ର ସଂସଦ ନିର୍ବାଚନ କରିବା ପାଇଁ ଘୋଷଣା କରିବା ସହିତ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିଛନ୍ତି । ମାତ୍ର କେନ୍ଦ୍ରାପଡ଼ା ଜିଲ୍ଲାର ପଟ୍ଟାମୁଣ୍ଡାଇ ମହିଳା ଡିଗ୍ରୀ କଲେଜରେ ନିର୍ବାଚନ ପ୍ରକ୍ରିୟାରୁ ବାଦ ପଡିଛି । ପଟ୍ଟାମୁଣ୍ଡାଇ ମହିଳା ଡିଗ୍ରୀ କଲେଜ ଛାତ୍ରୀମାନେ ତୁରନ୍ତ ଛାତ୍ର ସଂସଦ ନିର୍ବାଚନ କରିବା ପାଇଁ ଦାବୀ କରି କେନ୍ଦ୍ରାପଡ଼ା ଜିଲ୍ଲାପାଳ ଓ ଅତିରିକ୍ତ ଜିଲ୍ଲାପାଳଙ୍କୁ ଦାବୀପତ୍ର ପ୍ରଦାନ କରିଥିଲେ ଓ ରାଜ୍ୟ ସରକାର ଓ ଜିଲ୍ଲା ପ୍ରଶାସନ ଏ ଦିଗରେ କୌଣସି ପଦକ୍ଷେପ ନନେବାରୁ ଆଜି ମହିଳା କଲେଜ ଛାତ୍ରୀମାନେ କଲେଜ ମୁଖ୍ୟ ଫାଟକରେ ତାଲା ପକାଇ ଆନ୍ଦୋଳନକୁ ଓଲହାଇବା ସହିତ ତୁରନ୍ତ ଛାତ୍ର ସଂସଦ ନିର୍ବାଚନ କରିବା ପାଇଁ ଦାବୀ କରି କଲେଜ ସମ୍ମୁଖରେ ଧାରଣା ଦେଇଥିଲେ ଏହି ଆନ୍ଦୋଳନରେ ପଟ୍ଟାମୁଣ୍ଡାଇ ମହିଳା ଡିଗ୍ରୀ କଲେଜର ଛାତ୍ରୀ ରୋଜାଲିନ ସାହୁ. ଲିତାଲି ଲେଙ୍କା. ସ୍ୱପ୍ନରାଣୀ ମଲିକ. ଶ୍ରଦ୍ଧାଞ୍ଜଳି ପାତ୍ର. ଅର୍ପିତା ପ୍ରଧାନ. ଉପାସନା ବାରିକ. ସୁପ୍ରିୟା ମକିକ. ପ୍ରିୟଙ୍କା ରାଉତ. ଲିପିକା ବେହେରା. ଅର୍ପିତା ପୃଷ୍ଟି. ଗୋଲାପିନ ପ୍ରଧାନ. ରୁପାଲୀ ଗିରି.କଲ୍ୟାଣୀ ପରିଡା ବହୁ ଛାତ୍ରୀ ସାମିଲ ହୋଇ କଲେଜ ସମ୍ମୁଖରେ ଧାରଣା ଆନ୍ଦୋଳନ କରିଥିଲେ । ପୂର୍ଣ୍ଣ ଅନୁଦାନରୁ ବଞ୍ଚିତ କଲେଜ ଗୁଡିକରେ ନିର୍ବାଚନ ଅନୁଷ୍ଠିତ ହେବ ନାହିଁ ବୋଲି ରାଜ୍ୟ ସରକାରଙ୍କ ନୂତନ ନିର୍ଦ୍ଦେଶନାମାରେ ଉଲ୍ଲେଖ ରହିଛି । ତଦନୁଯାୟୀ ପୂର୍ଣ୍ଣ ଅନୁଦାନରୁ ବଂଚିତ ଥିବା ପଟ୍ଟାମୁଣ୍ଡାଇ ମହିଳା ଡିଗ୍ରୀ କଲେଜ ନିର୍ବାଚନ ପ୍ରକ୍ରିୟାରୁ ବାଦ ପଡିଛି । ଆଜି ପଟ୍ଟାମୁଣ୍ଡାଇ ମହିଳା ଡିଗ୍ରୀ କଲେଜ ଛାତ୍ରୀମାନେ ଆନ୍ଦୋଳନ ପାଇଁ ରାସ୍ତାକୁ ଓଲହାଇ ଥିବାରୁ ଜିଲ୍ଲା ପ୍ରଶାସନ ଶେଷ ଛାତ୍ରୀଙ୍କ ଦାବୀ ନିକଟରେ ମୁଣ୍ଡ ନୁଆଁଇଛି । ସରକାରୀ ନିର୍ଦ୍ଦେଶନାମାକୁ ଦେଇ କିଛି କରିବା ସମ୍ଭବ ହେଉ ନଥିବାରୁ ଶେଷରେ ଛାତ୍ରୀ ପ୍ରତିନିଧି ନିର୍ବାଚନ ନୁହେଁ ସର୍ବସମ୍ମତିକ୍ରମେ ମନୋନୟନ କରାଯିବ ବୋଲି ଜିଲ୍ଲା ପ୍ରଶାସନ ପ୍ରତିଶୃତି ଦେବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଛି ।

## ଚମାଖଣ୍ଡି ଛକରେ ସିପିଆଇ ପକ୍ଷରୁ ବିଭିନ୍ନ ଦାବି ନେଇ,୧୬ ନମ୍ବର ଜାତୀୟ ଉଭୟ ପାର୍ଶ୍ୱରେ ରାସ୍ତା ଅବରୋଧ

ଚମାଖଣ୍ଡି, ୮/୧୦(ନି.ସୂ):ଗୁରୁବାର ଚମାଖଣ୍ଡି ଛକରେ ଭାରତୀୟ କମ୍ୟୁନିଷ୍ଟ ପାର୍ଟି ପକ୍ଷରୁ ବିଭିନ୍ନ ଦାବୀ ନେଇ ତଥା ଏମ୍,ଏମ୍,ଡି,ଆର,ସଂଶୋଧିତ ଅଧିନିୟମ ତୁରନ୍ତ ରଦ୍ଦ କରିବା,ମୁଖ୍ୟ ନିର୍ବାଚନ ଅଧିକାରୀ ଜ୍ଞାନେସ କୁମାରଙ୍କ ବହିସ୍କାର ଓ, ଗିରଫ ଦାରୀ, ଏସ,ଆଇ, ଆର, ପ୍ରତ୍ୟାହାର କରିବା ,ଗଣ ଶିକ୍ଷାମନ୍ତ୍ରୀ, ନିତ୍ୟାନନ୍ଦ ଗଣ୍ଡ ଙ୍କ ଇସ୍ତଫା ଓ ବହିସ୍କାର ବିଭିନ୍ନ ଦାବୀ ପୂରଣ ନେଇ ଚମାଖଣ୍ଡି ଛକ ୧୬ ନମ୍ବର ଜାତୀୟ ରାଜପଥରେ ପ୍ରାୟ ୧ ଘଣ୍ଟା ସମୟ ଧରି, ଚମାଖଣ୍ଡି କମ୍ୟୁନିଷ୍ଟ ପାର୍ଟି ଆଞ୍ଚଳିକ ଯୋନାଲ ସମ୍ପାଦକ ଏନ୍ ଗିରିଜା ପ୍ରସାଦ ରେଡି,ସହ ସମ୍ପାଦକ ଗୁରୁନାଥ ପ୍ରଧାନ,ପୂର୍ବତନ ସରପଞ୍ଚ ସିମାଞ୍ଚଳ ସାହୁ,ସିଏଚ ସତ୍ୟ ନାରାୟଣ ରେଡ୍ଡୀଙ୍କ ନେତୃତ୍ୱ ରେ ରାସ୍ତା ଉଭୟ ପାର୍ଶ୍ୱରେ ରାସ୍ତାରୋକ କରି ନାରାବାଜି କରିଥିଲେ। ଏଥିରେ ଲିଙ୍ଗରାଜ ଗୌଡ, କେଶବ ନାହାକ,କେଶବ ବେହେରା,ଶଙ୍କର ଗୌଡ ପ୍ରମୁଖ ଉପସ୍ଥିତ ରହିଥିଲେ, ।ରାସ୍ତାରେ ଉପରେ ଆନ୍ଦୋଳନ କରୁଥିବା ବେଳେ ଚମାଖଣ୍ଡି ଥାନା ପୋଲିସ୍ ଓ ଛତ୍ରପୁର ଏସ ଡି ପିଓ ପଂହଁଚି ଲୋକ ମାନଙ୍କୁ ବୁଝା ସୁଝା କରି ଲୋକ ମାନଙ୍କୁ ଜାତୀୟ ରାଜପଥ ରୁ ହଟାଇବା ସହିତ ଗାଡି ଚଳା ଚଳ ସ୍ୱାଭାବିକ କରାଇ ଥିଲେ ।

## ନୂଆପଡ଼ାରେ ଉଠାଜଳ ସେଚନ ଓ ବିଦ୍ୟୁତୀକରଣ କାର୍ଯ୍ୟର ସମୀକ୍ଷା

### ଡିସେମ୍ବର ସୁଦ୍ଧା ନୂତନ ଓ ପୁନରୁଦ୍ଧାର ପ୍ରକଳ୍ପରେ କାର୍ଯ୍ୟାଦେଶ ପ୍ରଦାନ ଲକ୍ଷ୍ୟ

ନୂଆପଡ଼ା, ୦୮/୧୦(ନି.ସୂ): ନୂଆପଡ଼ା ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧ୍ୟକ୍ଷତାରେ ଉଠାଜଳ ସେଚନ ଓ ବିଦ୍ୟୁତ ବିଭାଗର ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ଉଭୟ ବିଭାଗର ନିର୍ବାହୀ ଯନ୍ତ୍ରୀଙ୍କ ସମେତ ସମ୍ପୃକ୍ତ ଅଧିକାରୀ ଓ କର୍ମଚାରୀ ଯୋଗଦେଇଥିଲେ।ବୈଠକରେ ଜିଲ୍ଲାରେ ଉଠାଜଳ ସେଚନ ପ୍ରକଳ୍ପଗୁଡ଼ିକର ସ୍ଥିତି ଓ



ବିଦ୍ୟୁତୀକରଣ କାର୍ଯ୍ୟର ଅଗ୍ରଗତି ସମୀକ୍ଷା କରାଯାଇଥିଲା। ୨୦୨୬ ମସିହାରେ ଡ୍ରିଲିଂ କରାଯାଇଥିବା ୧,୦୬୪ଟି କ୍ଲଷ୍ଟର ବୋରୱେଲ୍ ମଧ୍ୟରୁ ବର୍ତ୍ତମାନ ସୁଦ୍ଧା ୨୩୫ଟି ବୋରୱେଲ୍‌ର ବିଦ୍ୟୁତୀକରଣ କାର୍ଯ୍ୟ ସମ୍ପନ୍ନ ହୋଇଛି। ଏହି କାର୍ଯ୍ୟରେ ଟାଟା ପାୱାର ପକ୍ଷରୁ ଆବଶ୍ୟକ ସହଯୋଗ ଯୋଗାଇ ଦିଆଯାଉଛି।ଏଥିସହ ଜିଲ୍ଲା ପାଇଁ ଆଉ ୧୦୬ଟି ନୂତନ ଗୋଷ୍ଠୀ ଉଠାଜଳ ସେଚନ ପ୍ରକଳ୍ପକୁ ରାଜ୍ୟସ୍ତରୀୟ ସ୍କ୍ରିନିଂ କମିଟି (SLSC) ଅନୁମୋଦନ କରିଛି। ଏହି ୧୦୬ଟି ନୂତନ ପ୍ରକଳ୍ପ ସହିତ ୬୬ଟି ବନ୍ଦ ଗୋଷ୍ଠୀ ଉଠାଜଳ ସେଚନ ପ୍ରକଳ୍ପର ପୁନରୁଦ୍ଧାର ଏବଂ ୯୩ଟି ଚାଲୁଥିବା ପ୍ରକଳ୍ପର ଆବଶ୍ୟକ ମରାମତି ଓ ସୁଦୃଢ଼ୀକରଣ କାର୍ଯ୍ୟ ପାଇଁ ଚଳିତ ମାସରେ ଟେଣ୍ଡର ପ୍ରକ୍ରିୟା ଆରମ୍ଭ କରାଯିବ। ଡିସେମ୍ବର ସୁଦ୍ଧା ଏହି ସମସ୍ତ କାର୍ଯ୍ୟ ପାଇଁ କାର୍ଯ୍ୟାଦେଶ ପ୍ରଦାନ କରିବାକୁ ଲକ୍ଷ୍ୟ ରଖାଯାଇଛି। ବୈଠକ ଶେଷରେ ଓଡ଼ିଶା ଲିଫ୍ଟ ଇରିଗେସନ୍ କର୍ପୋରେସନ୍ (OLIC) ପକ୍ଷରୁ ବିଭାଗର ବିଭିନ୍ନ ସଫଳତା ଓ ଉଲ୍ଲେଖନୀୟ କାର୍ଯ୍ୟ ସମ୍ପର୍କିତ 'Success Story' ପ୍ରଦର୍ଶିତ କରାଯାଇଥିଲା।ଜିଲ୍ଲାପାଳ ଶ୍ରୀ ଦାଶ ଉଠାଜଳ ସେଚନ ପ୍ରକଳ୍ପଗୁଡ଼ିକର କାର୍ଯ୍ୟାନ୍ୱୟନ ଓ ବିଦ୍ୟୁତୀକରଣ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ସହ ବିଭାଗୀୟ ଅଧିକାରୀମାନେ ପରସ୍ପର ମଧ୍ୟରେ ଉତ୍ତମ ସମନ୍ୱୟ ରଖି ସମୟବଦ୍ଧ ଭାବେ କାର୍ଯ୍ୟ ସମ୍ପାଦନ କରିବାକୁ ପରାମର୍ଶ ଦେଇଥିଲେ।

## ଛତୁ ଗୋଟାଇବାକୁ ଯାଇ ଭାଲୁ ଆକ୍ରମଣରେ ଗୁରୁତର

### ଦୁଇ ହାତରେ ଗୁରୁତର ଆଘାତ,ବିଶୋଇରୁ ବାରିପଦା ମେଡିକାଲକୁ ସ୍ଥାନାନ୍ତର

ବିଶୋଇ, ୦୮/୧୦ (ନି.ସୂ.) :ଜଙ୍ଗଲକୁ ଛତୁ ଗୋଟାଇବାକୁ ଯାଇ ଭାଲୁ ଆକ୍ରମଣରେ ଜଣେ ବ୍ୟକ୍ତି ଗୁରୁତର ଆହତ ହୋଇଛନ୍ତି। ଆହତ ବ୍ୟକ୍ତି ହେଲେ ବିଶୋଇ ରେଞ୍ଜ ଅଧୀନ ଖଡମବେଡା ପଞ୍ଚାୟତର ଅରଗଲବିନ୍ଧା ଗ୍ରାମର ରବିନ୍ଦ୍ର ସିଂ (୫୦)।ସୂଚନା ଅନୁଯାୟୀ, ରବିନ୍ଦ୍ର



ଗୁରୁବାର ସକାଳେ ଟୁଙ୍ଗରୁ ସଂରକ୍ଷିତ ଜଙ୍ଗଲର ରାଜାବସା ସେକ୍ସନ ଅନ୍ତର୍ଗତ ରାଜାବସା ବିଟ୍ ଅଞ୍ଚଳକୁ ଛତୁ ଗୋଟାଇବା ପାଇଁ ଯାଇଥିଲେ। ସେଠାରେ ହଠାତ୍ ଏକ ଭାଲୁ ତାଙ୍କ ଉପରେ ଆକ୍ରମଣ କରିଥିଲା।ଭାଲୁ ଆକ୍ରମଣରେ ରବିନ୍ଦ୍ରଙ୍କ ବାମ ହାତର ଦୁଇଟି ଆଙ୍ଗୁଳି ସମେତ ଡାହାଣ ହାତରେ ଗୁରୁତର ଆଘାତ ଲାଗିଛି। ଆକ୍ରମଣ ପରେ ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ବିଶୋଇ ମେଡିକାଲରେ ଭର୍ତ୍ତି କରିଥିଲେ। ତେବେ ତାଙ୍କ ଅବସ୍ଥା ଗୁରୁତର ଥିବାରୁ ଉନ୍ନତ ଚିକିତ୍ସା ପାଇଁ ବାରିପଦା ମେଡିକାଲକୁ ସ୍ଥାନାନ୍ତର କରାଯାଇଛି।ଘଟଣା ସମ୍ପର୍କରେ ବିଶୋଇ ରେଞ୍ଜ ବନ ବିଭାଗ ପକ୍ଷରୁ ତଥ୍ୟ ସଂଗ୍ରହ କରାଯାଇଛି। ଇନ୍‌ଚାର୍ଜ ରେଞ୍ଜ ଅଫିସର ଯଶୋବନ୍ତ ମହାକୁଡ଼ ଏବଂ ଫରେଷ୍ଟର ପ୍ରଭାତ ରଞ୍ଜନ ମହାନ୍ତ ଘଟଣାସ୍ଥଳରେ ପହଞ୍ଚି ଘଟଣାର ତଦନ୍ତ କରିବା ସହ ଆବଶ୍ୟକ ପଦକ୍ଷେପ ନେଇଥିବା ଜଣାପଡ଼ିଛି। ଜଙ୍ଗଲକୁ ଯିବା ସମୟରେ ସତର୍କତା ଅବଲମ୍ବନ କରିବା ସହ ବନ୍ୟଜନ୍ତୁଙ୍କ ଗତିବିଧି ପ୍ରତି ସଚେତନ ରହିବାକୁ ବନ ବିଭାଗ ପକ୍ଷରୁ ସ୍ଥାନୀୟ ଲୋକଙ୍କୁ ସତର୍କ କରାଯାଇଛି।

## ଇନର ହ୍ୱିଲ୍ କ୍ଲବର ମହିଳା ସଶକ୍ତିକରଣ ଓ ପରିବେଶ ସୁରକ୍ଷା କାର୍ଯ୍ୟକ୍ରମ ଜିଲ୍ଲା ଅଧ୍ୟକ୍ଷାଙ୍କ ପରିଦର୍ଶନ

ଖୋରଧା,(ନି.ସୂ) : ଖୋରଧା ସମାଜସେବା କ୍ଷେତ୍ରରେ ଖୋରଧା ଇନର ହ୍ୱିଲ୍ କ୍ଲବ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନେଇଛି । ଏ ବାବଦରେ ସମୀକ୍ଷା କରିବା ପାଇଁ କ୍ଷେତ୍ର ପରିଦର୍ଶନରେ ଆସିଥିଲେ ଜିଲା ଅଧ୍ୟକ୍ଷା ଡକ୍ଟର ମଞ୍ଜୁଶା ବ୍ୟାସମପୟାମ । କ୍ଲବ ସଭାପତି କବିତା ପଟ୍ଟନାୟକଙ୍କ ଦ୍ୱାରା କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଥିଲା। ଏହି ଅବସରରେ କ୍ଲବ ସମ୍ପାଦିକା ସୌମା ପରିଜାଙ୍କ ଦ୍ୱାରା ପ୍ରୋଜେକ୍ଟର ମାଧ୍ୟମରେ କ୍ଲବ ପକ୍ଷରୁ ଗତ ଦିନଗୁଡ଼ିକରେ କରାଯାଇଥିବା ବିଭିନ୍ନ ସେବାମୂଳକ କାର୍ଯ୍ୟ ଓ ପ୍ରକଳ୍ପ ସମ୍ପର୍କରେ ଉପସ୍ଥାପନା କରାଯାଇଥିଲା । ଜିଲା ଅଧ୍ୟକ୍ଷକ୍ଷ ଡକ୍ଟର ମଞ୍ଜୁଶା ବ୍ୟାସପ୍ୟାମ ଝିଅ ଓ ମହିଳାଙ୍କ ଶିକ୍ଷା,ସଶକ୍ତିକରଣ ସହ ପରିବେଶ ସୁରକ୍ଷା ଦିଗରେ ଅଧିକ କାର୍ଯ୍ୟ କରିବାକୁ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ଶାନ୍ତିଦାନ କଲୋନୀର ୨୦ ଜଣ ମହିଳାଙ୍କୁ ବସ୍ତ୍ର ଓ ଖାଦ୍ୟ ସାମଗ୍ରୀ ବଣ୍ଟନ କରାଯାଇଥିଲା। ସେହିପରି ପୋଷ୍ଟମ୍ୟାନ ବୋର ସୋରେନ ଙ୍କୁ ସଂଗୀତା ସକ୍ଷମନ୍ତଙ୍କ ଦ୍ୱାରା ୧ ହଜାର ଟଙ୍କା ଆର୍ଥିକ ସହାୟତା ତଥା କଲେଜ ଛାତ୍ରୀ ଗୁନଗୁନ୍ ରାଓ ଓ ପ୍ରିୟଦର୍ଶିନୀ ବେହେରାଙ୍କୁ ୨ହଜାର ଟଙ୍କାର ଆର୍ଥିକ ସହାୟତା, ସ୍ୱୟଂପ୍ରଭା ପଟ୍ଟନାୟକଙ୍କ ପକ୍ଷରୁ ପ୍ରଦାନ କରାଯାଇଥିଲା । ସାମ୍ବାଦିକତା ଓ ସାମାଜିକ ସେବା କ୍ଷେତ୍ରରେ ଅବଦାନ ପାଇଁ ସାମ୍ବାଦିକ ସମରେନ୍ଦ୍ର ବଳିଆରସିଂହ, ସାମ୍ବାଦିକ ରାଜେଶ ମହାନ୍ତି, ମହମଦ ଫଜଲୁର ରେହମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିସହ ଆଇଏସଓ ଅମିତ ସିହ୍ନାଙ୍କୁ 'ବେଷ୍ଟ କପଲ୍' ପୁରସ୍କାର ପ୍ରଦାନ କରାଯାଇଥିବାବେଳେ ବରିଷ୍ଠ ସଦସ୍ୟା ଶ୍ରଦ୍ଧା ପଟ୍ଟନାୟକ, ପରିବେଶବିତ, ସମାଜସେବୀ ସୁକାନ୍ତି ପଟ୍ଟନାୟକଙ୍କୁ ପୁରସ୍କୃତ କରାଯାଇଥିଲା । ଏଡିଏମ୍ ନିର୍ମଳା, ଏଡିଟର ଜ୍ୟୋତ୍ସ୍ନା ପଟ୍ଟନାୟକଙ୍କ ଦ୍ୱାରା 'କରୁଣା' ପତ୍ରିକା ଉନ୍ମୋଚିତ ହୋଇଥିଲା।କାର୍ଯ୍ୟକ୍ରମରେ ମନ୍ଦିରା ଦେ, ଭାରତୀ ମିଶ୍ର, ଅଞ୍ଜଳି ଦାସ, ଇନ୍ଦୁମତୀ ସାହୁ, ତନ୍ମୟା ସାହୁ, ପ୍ରଶାନ୍ତି ସାହୁ, ସଙ୍ଗୀତା ସାମନ୍ତ, ରେଣୁପ୍ରଭା ପଟ୍ଟନାୟକ, ପ୍ରଜ୍ଞା ପଟ୍ଟନାୟକ, କନକଲକ୍ଷ୍ମୀ ମହାନ୍ତି ଓ ସୁକାନ୍ତି ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ରହି ମଞ୍ଚ ପରିଚାଳନାରେ ସହଯୋଗ କରିଥିଲେ । ଶେଷରେ ଅଞ୍ଜଳି ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## ପ୍ରେମ ବିବାହରେ ଜାତି ସାଜିଛି ବାଧକ,ଥାନାର ଦ୍ୱାରସ୍ଥ ହେଲେ ଯୁବତୀ

ରାଜନଗର, ୮। ୧୦(ନି.ସୂ):ପ୍ରେମରୁ ସାତବର୍ଷଧରି ଲିଭ ଇନରେ ରହିବା ପରେ ବିବାହର ପ୍ରତିଶୃତି ଦେଇ ପ୍ରେମିକାକୁ ନିଜ ଘରକୁ ନେଇଆସିଥିଲା ପ୍ରେମିକ। ପ୍ରେମ ବିବାହରେ ଜାତି ସାଜିଲା ବାଧକ। ପ୍ରେମିକାକୁ ଛାଡି ଦେଇ ପ୍ରେମିକ ଫେରାର ହୋଇଯାଇଛି। ପ୍ରେମିକା ଶେଷରେ ରାଜନଗର ଥାନାରେ ପହଞ୍ଚି ପ୍ରେମିକ ନାମରେ ଅଭିଯୋଗ କରିଛି। ନ୍ୟାୟ ଭିକ୍ଷା କରିଛି। ନ୍ୟାୟ ନ ପାଇଲେ ଜୀବନ ହାରିବ ବୋଲି ଧମକ ଦେଇଛି। ରାଜନଗର ବ୍ଲକ ମହିଷାସୁର ପଞ୍ଚାୟତ ଚଣ୍ଡୀଆପଲ୍ଲୀ ଗ୍ରାମର ନଳିନୀ କାନ୍ତ ଦାଶଙ୍କ ପୁଅ ଅମରେନ୍ଦ୍ର ଭୁବନେଶ୍ୱରରେ ରହୁଥିଲେ। ତାଙ୍କର ରାଜକନିକା ବ୍ଲକ କାଟଣା ପଞ୍ଚାୟତର ଜୈନେକ ଯୁବତୀଙ୍କ ସହିତ ପ୍ରେମ ସମ୍ପର୍କ ଗଢିଉଠିଥିଲା। ଅମରେନ୍ଦ୍ର ଯୁବତୀଙ୍କୁ ବିବାହର ପ୍ରତିଶ୍ରୁତି ଦେଇ ଶାରୀରିକ ସମ୍ପର୍କ ରଖିବା ସହ ଉଭୟେ ଲିଭ ଇନ୍ ରେ ରହୁଥିଲେ। ଏପରିକି ଉଭୟେ ବାଙ୍ଗାଲୋର ଯାଇଥିଲେ। ଅମରେନ୍ଦ୍ର ଦୁଇଦିନ ତଳେ ସଂପୃକ୍ତ ଯୁବତୀଙ୍କୁ ଧରି ନିଜଘରକୁ ଚାଲିଆସିଥିଲେ। ଅମରେନ୍ଦ୍ର ଉଚ୍ଚ ଜାତିର ହୋଇଥିବା ବେଳେ ଯୁବତୀ ଜଣକ ଅନ୍ୟ ଜାତିର ହୋଇଥିବାରୁ ଅମରେନ୍ଦ୍ରଙ୍କ ବାପା ଓ



ମା ଏ ବିବାହକୁ ବିରୋଧ କରିଥିଲେ। ଅମରେନ୍ଦ୍ର ପରିବାର ଚାପରେ ଯୁବତୀଙ୍କୁ ଛାଡିଦେଇ ଫେରାର ହୋଇଯାଇଛନ୍ତି। ଅନ୍ୟ ଉପାୟ ନପାଇ ଯୁବତୀ ରାଜନଗର ଥାନାରେ ଅଭିଯୋଗ କରିଛନ୍ତି। ସେ ଭୁବନେଶ୍ୱରର ଏକ କମ୍ପାନୀ ରେ କାମ କରନ୍ତି। ଅମରେନ୍ଦ୍ର ନିଜ ଭଉଣୀର ବିବାହ ପାଇଁ ତାଙ୍କ ଠାରୁ ଦେଢଲକ୍ଷ ଟଙ୍କା ନେଇଥିବା ଅଭିଯୋଗରେ ଦର୍ଶାଇଛନ୍ତି। ରାଜନଗର ପୋଲିସ ମାମଲା ରୁଜୁ କରି ଘଟଣାର ଅନୁଧ୍ୟାନ କରୁଛି।

## ୧୬ ନମ୍ବର ଜାତୀୟ ରାଜପଥରେ ଓଡ଼ିଶା ବନ୍ଦର ପ୍ରଭାବ : ଧର୍ମଶାଳା କଂଗ୍ରେସ ନେତା କିଶାନ ପଣ୍ଡାଙ୍କ ନେତୃତ୍ୱରେ ଇଣ୍ଡିଆ ମେଣ୍ଟର ବିକ୍ଷୋଭ

କୁଆଖିଆ, ୮/୧୦(ନି.ସୂ): ଇଣ୍ଡିଆ ମେଣ୍ଟ ପକ୍ଷରୁ ଆହୂତ ଓଡ଼ିଶା ବନ୍ଦ ଡାକରାର ପ୍ରଭାବ ୧୬ ନମ୍ବର ଜାତୀୟ ରାଜପଥ ତଥା ଧର୍ମଶାଳା ଅଞ୍ଚଳରେ ବ୍ୟାପକ ଭାବେ ଦେଖିବାକୁ ମିଳିଛି। ଧର୍ମଶାଳା କଂଗ୍ରେସର ବିଧାୟକ ପ୍ରାର୍ଥୀ କିଶାନ ପଣ୍ଡାଙ୍କ ସଫଳ ନେତୃତ୍ୱରେ ବହୁସଂଖ୍ୟକ ନେତା ଓ କର୍ମୀ ରାଜପଥକୁ ଓହ୍ଲାଇ ଶାନ୍ତିପୂର୍ଣ୍ଣ ଭାବେ ପିକେଟିଂ ଓ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି।ଆଜି ସକାଳୁ କିଶାନ ପଣ୍ଡାଙ୍କ ସମେତ ଇଣ୍ଡିଆ ମେଣ୍ଟର କର୍ମକର୍ତ୍ତାମାନେ ହାତରେ ଦଳୀୟ ପତାକା, ବ୍ୟାନର ଓ ପ୍ଲାକାର୍ଡ ଧରି ୧୬ ନମ୍ବର ଜାତୀୟ ରାଜପଥ ଉପରେ ଛିଡ଼ା ହୋଇ ଯାନବାହନ ଚଳାଚଳକୁ ସମ୍ପୂର୍ଣ୍ଣ ଠପ୍ କରିଦେଇଥିଲେ। ଏହି ବନ୍ଦ ଆନ୍ଦୋଳନ ଫଳରେ ଜାତୀୟ ରାଜପଥର ଉଭୟ ପାର୍ଶ୍ୱରେ ଶହ ଶହ ଟ୍ରକ, ଭାରୀ ଯାନବାହନ ଓ ଅନ୍ୟାନ୍ୟ ଗାଡ଼ିମୋଟର ଅଟକି ରହି ଦୀର୍ଘ ଧାଡ଼ି ଜମିଥିଲା।ସ୍ଥାନୀୟ ଦୋକାନ ବଜାର, ବ୍ୟବସାୟିକ ପ୍ରତିଷ୍ଠାନ ଓ ଗମନାଗମନ ସେବା ବନ୍ଦ ରହିଥିବା ବେଳେ ଆନ୍ଦୋଳନକାରୀମାନେ ସରକାରୀ ନୀତି ବିରୋଧରେ ସ୍ଲୋଗାନବାଜି କରିଥିଲେ। କୌଣସି ଅପ୍ରୀତିକର ପରିସ୍ଥିତିକୁ ଏଡ଼ାଇବା ପାଇଁ ଏବଂ ଆଇନ ଶୃଙ୍ଖଳା ପରିସ୍ଥିତି ବଜାୟ ରଖିବା ପାଇଁ ସ୍ଥାନୀୟ ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା।

## ପ୍ରଦେଶ କଂଗ୍ରେସ କମିଟି ଡାକରା କ୍ରମେ ନୂଆପଡ଼ା ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ନୂଆପଡ଼ା ବନ୍ଦ ଡାକରା, ବନ୍ଦ ସଫଳ

ନୂଆପଡା,୦୮/୧୦(ନି.ସୂ): ପ୍ରଦେଶ କଂଗ୍ରେସ କମିଟି ଡାକରା କ୍ରମେ ନୂଆପଡ଼ା ଜିଲ୍ଲା କଂଗ୍ରେସ କମିଟି ପକ୍ଷ ରୁ ନୂଆପଡ଼ା ବନ୍ଦ ଡାକରା, ବନ୍ଦ ସଫଳ ହୋଇଥିବା ପ୍ରଦେଶ କଂଗ୍ରେସ କମିଟି ଡାକରା କ୍ରମେ ନୂଆପଡ଼ା ଜିଲ୍ଲା କଂଗ୍ରେସ କମିଟି ପକ୍ଷ ରୁ ନୂଆପଡ଼ା ବନ୍ଦ ଡାକରା, ବନ୍ଦ ସଫଳ ହୋଇଥିବା ବେଳେ ଦୋକାନ ବଜାର, ଗାଡ଼ି ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ ହୋଇଅଛି। ଏମ୍ ଡି ଏମ ଆଇନ କୁ ରଦ କରିବା ସହ ଏସ ଆଇ ଆର ରେ କଟା ଯାଇଥିବା ଭୋଟର ଙ୍କୁ ସାମିଲ ଏବଂ ମୁଖ୍ୟ ନିର୍ବାଚନ କମିଶନ ଜ୍ଞାନେଶ କୁମାରଙ୍କୁ ଇସ୍ତଫା ଦାବୀ ଏବଂ ପାଠ୍ୟ ପୁସ୍ତକରେ ତ୍ରୁଟି ନେଇ ଓଡ଼ିଶା ଶିକ୍ଷାମନ୍ତ୍ରୀ ଇସ୍ତଫା ଦାବୀ କରିଛନ୍ତି। ଏହି ବନ୍ଦ ପାଳନ ରେ ସରକାରୀ, ବେ-ସରକାରୀ ଅନୁଷ୍ଠାନ, ଶିକ୍ଷା ଅନୁଷ୍ଠାନ, ବ୍ୟାଙ୍କ ଏବଂ ପୋଷ୍ଟ ଅଫିସ,



ସହ ଜାତୀୟ ରାଜପଥକୁ ବିଭିନ୍ନ ସ୍ଥାନ ଅବରୋଧ କରିଥିଲେ। ଖଡ଼ିଆଳ ଆମ୍ବେଦକର ଛକ ଠାରେ ବନ୍ଦ ପାଳିତ ହେବା ସହ ଖଡ଼ିଆଳ ବ୍ଲକ ଛକ ଠାରେ ଜାତୀୟ ରାଜପଥ ଅବରୋଧ ହୋଇଅଛି। ରାଜ୍ୟ ସମ୍ପାଦକ କମଲ ଚରଣ ତାଣ୍ଡିଙ୍କ ନେତୃତ୍ୱ ନେଇଥିବା ବେଳେ ପ୍ରବୀଣ ପଟ୍ଟନାୟକ, ଅଭିଷେକ ଜଗତ, ବହୁ କର୍ମୀ ଯୋଗ ଦେଇ ମୋଟର ସାଇକେଲ ରେଲି ଏବଂ ପିକେଟିଙ୍ଗ କରିଥିଲେ। ସେହିପରି ନୂଆପଡ଼ା, ଖଡ଼ିଆଳ, କୋମନା, ସିନାପାଲି ଏବଂ ବୋଡ଼େନ ଥରେ ବନ୍ଦ ପାଳିତ ହୋଇଅଛି। ଅନେକ ସ୍ଥାନ ରେ ବିଜୁ ଏକ୍ସପ୍ରେସ ୱେକୁ ମଧ୍ୟ ଅବରୋଧ କରିଛନ୍ତି।

## ପରୀକ୍ଷା ହଲରୁ ଫେରିଲେ ଆଦର୍ଶ ବିଦ୍ୟାଳୟର ଛାତ୍ରୀଛାତ୍ର

### ଓଡିଶା ବନ୍ଦ ଡାକରା ବାଲିଆପାଳରେ ଶତ ପ୍ରତିଶତ ସଫଳ,ଦୋକାନ ବଜାର ସ୍କୁଲ କଲେଜ ବନ୍ଦ

ବାଲିଆପାଳ,୮/୧୦( ନି.ସୂ):ଭୋଟ ଚୋରି ଅଭିଯୋଗରେ ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାର ଙ୍କ ଇସ୍ତଫା ଓ ଗିରଫ ଦାବି, ପିଲାଙ୍କ ପଢା ବହିରେ ବହୁ ପରିମାଣରେ ଭୁଲ,ଏବଂ ସଂଶୋଧିତ ନୂତନ ବାହି ବଣ୍ଟନ ରେ ବିଳମ୍ବ ହେତୁ ଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ଇସ୍ତଫା, ଓଡ଼ିଶା ରୁ ଏମଏମଡିଆର ଆଇନ ପ୍ରତ୍ୟାହାର ସହିତ ବନ୍ୟା କ୍ଷତିଗ୍ରସ୍ତ ଙ୍କୁ ତୁରନ୍ତ କ୍ଷତି ପୂରଣ ଓ କୃଷି ଋଣ ଛାଡ ଦାବିରେ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟିର ସଭାପତି ଭକ୍ତ ଚରଣ ଦାସଙ୍କ ଆହ୍ୱାନ କ୍ରମେ ବସ୍ତା ନିର୍ବାଚନ ମଣ୍ଡଳୀର ବରିଷ୍ଠ କଂଗ୍ରେସ ନେତା ବିଜନ ନାୟକଙ୍କ ନେତୃତ୍ୱ ରେ ଗୁରୁବାର ଓଡିଶା ବନ୍ଦ ଡାକରା ବାଲିଆପାଳ ରେ ଶତ ପ୍ରତିଶତ ସଫଳ



ହୋଇଛି। ଲୋକେ ସ୍ୱତ ପ୍ରବୃତ ଭାବରେ ଦୋକାନ ବଜାର ବନ୍ଦ ରଖିଥିବାର ଦେଖିବକୁ ମିଳିଥିଲା। ଏହି ବନ୍ଦ ଡାକରା ରେ କଂଗ୍ରେସର କର୍ମୀ ଙ୍କ ସହିତ ସିପିଏମଆଇ ଦଳର ବହୁ କର୍ମୀ ଦଳୀୟ ପତାକା ଧରି ବାଲିଆପାଳ ବ୍ଲକ ଛକ କୁ ସମ୍ପୂଣ୍ଣ ବନ୍ଦ କରି ଦେଇଥିଲେ। କେବଳ ଦୁଇ ଚକିଆ ଯାନ କୁ ଛାଡ଼ି ଦେଲେ ସବୁ ଚାରିଚକିଆ ଓ ତିନି ଚକିଆ ଜନ ଚଳା ଚଳ ବନ୍ଦ ଥିଲେ । ସ୍କୁଲ୍, କଲେଜ, ପୋଷ୍ଟଅଫିସ, ତହସିଲ ସହିତ ସରକାରୀ ଓ ବେସରକାରୀ ବସ ଚଳାଚଳ ବନ୍ଦ ଥିଲା। ଏମିତିକି ବଳରାମପୁର ଆଦର୍ଶ ବିଦ୍ୟାଳୟକୁ ପରୀକ୍ଷା ଦେବାକୁ ଯାଇ ଛାତ୍ରୀ ଛାତ୍ର ପରୀକ୍ଷା ନଦେଇ ପରୀକ୍ଷା ହଲ ରୁ ଫେରିଥିବା ର ସୂଚନା ମିଳିଛି। ବାଲିଆପାଳ ବ୍ଲକ କଂଗ୍ରେସ ସଭାପତି ମୁରଲୀ ମନୋହର ସାହୁଙ୍କ ପରିଚାଳନରେ ଅନୁଷ୍ଠିତ ବନ୍ଦ ଡାକରା ରେ ବରିଷ୍ଠ କଂଗ୍ରେସ ନେତା ଶ୍ରୀ ନାୟକ, ମଧୁସୂଦନ ବାରିକ ,ଜଗନ୍ନାଥ ବାରିକ, ଶ୍ରୀଧର ବିଶ୍ୱାଳ, ସୁଶାନ୍ତ ପାତ୍ର,ସଞ୍ଜୀବ ମହାଳିକ,ମୁନା ପରିଡ଼ା,ଜଗନ୍ନାଥ ଗଙ୍ଗେଇ,ସିପିଆଇଏମ ନେତା ମୃତ୍ୟୁଞ୍ଜୟ ରାଉତ, ଅଚିନ୍ତା ମହାନ୍ତି, ସୁଚନା ଅଧିକାର ଆଇନ ବାଲିଆପାଳ ଶାଖାର ଆବାହକ ଅନୁଜ କୁମାର ମାହାପାତ୍ର ଆରତୀ ବେହେରା, ଗୌରୀ ମଣି ଖଣ୍ଡା, କୁନି ଖଣ୍ଡା, ଅନ୍ନପୂର୍ଣ୍ଣା ଖଣ୍ଡା, ସସ୍ମିତା ରାଉଳ, ପ୍ରମିଳା ରାଉଳ, ସଂଧ୍ୟା ରାଣୀ ବେହେର,ସସ୍ମିତା କମିଲା ଙ୍କ ସହିତ ବହୁ କଂଗ୍ରେସ ଓ ସିପିଆଇଏମ ନେତା କର୍ମୀ ଏହି ବନ୍ଦ ଡ଼ାକରାରେ ସାମିଲ ଥିଲେ। ସେହିପର ଦେଭୋଗରେ ସନ୍ନ୍ୟାସୀ ଜେନା, ଭବେଶ ପ୍ରଧାନ, ରାମ ଚନ୍ଦ୍ର ରାଉତ, ବାପି ମହାନ୍ତି, ଖପରାପଦାରେ ଚନ୍ଦନ ରାଜ ଚିରୁ ଦେ, ଲଙ୍ଗଳେଶ୍ୱରରେ କାର୍ତ୍ତୀକ ଦାସ, ଲକ୍ଷ୍ମୀଧର ସାମନ୍ତ,ଏସକେ କମିରୁଦ୍ଦୀନ,ଏସକେ ବାବୁ ,ପଞ୍ଚୁପାଳି ରେ ସରପଞ୍ଚ ଦିଲ୍ଲୀପ ଗିରି,ହାରେକୃଷ୍ଣ ସେନାପତି, ଗୋପାଳ ଦାସ,ନୂଆଁଗାଁ ରେ ହୃଷୀକେଶ ପଣ୍ଡା, ପ୍ରଶାନ୍ତ ଦାସ, କଳିପଦାରେ ବଡ଼ାଶ ସରପଞ୍ଚ ଜଗନ୍ନାଥ ବିଶ୍ୱାଳ, ତୀର୍ଥ ନଗର, ଭାଗବତ ବିଶ୍ୱାଳ, କମଳା କାନ୍ତ ଜେନା , ମାୟାଧର କୁହଳାରି , ମାନସ କୁମାର ସାହୁ ଙ୍କ ନେତୃତ୍ୱରେ ଏହି ସବୁ ସ୍ଥାନରେ ବନ୍ଦ ପାଳନ ହୋଇଥିଲା।

## ଲେବର କାର୍ଡ ଜଣା ନଥିବା ହିତାଧିକାରୀଙ୍କୁ ବାଟ ଦେଖେଇଥିବା ଲୋକ ହରଡ଼ ଘଣାରେ



ଆନନ୍ଦପୁର ୮/୦୧୦: କେନ୍ଦୁଝର ଜିଲ୍ଲା ହାଟଡିହି ବ୍ଲକ ଅକରୁଆ ଗ୍ରାମ ପଞ୍ଚାୟତ ଅକୋରୁଆ ଗ୍ରାମ ର ବେଙ୍ଗ ଜେନା ଗୀତାଞ୍ଜଳି ଜେନା ଝରଣା ଜେନା ରବୀନ୍ଦ୍ର ଜେନା ପବନା ଜେନା କମଳା ଜେନା ପ୍ରଭାତୀ ଜେନା ମୌସୁମୀ ଜେନା ବାସନ୍ତୀ ଜେନାଙ୍କ ର ଲେବର କାର୍ଡ ପାଇଁ ପରିଚିତ ଲୋକ ଉପେନ୍ଦ୍ର ସାହୁ ଙ୍କୁ ଜଣାଇ ଥିଲେ । ଉପେନ୍ଦ୍ର ସାହୁ ଜନସେବା କେନ୍ଦ୍ରରେ ଆବେଦନ କରିବା ପାଇଁ କହିଥିଲେ । ହିତାଧିକାରୀ ଜନସେବା କେନ୍ଦ୍ର ରେ ଆବେଦନ ପରେ ହାଟଡିହି ବ୍ଲକ ଲେବର ଅଫିସର ପାଖକୁ ଯାଇଥିଲେ। ସୂଚନା ଏହିକି ହିତାଧିକାରୀଙ୍କ ପରିଚିତ ଲୋକ ଉପେନ୍ଦ୍ରଙ୍କୁ କିଛି ଗଣ ମାଧ୍ୟମ ଟଙ୍କା ମାଗି ଥିଲେ ଉପେନ୍ଦ୍ର ଟଙ୍କା ନ ଦେବାରୁ ବୁମ ଖୋଲି ଉପେନ୍ଦ୍ର ଙ୍କୁ ବଦନାମ କରିବା ପାଇଁ ଅପଚେଷ୍ଟା ଚଳାଇଥିଲେ । ହିତାଧିକାରୀ ରୋକ ଠୋକ କୌଣସି ଲୋକଙ୍କୁ ଟଙ୍କା ଦେଇ ନାହୁଁ ପ୍ରତିକ୍ରିୟା ଦେଇଥିଲେ । ନିୟୁଜକୁ ବେଶ କରି ଲେବର ଅଫିସ ର ସନ୍ଦେହରେ  ନନ୍ଦୀପଦା ଥାନାରେ ଉପେନ୍ଦ୍ର ସାହୁ ଙ୍କ ନାମରେ ଅଭିଯୋଗ ଦେଇଥିଲେ । ଘଟଣା ର ସତ୍ୟା ସତ୍ୟ ହିତାଧିକାରୀଙ୍କ ପାଖରେ ଥିବା ବେଳେ ହିତାଧିକାରୀ କୌଣସି ଅଭିଯୋଗ କରି ନଥିବା ବେଳେ ଏଭଳି ଖବର କିଛି ଅର୍ଥ ପାଇଁ ଉପେନ୍ଦ୍ର ସାହୁ ଙ୍କୁ ବଦନାମ ସମ୍ମାନ ହାନି ହୋଇଛି ଉପେନ୍ଦ୍ର ମତ ପ୍ରକାଶ କରିଥିଲେ ।

## ବିଷମ କଟକରେ ଅଦ୍ଭୁତ ଶିଶୁ କନ୍ୟା ଜନ୍ମ

### ଦେଖିବାକୁ ପ୍ରବଳ ଗହଳି; ମା' ଓ ଶିଶୁ ବିଷମକଟକ ସ୍ଥାନାନ୍ତର

ବିଷମକଟକ:୮/୧୦(ନି.ସୂ):ରାୟଗଡ଼ା ଜିଲ୍ଲା ବିଷମକଟକ ବ୍ଲକ୍ ସାହାଡ଼ା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ଏକ ଅସ୍ୱାଭାବିକ ତଥା ବିରଳ ଶିଶୁ କନ୍ୟା ଜନ୍ମ ନେଇଥିବା ଘଟଣା ସାମ୍ନାକୁ ଆସିଛି। ନବଜାତ ଶିଶୁଟିର ମୁହଁର ଗଠନ ଅତ୍ୟନ୍ତ ନିଆରା ରହିଛି। ତାହାର  ଗୋଟିଏ ଆଖି ଏବଂ ଗୋଟିଏ ନାକପୁଡ଼ା ରହିଛି। ବିଷମ କଟକ ବ୍ଲକ୍ ସାହାଡ଼ା ପଂଚାୟତ ଡାଙ୍ଗଗୁଡ଼ା ଗ୍ରାମର ବାରିକାଣି କଲାକାଙ୍କ ଗର୍ଭରୁ ଏଭଳି ଏକ ଅଦ୍ଭୁତ ଶିଶୁ କନ୍ୟା ଜନ୍ମ ହୋଇଛି ।  ସାହାଡ଼ା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରର ମହିଳା ସ୍ୱାସ୍ଥ୍ୟ କର୍ମୀଙ୍କ ସୂଚାନୁଯାଇ ଶିଶୁଟି ଆଜି ଅର୍ଥାତ୍ ଗୁରୁବାର ଅପରାହ୍ନ ୨ ଟା ୦୫ ମିନିଟ୍ ରେ ଜନ୍ମ ହୋଇଥିବା ସେ କହିଛନ୍ତି । ଶିଶୁଟିର ଓଜନ ୨ କିଲୋ ୭୦୦ ଗ୍ରାମ୍ ରହିଅଛି । ଏଭଳି ଏକ ଆଶ୍ଚର୍ଯ୍ୟଜନକ ଖବର ପ୍ରଚାରିତ ହେବା ପରେ ସମଗ୍ର ଅଞ୍ଚଳରେ ତୀବ୍ର ଚାଞ୍ଚଲ୍ୟ ଖେଳିଯାଇଛି। ଏହି ଅଲୌକିକ ଶିଶୁ କନ୍ୟାଟିକୁ ନିଜ ଆଖିରେ ଦେଖିବା ପାଇଁ ଆଖପାଖ ଅଞ୍ଚଳରୁ ବହୁ ସଂଖ୍ୟାରେ ଲୋକ ସାହାଡ଼ା ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ରୁଣ୍ଡ ହୋଇଥିଲେ। ଫଳରେ ସ୍ୱାସ୍ଥ୍ୟକେନ୍ଦ୍ରରେ କିଛି ସମୟ ପାଇଁ ପ୍ରବଳ ଗହଳି ଚହଳି ସୃଷ୍ଟି ହୋଇଥିଲା।ଡାକ୍ତରୀ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ନବଜାତ ଶିଶୁଟି ବର୍ତ୍ତମାନ ସୁସ୍ଥ ରହିଛି; ମାତ୍ର ପ୍ରସବ ପରେ ମା'ଙ୍କ ସ୍ୱାସ୍ଥ୍ୟାବସ୍ଥା ସାମାନ୍ୟ ଅସୁସ୍ଥ ରହିଛି। ପ୍ରାଥମିକ ଚିକିତ୍ସା ପରେ ଉଭୟଙ୍କୁ ଡାକ୍ତରୀ ଟିମ୍ର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଉନ୍ନତ ଚିକିତ୍ସା ପାଇଁ ବିଷମକଟକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ଥାନାନ୍ତର  କରାଯାଇଛି।



## ଶିଶୁ ସୁରକ୍ଷା ପ୍ରତି ବିଦ୍ୟୁତ୍ ବିପଦ

### ବାଡ଼ ବିହୀନ ଟ୍ରାନ୍ସଫର୍ମର;  ଜୀବନ ପ୍ରତି ବିପଦ

ନୂଆପଡ଼ା – ୮/୧୦( ନି ସୂ) : ନୂଆପଡ଼ା ଜିଲ୍ଲା ବୋଡ଼େନ ବ୍ଲକ ଲିଟିସର୍ଗି ପଞ୍ଚାୟତ ଅଧିନସ୍ଥ ଦହନାପାଲି, ଲିଟିସର୍ଗି ଓ ଅଁଳାଭଟା ଗ୍ରାମରେ ଦେଖିବାକୁ ମିଳୁଛି ବିଦ୍ୟୁତ୍ ଟ୍ରାନ୍ସଫର୍ମର ପାଖରେ ନା ଅଛି ବାଡ଼ ନା ଅଛି ପରିବେଷ୍ଟନି । ରାସ୍ତା ପାର୍ଶ୍ୱରେ ତଥା ଅଙ୍ଗନୱାଡ଼ି କେନ୍ଦ୍ର ସମ୍ମୁଖରେ ଥିବା ଏହି ବିପଦ ଶିଶୁ ଓ ଅନ୍ୟ ଲୋକଙ୍କ ଜୀବନ ପ୍ରତି ବିପଦର ଆଶଙ୍କା ରହୁଛି । ବିଦ୍ୟୁତ୍ ବିଭାଗ ଏଥି ପ୍ରତି ଦୃଷ୍ଟି ଦେବା ସହିତ ଜିଲ୍ଲା ପ୍ରଶାସନ ଏହାର ସମାଧାନ ନିମିତ୍ତ  ଭବିଷ୍ୟତର ଦୁର୍ଘଟଣା ଏଡାଇବା ପାଇଁ ଉଚିତ୍ ପଦକ୍ଷେପ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି ।



## କଂଗ୍ରେସ ପକ୍ଷରୁ ଓଡ଼ିଶା ବନ୍ଦ ଡାକରା ପାଟଣାଗଡ଼ ଉପଖଣ୍ଡରେ ସମ୍ପୂର୍ଣ୍ଣ ସଫଳ



ପାଟଣାଗଡ଼ ୬/୧୦: କଂଗ୍ରେସ ଓ ଇଣ୍ଡି ମେଣ୍ଟ ପକ୍ଷରୁ ଡ଼ାକରା ଦିଆଯାଇଥିବା ୧୨ ଘଣ୍ଟିଆ ଓଡ଼ିଶା ବନ୍ଦ ପ୍ରଭାବ ରେ ପାଟଣାଗଡ଼ ଓ ବଲାଙ୍ଗୀର ଅଞ୍ଚଳରେ ବ୍ୟାପକ ଭାବେ ଦେଖିବାକୁ ମିଳିଛି। ସକାଳୁ ସକାଳୁ ପାଟଣାଗଡ଼ ଏବଂ ଏହାର ଆଖପାଖ ଅଞ୍ଚଳରେ ସମସ୍ତ ବ୍ୟବସାୟିକ ପ୍ରତିଷ୍ଠାନ, ଦୋକାନ ବଜାର ଓ ସରକାରୀ ଓ ବେସରକାରୀ ସ୍କୁଲ କଲେଜ, କୋର୍ଟ ପ୍ରାୟତଃ ବନ୍ଦ ରହିଥିଲା। ୪ ଦଫା ଦାବି ନେଇ କଂଗ୍ରେସ ଓ ଇଣ୍ଡି ମେଣ୍ଟ ପକ୍ଷରୁ ଦିଆଯାଇଥିବା ଓଡ଼ିଶା ବନ୍ଦ ଡାକରା ପ୍ରଭାବ ଗୁରୁବାର ସକାଳୁ ପାଟଣାଗଡ଼ ସମେତ ବିଭିନ୍ନ ଅଞ୍ଚଳ ପରିଲକ୍ଷିତ ହେଉଛି। ବନ୍ଦ ଯୋଗୁଁ ବସ୍ ,ଅଟୋ ଚଳାଚଳ ପ୍ରଭାବିତ ହୋଇଥିବାବେଳେ ଯାତ୍ରୀମାନେ ନାନା ଅସୁବିଧାର ସମ୍ମୁଖୀନ ପଡ଼ିଛନ୍ତି। ଏହି ପରିପ୍ରେକ୍ଷୀରେ ଆଜି ପାଟଣାଗଡ଼ ବ୍ଲକ ଛକରେ କଂଗ୍ରେସ ଜିଲ୍ଲା ଉପସଭାପତି ଅଜିତ କୁମାର ପୁରୋହିତଙ୍କ ନେତୃତ୍ୱରେ ଜିଲ୍ଲା କିଷାନ କଂଗ୍ରେସ ଅଧ୍ୟକ୍ଷ ପତିତପାବନ ପଧାନ, ଡିସିସି ଚନ୍ଦନ ସାହୁ, ପାଟଣାଗଡ଼ ବ୍ଲକ ସଭାପତି ସାଧୁ ଚରଣ ମେହେର, ନଗର କଂଗ୍ରେସ ସଭାପତି ବିଦ୍ୟାଧର ମେହେର,ଯୁବ କଂଗ୍ରେସ ସଭାପତି କେଶବ ଶିକାଙ୍କ ସହ ଦଳିୟ କର୍ମୀମାନେ ପେକେଟିଂ କରି ବନ୍ଦ କୁ ସଫଳ କରିବା ପାଇଁ ରାସ୍ତା ଅବରୋଧ କରିବା ସହ ଶାନ୍ତିପୂର୍ଣ୍ଣ ପ୍ରତିବାଦ ପ୍ରଦର୍ଶନ କରିଥିଲେ। କଂଗ୍ରେସ ଓ ସହଯୋଗୀ ଦଳ ଗୁଡିକ ତଥା କଂଗ୍ରେସ ରାଜ୍ୟ ସଭାପତି ଭକ୍ତ ଚରଣ ଦାସଙ୍କ ଆହ୍ୱାନ ରେ ମୂଖ୍ୟତଃ ୪ ଦଫା ଦାବି ନେଇ ଏହି ରାଜ୍ୟବ୍ୟାପୀ ଆନ୍ଦୋଳନ କରିଛନ୍ତି। ନୂତନ ମାଇନିଙ୍ଗ ଆଇନ୍ର  ପ୍ରତ୍ୟାହାର,ଭୋଟର ତାଲିକା ସ୍ୱେଶାଲ ଇଣ୍ଟେନସିଭ ରିଭିଜନ ପ୍ରସଙ୍ଗରେ ମୂଖ୍ୟ ନିର୍ବାଚନ କମିଶନଙ୍କ ଇସ୍ତଫା ଦାବି, ପାଠ୍ୟପୁସ୍ତକ ରେ ତ୍ରୁଟି ବିରୋଧରେ କାର୍ଯ୍ୟାନୁଷ୍ଠାନ ସହ ଗଣଶିକ୍ଷା ମନ୍ତ୍ରୀଙ୍କ ଇସ୍ତଫା ଦାବି , ରାଜ୍ୟରେ ଉପଯୁକ୍ତ ବନ୍ୟା ସହାୟତା ଯୋଗାଇ ଦେବା ଆଦି ଦାବି କରିଛନ୍ତି। ଏହି ବନ୍ଦରୁ ଜରୁରୀକାଳୀନ ସେବା ଓ ପରିକ୍ଷାର୍ଥୀ ମାନଙ୍କୁ ବାଦ୍ ଦିଆଯାଇଥିଲା। ପାଟଣାଗଡ଼ ରେ ଏହାର ବ୍ୟାପକ ସଫଳତା ପରିଲକ୍ଷିତ ହୋଇଥିଲା।

## ମୁନିଗୁଡ଼ା–ଅମ୍ବାଦଳା ଅଚଳ

### ରାସ୍ତାରୋକ, ସରକାରୀ କାର୍ଯ୍ୟାଳୟ ଓ ଶିକ୍ଷାନୁଷ୍ଠାନ ବନ୍ଦ

ମୁନିଗୁଡ଼ା, ୮।୧୦:(ନି.ସୂ): ରାଜ୍ୟବ୍ୟାପୀ ଓଡ଼ିଶା ବନ୍ଦ ଡାକରାର ପ୍ରଭାବ ରାୟଗଡ଼ା ଜିଲ୍ଲା ମୁନିଗୁଡ଼ା ଓ ଅମ୍ବାଦଳା ଅଞ୍ଚଳରେ ଦେଖିବାକୁ ମିଳିଛି। ମୁନିଗୁଡ଼ା ବ୍ଲକ କଂଗ୍ରେସର ବିଧାୟକ ପ୍ରତିନିଧି ମାନସ ବେହେରାଙ୍କ ନେତୃତ୍ୱରେ ସକାଳୁ କର୍ମୀମାନେ ଅମ୍ବାଦଳାରେ ମୁଖ୍ୟ ରାସ୍ତା ଅବରୋଧ କରିଥିଲେ। ଫଳରେ ଯାନବାହନ ଚଳାଚଳ ପ୍ରଭାବିତ ହେବା ସହ ଦୋକାନବଜାର ବନ୍ଦ ରହିଥିଲା। ଦୂରଦୂରାନ୍ତକୁ ଯାତ୍ରା କରୁଥିବା ଯାତ୍ରୀମାନେ ହଇରାଣ ହୋଇଥିଲେ। ସେହିପରି ଆମ୍ବଦଳାରେ ମୁନିଗୁଡା ବ୍ଲକ କଂଗ୍ରେସ ସଭାପତି ନୀଳାମ୍ବର ବିଭାରଙ୍କ ନେତୃତ୍ୱରେ ସାଂସଦ ପ୍ରତିନିଧି ରଜନୀ କାନ୍ତ ପୋଡ଼ାଲ,ଯୁବ କଂଗ୍ରେସ ନେତା ବାଦଲ ବେହେରା,ଅମ୍ବାଦଳା ଅଞ୍ଚଳର କଂଗ୍ରେସ କର୍ମୀ



ପୁଷ୍କର ବାଗ,ଧନୁର୍ଜ୍ୟ କୁସୁଲିଆ,ପ୍ରଭାକର ବାଗଙ୍କ ସମେତ ଆନ୍ଦୋଳନକାରୀମାନେ  ଅମ୍ବାଦଳା ଭବାନୀପାଟଣା ମୁଖ୍ୟ ରାଜ ରାସ୍ତା ବନ୍ଦ କରିବା ସହ ରାଲିରେ ବାହାରି ବିଭିନ୍ନ ସରକାରୀ କାର୍ଯ୍ୟାଳୟ, ବ୍ୟାଙ୍କ ଓ ଶିକ୍ଷାନୁଷ୍ଠାନ ସମ୍ମୁଖରେ ପିକେଟିଂ କରିଥିଲେ। ଅମ୍ବାଦଳା ହାଇସ୍କୁଲ,ସାମନ୍ତ କଲେଜ,ଖୋଲା ଥିବା ଦେଖି କଂଗ୍ରେସ କର୍ମୀମାନେ ସେଠାରେ ପହଞ୍ଚି ନାରାବାଜି କରିବା ସହ ବନ୍ଦ ପାଳନରେ ସହଯୋଗ କରିବାକୁ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଥିଲେ।

ଖଣି ଆଇନ ଉଲ୍ଲଂଘନଜନିତ ବକେୟା ୧୧୦ କୋଟି ଟଙ୍କାର ରାଜସ୍ୱ ତୁରନ୍ତ ଆଦାୟ, ଭୋଟ ଚୋରି ଅଭିଯୋଗ ପ୍ରସଙ୍ଗରେ ନିର୍ବାଚନ କମିଶନରଙ୍କ ଇସ୍ତଫା ଏବଂ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପାଠ୍ୟପୁସ୍ତକର ତ୍ରୁଟି ସଂଶୋଧନ ଦାବିରେ ଏହି ବନ୍ଦ ପାଳନ କରାଯାଇଥିବା କଂଗ୍ରେସ ନେତାମାନେ କହିଥିଲେ। ଏଥିସହ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀଙ୍କ ଇସ୍ତଫା ମଧ୍ୟ ଦାବି କରାଯାଇଥିଲା। ବନ୍ଦକୁ ଏ ଆଇ କେ ଏମ ଏସ ଓ ସିପିଆଇଏମଏଲ ପକ୍ଷରୁ ମଧ୍ୟ ସମର୍ଥନ ଦିଆଯାଇଥିଲା। ମୁନିଗୁଡ଼ା ଓ ଅମ୍ବାଦଳାରେ ବନ୍ଦ ପାଳନ ଶାନ୍ତିପୂର୍ଣ୍ଣ ରହିଥିବା ବେଳେ ଆଇନଶୃଙ୍ଖଳା ରକ୍ଷା ପାଇଁ ପୋଲିସ ମୁତୟନ ହୋଇଥିଲା।

## ମୋହନାରେ ବନ୍ଦ ର ପ୍ରଭାବ: ୩୨୬ ନଂ ଜାତୀୟ ରାଜପଥ ଅବରୋଧ

ମୋହନା, ୮/୧୦: ଗଜପତି ଜିଲ୍ଲା ମୋହନାରେ ଓଡିଶା ବନ୍ଦ ର ପ୍ରଭାବ ଦେଖିବାକୁ ମିଳିଛି। ଏସଆଇଆର ପ୍ରସଙ୍ଗ ରେ ସିଇସିଙ୍କ ଇସ୍ତଫା, ଏମଏମଡ଼ିଅକ୍ଷର ପ୍ରତ୍ୟାହାର, ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ଇସ୍ତଫା ଆଦି ୪ ଦଫା ଦାବିରେ ୧୨ ଘଣ୍ଟିଆ ଓଡିଶା ବନ୍ଦ ଡାକରା ଦେଇଥିଲା କଂଗ୍ରେସ। ଏଥିପାଇଁ ମୋହନକ୍ଷ ବ୍ଲକ କଂଗ୍ରେସ ପକ୍ଷରୁ ଆନ୍ଦୋଳନ ସହ ୩୨୬ ନମ୍ବର ଜାତୀୟ ରାଜପଥ ଅବରୋଧ କରାଯାଇଥିଲା। କଂଗ୍ରେସ କର୍ମୀଙ୍କ ସହ ସିପିଆଇଏମ କର୍ମୀ ପିକେଟିଂ କରିଥିଲେ। କର୍ମୀମାନେ ମୋହନା ହାଇସ୍କୁଲ ଛକ,  ଲୁହାଗୁଡି ଛକ,



ଚନ୍ଦ୍ରଗିରି, ମହେନ୍ଦ୍ରଗଡ଼ ସମେତ ବିଭିନ୍ନ ସ୍ଥାନରେ ୩୨୬ ନଂ ଜାତୀୟ ରାଜପଥ ଅବରୋଧ କରି ନାରାବାଜି ଦେଇଛନ୍ତି । ବନ୍ଦ ଯୋଗୁଁ ଜାତୀୟ ରାଜପଥରେ ଗାଡି ଚଳାଚଳ ସମ୍ପୂର୍ଣ୍ଣ ବାଧାପ୍ରାପ୍ତ ହୋଇଥିବା ବେଳେ ବ୍ୟବସାୟିକ ପ୍ରତିଷ୍ଠାନ ଗୁଡ଼ିକ ବନ୍ଦ ରହିଥିଲା । ଏହି ଆନ୍ଦୋଳନ ରେ ବରିଷ୍ଠ କଂଗ୍ରେସ ନେତା ବାଳକୃଷ୍ଣ ମଲ୍ଲିକ, ନିର୍ମଳ ପାଲ, ପ୍ରଦେଶ କଂଗ୍ରେସ ସମ୍ପାଦିକା ଲକ୍ଷ୍ମୀ ଶବର, ସରପଞ୍ଚ ରେଜିନା ପ୍ରଧାନ, କୈଳାଶ ବଡ଼ରଇତ ପ୍ରମୁଖ ସାମିଲ ଥିଲେ । ତେବେ ମୋହନା ବିଧାୟକ ଦାଶରଥି ଗମାଙ୍ଗ ଏହି ବନ୍ଦରେ ସାମିଲ ହୋଇନଥିବା ଦେଖିବାକୁ ମିଳିଛି । କଂଗ୍ରେସ ରୁ ଦୁଇ ଥର ବିଧାୟକ ଥିବା ଦାଶରଥି ଗତ ରାଜ୍ୟସଭା ନିର୍ବାଚନ ପରେ ଦଳରୁ ନିଲମ୍ବିତ ହୋଇଛନ୍ତି । ତଥାପି କଂଗ୍ରେସ ର କିଛି ପୁରୁଖା ଓ ଯୁବ କର୍ମୀଙ୍କୁ ନେଇ ଅଞ୍ଚଳ ବୁଲୁଛନ୍ତି ବିଧାୟକ । ଆଜିର ଆନ୍ଦୋଳନ ରେ ବିଧାୟକ ସାମିଲ ହୋଇନଥିବା ଯୋଗୁଁ ବିଭିନ୍ନ ମହଲରେ ରାଜନୈତିକ ଆଲୋଚନା ହେଉଛି ।

## ବିଭିନ୍ନ ସ୍ଥାନରେ ଓଡ଼ିଶା ବନ୍ଦ ସଫଳ

## ଇଣ୍ଡିଆ ମେଣ୍ଟର ଓଡ଼ିଶା ବନ୍ଦରେ ଗୁଣପୁର ସମ୍ପୂର୍ଣ୍ଣ ପ୍ରଭାବିତ

### ୪ ଦଫା ଦାବିରେ ବାଇପାସ୍ ଛକରେ ରାସ୍ତାରୋକୋ, ଟାୟାର ଜାଳି ପ୍ରତିବାଦ

ଗୁଣପୁର, ୦୮।୧୦(ନି.ସୂ) : ଇଣ୍ଡିଆ ମେଣ୍ଟ ପକ୍ଷରୁ ଦିଆଯାଇଥିବା ଓଡ଼ିଶା ବନ୍ଦ ଡାକର ପ୍ରଭାବ ଗୁଣପୁର ସହରରେ ପରିଲକ୍ଷିତ ହୋଇଛି। ବନ୍ଦ ଯୋଗୁଁ ସହରରେ ଦୋକାନବଜାର ବନ୍ଦ ରହିବା ସହ ଯାନବାହନ ଚଳାଚଳ ମଧ୍ୟ ପ୍ରଭାବିତ ହୋଇଥିଲା। ସିପିଆଇ(ଏମଏଲ୍) ଲିବରେସନ ଓ କଂଗ୍ରେସର ନେତା ଓ କର୍ମୀମାନେ ଗୁଣପୁର ବାଇପାସ୍ ଛକରେ ଟାୟାର ଜାଳି ରାସ୍ତାରୋକୋ କରି ବନ୍ଦକୁ ସମର୍ଥନ ଜଣାଇଥିଲେ। ଇଣ୍ଡିଆ ମେଣ୍ଟ ପକ୍ଷରୁ ମୁଖ୍ୟତଃ ୪ ଦଫା ଦାବି ନେଇ ଏହି ବନ୍ଦ ଡାକରା ଦିଆଯାଇଥିଲା। ଏଥିମଧ୍ୟରେ ଏମଏମଡିଆର ସଂଶୋଧିତ ଅଧିନିୟମ ପ୍ରତ୍ୟାହାର, ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାରଙ୍କ ବହିଷ୍କାର ଓ ଗିରଫ ଦାବି, ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ ପ୍ରକ୍ରିୟା ପ୍ରତ୍ୟାହାର ଏବଂ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ଇସ୍ତଫା/ ବହିଷ୍କାର ସହ ବନ୍ୟା ପ୍ରଭାବିତ ଅଞ୍ଚଳ ପ୍ରତି



ସରକାରଙ୍କ ଉଦାସୀନତା ଦୂର କରିବା ଆଦି ଦାବି ରହିଥିଲା । ପ୍ରତିବାଦକାରୀମାନେ ମୁଖ୍ୟ ନିର୍ବାଚନ କମିଶନରଙ୍କୁ ବହିଷ୍କାର କରିବା ସହ ଝଓଜ ପ୍ରକ୍ରିୟା ତୁରନ୍ତ ବନ୍ଦ କରିବାକୁ ଦାବି କରିଥିଲେ। ଏସ୍ଆଇଆର ପ୍ରକ୍ରିୟାରେ ଭୁଲ୍ବଶତଃ ଭୋଟର ତାଲିକାରୁ ବାଦ ପଡ଼ିଥିବା ଲୋକଙ୍କ ଭୋଟଦାନ ଅଧିକାର ପୁନଃସ୍ଥାପନ ଏବଂ ନିର୍ବାଚନ ଆୟୋଗର ସ୍ୱାଧୀନ ଓ ଗଣତାନ୍ତ୍ରିକ କାର୍ଯ୍ୟପ୍ରଣାଳୀ ପୁନଃସ୍ଥାପନ ପାଇଁ ମଧ୍ୟ ଦାବି ଉଠିଥିଲା। ଏଥିସହ ନିର୍ବାଚନ କମିଶନରଙ୍କ ନିଯୁକ୍ତି ବ୍ୟବସ୍ଥାରେ ସୁପ୍ରିମକୋର୍ଟଙ୍କ ପ୍ରସ୍ତାବିତ ଚୟନ କମିଟି ବ୍ୟବସ୍ଥାକୁ ଅନୁସରଣ କରିବାକୁ ଆନ୍ଦୋଳନକାରୀମାନେ ଦାବି କରିଥିଲେ। ଏହି ଅବସରରେ ସିପିଆଇ(ଏମଏଲ୍) ଲିବରେସନ ଜିଲ୍ଲା ସମ୍ପାଦକ ତ୍ରିପତି ଗମାଙ୍ଗ ଓ ଗୁଣପୁର ବିଧାୟକ ସତ୍ୟଜିତ ଗମାଙ୍ଗଙ୍କ ସମେତ ଅନାସିମ ଶବର, କୈଳାସ ଶବର, ମିନ ଶବର, ସଞ୍ଜୟ ଶବର, ମେରୀ ଗମାଙ୍ଗ, ମାଥ୍ୟୁ ଭୂଇଁ, ସନ୍ତୋଷ ଶବର ଓ ରଞ୍ଜନ କୁମାର ରାଇକା ପ୍ରମୁଖ ଉପସ୍ଥିତ ରହି ବନ୍ଦ ପାଳନକୁ ସଫଳ କରିଥିଲେ। ସରକାର ଦାବିଗୁଡ଼ିକ ଉପରେ ଶୀଘ୍ର ପଦକ୍ଷେପ ନ ନେଲେ ଆଗାମୀ ଦିନରେ ଆନ୍ଦୋଳନକୁ ଆହୁରି ତୀବ୍ର କରାଯିବ ବୋଲି ଇଣ୍ଡିଆ ମେଣ୍ଟ ପକ୍ଷରୁ କୁହାଯାଇଛି।

## ବଡ଼ଚଣା କଂଗ୍ରେସ ଦୁଇ ଭାଗରେ ବନ୍ଦ ପାଳନ କଲା

ବଡ଼ଚଣା/ଚଣ୍ଡିଖୋଲ ୮/୧୦: ବଡ଼ଚଣା ନିର୍ବାଚନ ମଣ୍ଡଳୀରେ ଇଣ୍ଡି ମେଣ୍ଟ ତରଫରୁ ବନ୍ଦ ଡାକରାକୁ ଭାଗ ଭାଗ ହୋଇ କଂଗ୍ରେସ ଦଳ ବନ୍ଦ କରିଥିବା ଦେଖିବାକୁ ମିଳିଛି। ଯାହାକି କଂଗ୍ରେସର ଦଳୀୟ କନ୍ଦଳ ଦାଣ୍ଡ ରେ ପଡି ହାଟ ରେ ଗଡୁଛି। ଏମଏମଡିଆର ଆଇନକୁ ବିରୋଧ କରିବା ସହିତ ଜ୍ଞାନେଶ କୁମାର ଓ ନିତ୍ୟାନନ୍ଦ ଗଣ୍ଡ ଙ୍କ ଇସ୍ତଫା ଦାବି ଏବଂ ଦରଦାମ ଅତ୍ୟଧିକ ବୃଦ୍ଧିର ପ୍ରତିବାଦରେ ଇଣ୍ଡିମେଣ୍ଟ ପକ୍ଷରୁ ବନ୍ଦ ଡାକରା ଦିଆଯାଇଥିଲା।ଏହି ବନ୍ଦ କୁ ଯାଜପୁର ଜିଲ୍ଲା ବଡ଼ଚଣା କଂଗ୍ରେସ ଦଳ ପକ୍ଷରୁ ଭାଗ ଭାଗ ହୋଇ ବନ୍ଦ ପାଳନ



କରୁଥିବା ଦେଖିବାକୁ ମିଳିଛି। ବିଧାୟକ ପାର୍ଥି ଅଜୟ ସାମଲ ବାଲିଚନ୍ଦ୍ରପୁର ଛକ ଠାରେ ବନ୍ଦ କରୁଥିବା ବେଳେ,କଂଗ୍ରେସ ନେତା ସନ୍ତୋଷ ବଳ ଓ କଂଗ୍ରେସ ସଭାପତି ଚିନ୍ମୟ ପ୍ରଧାନ ଓ ଯୁବ ସଭାପତି ଚର୍ଚ୍ଚିତ ମାହାଲା ସମତେ ଚଣ୍ଡିଖୋଲ ଛକ ରେ ବନ୍ଦ ପାଳନ କରୁଥିବା ଦେଖିବାକୁ ମିଳିଥିଲା। କଂଗ୍ରେସ ବିଧାୟକ ପ୍ରାର୍ଥୀ ଅଜୟ ସାମଲ ଅନ୍ୟ ସମୟରେ ସବୁ ଆଡେ ବୁଲି ବନ୍ଦ ସମ୍ବନ୍ଧରେ ବୁଝା ସୁଝା କରିଥାନ୍ତି, କିନ୍ତୁ ଆଜି ବନ୍ଦ ରେ ସେପରି ଦେଖିବାକୁ ମିଳି ନ ଥିଲା। ଯାହାକି ସାଧାରଣ ବୁଦ୍ଧିଜୀବୀଙ୍କ ମଧ୍ୟରେ ଆଲୋଚନା ହେଉଥିବା ଶୁଣିବାକୁ ମିଳିଛି।ଆଜି ଦିନ ୧୨ ୩୦ ପର୍ଯ୍ୟନ୍ତ ଜାତୀୟ ରାଜପଥରେ ଗାଡି ଚଳାଚଳ ବନ୍ଦ ରହିଥିବା ବେଳେ ଚଣ୍ଡିଖୋଲ ଛକ ର ଦୋକାନ ବଜାର କାଁ ଭାଁ ବନ୍ଦ ଥିବା ଦେଖିବାକୁ ମିଳିଥିଲା।ଆଜିର ବନ୍ଦ ସମ୍ପୂର୍ଣ ପ୍ରଭାବ ପଡି ନ ଥିବା ଏ ଅଞ୍ଚଳ ବାସି ଙ୍କ ଆଲୋଚନା ରୁ ଜଣା ପଡିଛି। ଆଜି ଏହି ବନ୍ଦରେ  କମ୍ରେଡ ନେତା ଈଶ୍ୱର ଚନ୍ଦ୍ର ପରିଡା,ଅଜୟ ବିଶ୍ୱାଳ,ରଞ୍ଜନ ଜେନା,ସୁକାନ୍ତ ଜେନା,ବିଜୟ କୁମାର ଜେନା,ଭାସ୍କର ସେଠୀ, ଧିରେନ୍ଦ୍ର ଜେନା, ଦୁଷ୍ମନ୍ତ ସ୍ୱାଇଁ, ବିଚତ୍ରା ନନ୍ଦ ଜେନା, ରବିନ୍ଦ୍ର ଜେନା,ଓ କଂଗ୍ରେସ ଦଳ ପକ୍ଷରୁ , ନିରଞ୍ଜନ ସାହୁ,ନୀଳକଣ୍ଠ ମିଶ୍ର, ନଳିନୀ କାନ୍ତ ଜେନା,ଶ୍ରୀକାନ୍ତ ମହାନ୍ତି,ମାନଗୋବିନ୍ଦ ଦାସ, ଯୋଗେନ୍ଦ୍ର ନାୟକ,ଜୟ ପ୍ରକାଶ ବିଶ୍ୱାଳ ପ୍ରଭୁଦତ୍ତ ଜେନା,ପ୍ରମୁଖ ବନ୍ଦ ରେ ସାମିଲ ଥିଲେ।

## ରାୟଗଡ଼ାରେ ସମ୍ପୂର୍ଣ୍ଣ ପ୍ରଭାବ, ସ୍ୱେଚ୍ଛାକୃତ ଭାବେ ବନ୍ଦ ରହିଲା ଦୋକାନ ବଜାର



ରାୟଗଡା ୮/୧୦ : ଇଣ୍ଡିଆ ମେଣ୍ଟ ପକ୍ଷରୁ ଆଜି ସାରା ଓଡ଼ିଶାରେ ୧୨ ଘଣ୍ଟିଆ ବନ୍ଦ ଡାକରା ଦିଆଯାଇଥିବା ବେଳେ ରାୟଗଡ଼ା ଜିଲ୍ଲାରେ ଏହାର ବ୍ୟାପକ ପ୍ରଭାବ ଦେଖିବାକୁ ମିଳିଛି। ଜିଲ୍ଲାରେ ଗାଡ଼ି ଚଳାଚଳ ସମ୍ପୂର୍ଣ୍ଣ ପ୍ରଭାବିତ ହୋଇଥିବା ବେଳେ ସମସ୍ତ ଦୋକାନବଜାର, ଶିକ୍ଷାନୁଷ୍ଠାନ ଏବଂ ବିଭିନ୍ନ ଅଫିସ ବନ୍ଦ ରହିଛି। ଏହି ବନ୍ଦ ପାଳନ ସମ୍ପର୍କରେ ରାୟଗଡ଼ା ବିଧାୟକ ତଥା ଜିଲ୍ଲା କଂଗ୍ରେସ ସଭାପତି ଆପଲସ୍ୱାମୀ କାଡ୍ରାକା ନିଜର ପ୍ରତିକ୍ରିୟା ରଖିଛନ୍ତି। ପ୍ରଦେଶ କଂଗ୍ରେସ କମିଟି ସଭାପତିଙ୍କ ନିର୍ଦ୍ଦେଶ କ୍ରମେ ଆଜି ଏହି ରାଜ୍ୟବ୍ୟାପୀ ବନ୍ଦ ଡାକରା ଦିଆଯାଇଛି ବୋଲି ସେ ପ୍ରକାଶ କରିଛନ୍ତି। ମୁଖ୍ୟତଃ ତିନୋଟି ଦାବିକୁ ନେଇ କଂଗ୍ରେସ ଏବଂ ଇଣ୍ଡିଆ ମେଣ୍ଟ ରାଜରାସ୍ତାକୁ ଓହ୍ଲାଇଛି। ସେଗୁଡ଼ିକ ହେଲା ଏମଏମଡିଆର ବିଲ୍ର ପ୍ରତ୍ୟାହାର, ଦୁର୍ନୀତି ଏବଂ ଭୋଟ ଚୋରି ଅଭିଯୋଗରେ ନିର୍ବାଚନ କମିଶନରଙ୍କ ଇସ୍ତଫା ଦାବି ଏବଂ ରାଜ୍ୟର ଶିକ୍ଷା ବ୍ୟବସ୍ଥାର ମେରୁଦଣ୍ଡ ଭାଙ୍ଗିବାକୁ ହେଉଥିବା ଯୋଜନାର ପ୍ରତିବାଦରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ଇସ୍ତଫା ଦାବି।

ସକାଳ ୬ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଏହି ୧୨ ଘଣ୍ଟିଆ ବନ୍ଦ ପାଳନ ଜାରି ରହିବ। ତେବେ ଜରୁରୀକାଳୀନ ସେବାଗୁଡ଼ିକୁ ଏହି ବନ୍ଦରୁ ବାଦ୍ ଦିଆଯାଇଛି। ଆମ୍ବୁଲାନ୍ସ, ପୋଲିସ ଗାଡ଼ି, ରୋଗୀଙ୍କୁ ନେଇ ଯାଉଥିବା ଗାଡ଼ି, ଔଷଧ ଦୋକାନ ଏବଂ ଡାକ୍ତରଖାନା ଆଦି ଖୋଲା ରହିବ ବୋଲି ଶ୍ରୀ କାଡ୍ରାକା ସ୍ପଷ୍ଟ କରିଛନ୍ତି। ରାୟଗଡ଼ା ସହରବାସୀ ଏହି ବନ୍ଦକୁ ସ୍ୱେଚ୍ଛାକୃତ ଭାବେ ସମର୍ଥନ ଜଣାଇ ନିଜ ନିଜର ଦୋକାନବଜାର ବନ୍ଦ ରଖିଛନ୍ତି ବୋଲି ବିଧାୟକ କହିଛନ୍ତି। ଯେଉଁ ଦିନ ପର୍ଯ୍ୟନ୍ତ ଏହି ଦାବିଗୁଡ଼ିକ ପୂରଣ ନହୋଇଛି ଏବଂ ସମ୍ପୃକ୍ତ ଅଧିକାରୀ ଓ ମନ୍ତ୍ରୀ ଇସ୍ତଫା ନଦେଇଛନ୍ତି, ସେ ପର୍ଯ୍ୟନ୍ତ ଆଗକୁ ମଧ୍ୟ ଏହି ଆନ୍ଦୋଳନ ଜାରି ରହିବ ବୋଲି ସେ ଚେତାବନୀ ଦେଇଛନ୍ତି।

## କୋଣାର୍କରେ କଂଗ୍ରେସ ଓ ସିପିଆଇର ୧୨ ଘଣ୍ଟିଆ ଓଡିଶା ବନ୍ଦ ସଫଳ

କୋଣାର୍କ ୮/୧୦(ନି.ସୂ): ବିଶ୍ୱ ପ୍ରସିଦ୍ଧ ପର୍ଯ୍ୟଟନ ସ୍ଥଳୀ କୋଣାର୍କ ଠାରେ କଂଗ୍ରେସ ଓ ଇଣ୍ଡିମେଣ୍ଟର ସହଯୋଗୀ ସିପିଆଇ ପକ୍ଷରୁ ସ୍ୱତନ୍ତ୍ର ସଘନ ସଂଶୋଧନ ନାମରେ ଭୋଟର ତାଲିକାରୁ ଯୋଗ୍ୟ ଭୋଟର ମାନଙ୍କ ନାମ କାଟି ନାଗରିକ ମାନଙ୍କୁ ସେମାନଙ୍କର ମୌଳିକ ଅଧିକାରରୁ ବଞ୍ଚିତ କରିଥିବା ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାରଙ୍କ ଇସ୍ତଫା ସମେତ ୪ ଦଫା ଦାବି ନେଇ କୋଣାର୍କ ଠାରେ ଓଡିଶା ବନ୍ଦକୁ ଅଭୁତପୂର୍ବ ସଫଳତା ଓ ପ୍ରଭାବ ଅନୁଭୂତ ହୋଇଥିଲା। ଖବରରୁ ପ୍ରକାଶ ଯେ ଗୁରୁବାର ସକାଳ ସମୟରେ କୋଣାର୍କ ନଗର କଂଗ୍ରେସ ସଭାପତି ସ୍ୱାଧିନ ନାୟକ, ବରିଷ୍ଠ ସିପିଆଇ ନେତା ମନୋରଞ୍ଜନ ପରିଡା ଓ ସୁକାନ୍ତ କୁମାର ମହାନ୍ତିଙ୍କ ନେତୃତ୍ୱରେ ଶତାଧିକ କଂଗ୍ରେସ ଓ ସିପିଆଇ ନେତା ଓ କର୍ମୀ ମାନେ ସୂର୍ଯ୍ୟ ମନ୍ଦିର ମୁଖ୍ୟ ଫାଟକ ସମ୍ମୁଖରେ ନାରାବାଜି ଓ ସ୍ଲୋଗାନ ମାନ ଦେଇ ବିଶ୍ୱ ଐତିହ୍ୟ ସୂର୍ଯ୍ୟ ମନ୍ଦିର ବନ୍ଦ କରିଥିଲେ। ପରେ ପରେ କଂଗ୍ରେସ ଓ ସିପିଆଇ ନେତା ଓ କର୍ମୀମାନେ କୋଣାର୍କ ଠାରୁ ବନାଖଣ୍ଡି ଛକ



ପର୍ଯ୍ୟନ୍ତ ପିକେଟିଂ କରି ପ୍ରେଟୋଲ ପମ୍ପ, ଦୋକାନ ବଜାର, ହୋଟେଲ, ବ୍ୟବସାୟିକ ପ୍ରତିଷ୍ଠାନ, ଗାଡି ଚଳାଚଳ ବନ୍ଦ କରି ଶାନ୍ତିପୂର୍ଣ୍ଣ ଭାବେ ଦାୟିତ୍ୱ ସଂପାଦନ କରିଥିଲେ। ଏହି ବନ୍ଦ ଯୋଗୁଁ ଗାଡି ଚଳାଚଳ ଠପ ହୋଇଯିବାର ବିଶ୍ୱ ପ୍ରସିଦ୍ଧ ପର୍ଯ୍ୟଟନ ସ୍ଥଳୀ କୋଣାର୍କ ସୂର୍ଯ୍ୟ ମନ୍ଦିର ପର୍ଯ୍ୟଟନ ଶୂନ୍ୟ ହୋଇ ପଡିଥିବା ଦେଖିବାକୁ ମିଳିଥିଲା। ଏହି ବନ୍ଦରେ କୋଣାର୍କରେ ସମସ୍ତ ଦୋକାନ ବଜାର, ହୋଟେଲ, ବ୍ୟବସାୟିକ ପ୍ରତିଷ୍ଠାନ, ଶିକ୍ଷାନୁଷ୍ଠାନ ସମେତ ସରକାରୀ କାର୍ଯ୍ୟାଳୟରେ ଉନ୍ନୟନ କାର୍ଯ୍ୟ ବିଶେଷ ଭାବରେ ପ୍ରଭାବିତ ହୋଇଛି। ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାରଙ୍କ ଇସ୍ତଫା, ପ୍ରଥମ ଶ୍ରେଣୀରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପାଠ୍ୟ ପୁସ୍ତକରେ ଗୁରୁତର ତ୍ରୁଟି ଯୋଗୁଁ ଛାତ୍ରଛାତ୍ରୀମାନଙ୍କ ଶିକ୍ଷାଦାନ ବିପର୍ଯ୍ୟସ୍ତ, ରାଜ୍ୟ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଇସ୍ତଫା ଓ ଏମଏମଡିଆର ଆଇନ ପ୍ରତ୍ୟାହାର ଦାବିରେ କଂଗ୍ରେସ ସମେତ ସିପିଆଇ ପକ୍ଷରୁ କୋଣାର୍କ ଠାରେ ସକାଳ ୬ ଘଟିକା ଠାରୁ ସନ୍ଧ୍ୟା ୬ ଘଟିକା ପର୍ଯ୍ୟନ୍ତ ଏହି ୧୨ ଘଣ୍ଟିଆ ବନ୍ଦ ଶାନ୍ତି ଶୃଙ୍ଖଳାର ସହିତ ଅନୁଷ୍ଠିତ ହୋଇଥିଲା। ଏହି ବନ୍ଦ ପାଳନରେ କୋଣାର୍କ ନଗର କଂଗ୍ରେସ ସଭାପତି ସ୍ୱାଧିନ ନାୟକ, କାକଟପୁର ନିର୍ବାଚନ ମଣ୍ଡଳୀର ଯୁବ ସଭାପତି ବିରଂଚି ନାରାୟଣ ପତି, ବରିଷ୍ଠ ସିପିଆଇ ନେତା ମନୋରଞ୍ଜନ ପରିଡା, ପୂର୍ବତନ କାଉନସିଲର ତଥା ସିପିଆଇ ନେତା ସୁକାନ୍ତ କୁମାର ମହାନ୍ତି, କଂଗ୍ରେସ ନେତା ଭରତ ଚନ୍ଦ୍ର ପାଢୀ, ପୂର୍ବତନ ନଗର କଂଗ୍ରେସ ସଭାପତି ଉପେନ୍ଦ୍ର କାଣ୍ଡି, ପୂର୍ବତନ ଉପନଗରପାଳ ସୁବୋଧ ଖଟୁଆ, ନଟବର ମହାରଣା, ଯୁବନେତା ପ୍ରତାପ କୁମାର କାଣ୍ଡି, ବରିଷ୍ଠ କଂଗ୍ରେସ ନେତା ଦେଶପ୍ରାଣ ଲେଙ୍କା, ଶତ୍ରୁଘ୍ନ ନାୟକ, ଲୋକନାଥ ବେହେରା, ସିପିଆଇ ନେତା ଲକ୍ଷ୍ମୀଧର ସ୍ୱାଇଁ, ଭାବଗ୍ରାହୀ ମାଝୀ, ଅତିଶ କୁମାର ସେଠୀ ଙ୍କ ସମେତ ଶତାଧିକ କଂଗ୍ରେସ ଓ ସିପିଆଇ କର୍ମୀ ବନ୍ଦ ପାଳନରେ ସାମିଲ ହୋଇଥିଲେ। କୋଣାର୍କ ଥାନା ଅଧିକାରୀ ପ୍ରଶାନ୍ତ କୁମାର ପଢିଆରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କୋଣାର୍କ ଥାନା ଏସଆଇ କେଦାର ଚନ୍ଦ୍ର ଦୋରାଙ୍କ ନେତୃତ୍ୱରେ ସୁରକ୍ଷା ବ୍ୟବସ୍ଥା କଡାକଡି କରାଯାଇଥିଲା।

## ଇଣ୍ଡିଆ ବ୍ଲକର ଓଡିଶା ବନ୍ଧ ଡାକରା ଜୟପୁରରେ ସମ୍ପୂର୍ଣ୍ଣ ସଫଳ ହୋଇଛି

ଜୟପୁର ୮/୧୦: ଜୟପୁରରେ ସମସ୍ତ ଦୋକାନ ବଜାର ସରକାରୀ କାର୍ଯ୍ୟାଳୟ ଠାରୁ ଆରମ୍ଭ କରି ସମସ୍ତ ଜାନ ବାହାନ ବନ୍ଧ ରହିଥିଲା ଟ୍ରାଫିକ ଛକ ଠାରେ କଂଗ୍ରେସ ଦଳର ସମସ୍ତ ନେତା କର୍ମୀ ଏକତ୍ରିତ ହୋଇ ବ୍ନ୍ଦକୁ ସଫଳ କରିଥିଲେ ଜୟପୁରର ମାନ୍ୟବର ବିଧାୟକ ଶ୍ରୀଯୁକ୍ତ ତାରା ପ୍ରସାଦ ବାହିନୀପତି ସାମିଲ ହୋଇ କହିଥିଲେ ଶାନ୍ତି ପୂର୍ଣ୍ଣ ବନ୍ଧ ଡାକରାକୁ ସଫଳ କରିଥିବାରୁ ସମସ୍ତ ବ୍ୟବଶାୟୀ ୟୁନିଅନ ବସ୍, ଟ୍ରକ ମାଲିକ ସଂଘ ସମସ୍ତଙ୍କୁ ଧନ୍ୟବାଦ ଜଣାଇଥିଲେ ଓଡିଶା ରେ ଜନବିରୋଧୀ ସରକାର ଚାଲିଛି ଏହି ସରକାର କୋରାପୁଟ ଜିଲ୍ଲାର ଖଣିଜ ସମ୍ପଦକୁ ବଡ ବଡ ଶିଳ୍ପପତି ଓ ଖଣି ମାଫିଆ ମାନଙ୍କୁ ଲୁଟର ସୁଯୋଗ ଦେବାକୁ ଚେଷ୍ଟା କରୁଛନ୍ତି ଏବଂଦେଶର ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାରଙ୍କୁ ତୁରନ୍ତ ତାଙ୍କ ପଦରୁ ବହିଷ୍କାର କରିବା ପାଇଁ କହିଥିଲେ, ସେହି ଭଳି ଓଡିଶାରେ ଶିକ୍ଷା ବ୍ୟବସ୍ଥାକୁ ବିଜେପି ସରକାରର ମନ୍ତ୍ରୀ ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ମଧ୍ୟକୁ ଠେଲି ଦେଇଛନ୍ତି । ପ୍ରଥମ ଶ୍ରେଣୀରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପାଠ୍ୟପୁସ୍ତକରେ ୧,୭୪୧ ଟି ଗୁରୁତର ଏବଂ ଲଜ୍ୟାଜନକ ଭୁଲ ଛପାଯିବା ଆମର ଲକ୍ଷ ଲକ୍ଷ ନିରୀହ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ସହ ଅକ୍ଷମଣୀୟ ଖେଳ ଖେଳିଛନ୍ତି ସେଥି ପାଇଁ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କୁ ତୁରନ୍ତ ମନ୍ତ୍ରୀ ପଦରୁ ବହିଷ୍କାର କରାଯାଉ ବୋଲି ଦାବୀ କରିଥିଲେ। ସେମିତି ଓଡିଶାରେ ବନ୍ୟା ବିପତିରେ ରାଜ୍ୟ ସରକାର ଲୋକଙ୍କୁ



ସତର୍କତାମୂଳକ ଆଗୁଆ ନିରାପଦ ସ୍ଥାନକୁ ସ୍ଥାନାନ୍ତର ଓ ରିଲିଫ୍ ଯୋଗାଣରେ ରାଜ୍ୟସରକାର ଦୟନୀୟ ଭାବେ ବିଫଳ ହୋଇଛି। ରାଜ୍ୟର ଚାଷ ସମ୍ପୂର୍ଣ୍ଣ ଭାବେ ଉଜୁଡି ଯାଇଛି । ତୁରନ୍ତ ଉପଯୁକ୍ତ କ୍ଷତିପୂରଣ ସହ କୃଷି ଋଣ ଛାଡ କରିବା ପାଇଁ କହିଥିଲେ। ଏଥିରେ ଜୟପୁର ପୌରାଧକ୍ଷ ଶ୍ରୀ ନରେନ୍ଦ୍ରକୁମାର ମହାନ୍ତି,ଜିଲ୍ଲା ଓବିସି ସେଲର ସଭାପତି ଶ୍ରୀ ନିହାରରଞ୍ଜନ ବିଶୋଇ,ପୂର୍ବତନ ପୌରାଉପାଧକ୍ଷ ଶ୍ରୀ ଦୁର୍ଗା ଶର୍ମା, ବିଶ୍ୱଜିତ ଦଣ୍ଡସେନା, ବଳରାମ ପାଣିଗ୍ରାହୀ, ଲକ୍ଷ୍ମୀକାନ୍ତ ପଟନାଇକ, ସୁକାନ୍ତ ପଟନାଇକ, ବି. ରମେଶ, ସୁରଜିତ ରାଉତରାୟ, ଏବଂ ବହୁ କର୍ମୀ ସାମିଲ ହୋଇଥିଲେ

## ଇଣ୍ଡିଆ ମେଣ୍ଟର ଆହ୍ୱାନରେ ଫିରିଙ୍ଗିଆ ବ୍ଲକ ବନ୍ଦ: ଜନଜୀବନ ପ୍ରଭାବିତ

କନ୍ଧମାଳ ୦୮/୧୦: ଇଣ୍ଡିଆ ମେଣ୍ଟର ଆହ୍ୱାନ କ୍ରମେ ଆଜି କନ୍ଧମାଳ ଜିଲ୍ଲା ସମେତ ଫିରିଙ୍ଗିଆ ବ୍ଲକରେ ବନ୍ଦ ପାଳନ କରାଯାଇଛି। ସକାଳୁ ଫିରିଙ୍ଗିଆର ବ୍ଲକ ଛକରେ କଂଗ୍ରେସ ଓ ମେଣ୍ଟର କର୍ମୀମାନେ ଟାୟାର ଜାଳି ପ୍ରତିବାଦ କରିବା ସହ ମୁଖ୍ୟ ରାସ୍ତା ଅବରୋଧ କରିଥିଲେ। ବନ୍ଦ ଯୋଗୁଁ ବସ୍ ଚଳାଚଳ ସମ୍ପୂର୍ଣ୍ଣ ଠପ୍ ରହିଥିବା ବେଳେ ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ ସମେତ ଦୋକାନ ବଜାର ବନ୍ଦ ରହିଥିଲା। ଫିରିଙ୍ଗିଆ ବ୍ଲକର ବିଭିନ୍ନ ଛକରେ କଂଗ୍ରେସ, ସମାଜବାଦୀ ପାର୍ଟି ଓ ସିପିଏମ୍ ? ସମେତ ଇଣ୍ଡିଆ ମେଣ୍ଟର କାର୍ଯ୍ୟକର୍ତ୍ତାମାନେ ପିକେଟିଂ କରିବାରୁ ଯାନବାହନ ଚଳାଚଳ ବାଧାପ୍ରାପ୍ତ ହୋଇଛି, ଯାହାଫଳରେ ସାଧାରଣ ଯାତାୟାତ ଗୁରୁତର ଭାବେ ପ୍ରଭାବିତ ହୋଇଛି। ଏହି ବନ୍ଦ ଆନ୍ଦୋଳନରେ ବ୍ଲକ କଂଗ୍ରେସ ସଭାପତି କୃପାସିନ୍ଧୁ ବିଶୋଇ, ଜି.ଉଦୟଗିରି ବିଧାୟକ ପ୍ରଫୁଲ୍ଲ ପ୍ରଧାନ, ଜିଲ୍ଲା ଜେନେରାଲ ସେକ୍ରେଟାରୀ ପ୍ରଭାତ କୁମାର ବେହେରା, ଜିଲ୍ଲା କଂଗ୍ରେସ ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ଦିଗାଲ, କିଶାନ ସେଲ୍ ସଭାପତି ମହେନ୍ଦ୍ର ମଲ୍ଲିକ, ୧୩ ନଂ ଜୋନ୍ ସଭାପତି ଗୋକୁଳ କହଁର, କ୍ରାଣ୍ଡିବାଲି ପଞ୍ଚାୟତ ଯୁବ ନେତା ସନ୍ତୋଷ କହଁର, କାଶିନିପଦର ପଞ୍ଚାୟତ ସଭାପତି କେଶବ ଦିଗାଲ, ୧୨ ନଂ ଜୋନ୍ ସଭାପତି ଭୀମସେନ କହଁର, ୧୨ ନଂ ଜୋନ୍ ସାଧାରଣ ସମ୍ପାଦକ ମୃତ୍ୟୁଞ୍ଜୟ ଦିଗାଲଙ୍କ ସମେତ ଅନେକ ନେତା ଓ କର୍ମୀ ପ୍ରମୁଖ ସାମିଲ ହୋଇଥିଲେ। ଜ୍ଞାନେଶ କୁମାରଙ୍କ ବରଖାସ୍ତ, ଏମ୍ଏମ୍ଡିଆର୍ ଆଇନ ରଦ୍ଦ, ନିତ୍ୟାନନ୍ଦ ଗଣ୍ଡଙ୍କ ଇସ୍ତଫା ଏବଂ ବନ୍ୟା ବିପନ୍ନଙ୍କୁ ତୁରନ୍ତ ସହାୟତା ଯୋଗାଇଦେବା ଭଳି ବିଭିନ୍ନ ପ୍ରମୁଖ ଦାବି ନେଇ ଏହି ବନ୍ଦ ଡାକରା ଦିଆଯାଇଥିଲା। ବନ୍ଦକୁ ଦୃଷ୍ଟିରେ ରଖି ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ପୋଲିସ ପକ୍ଷରୁ ବିଭିନ୍ନ ସମ୍ବେଦନଶୀଳ ସ୍ଥାନରେ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି।

Printed Published and owned By Satya Brata Patra, Published  from AT- Jhumpan, PO-Naguan, PS-Korai, Dist- Jajpur, Odisha, pin-755019 ,  Printed at M/S Janjalidevi Printers & Publishers, 131, Rajarani Nagar, Bhubaneswar, Dist-Khordha, Odisha, Pin-751014, E mail- nirbhaysuchana@gmail.com, advtnirbhaysuchana@gmail.com Mob: 9937403435
ସଂପାଦକ- ସତ୍ୟବ୍ରତ ପାତ୍ର
Editor - SATYA BRATA PATRA